

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
ସମ୍ବାଦ କଳିକା TM
The Sambad Kalika
e-paper www.sambadkalika.in
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
● ବର୍ଷ–୩୨ ● ସଂଖ୍ୟା–୨୮୮ ● ୧୬ ନଭେମ୍ବର ୨୦୨୫, ରବିବାର ● ଭୁବନେଶ୍ୱର ● Vol -32 ● Issue-288 ● 16th November 2025, Sunday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

### ରାଜ୍ୟସ୍ତରୀୟ ଜନଜାତୀୟ ଗୌରବ ଦିବସରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ

# ୧୩୪୫ କୋଟିର ପ୍ରକଳ୍ପ ଉଦ୍‌ଘାଟିତ

**ଭୁବନେଶ୍ୱର, ୧୫।୧୧**
**ନ୍ୟୁଜ୍ ବ୍ୟୁରୋ**



ବିର୍ସା ମୁଣ୍ଡା ଜଣେ ଦେଶପ୍ରେମୀ ସଂଗ୍ରାମୀ ଭାବରେ ଭାରତ ଇତିହାସରେ ସବୁଦିନ ପାଇଁ ଅମର ହୋଇ ରହିଛନ୍ତି। ଇଂରେଜ ଶାସନ ସମୟରେ ବିର୍ସା ଅନ୍ୟାୟ, ଅତ୍ୟାଚାରକୁ ବିରୋଧ କରି ବିହାର, ଝାଡଖଣ୍ଡ ଅଞ୍ଚଳର ସଂଗ୍ରାମୀ ମାନଙ୍କୁ ଏକାଠି କରି ଏକ ବଡ ଧରଣର ବିପ୍ଳବ ମାଧ୍ୟମରେ ଦେଶର ସ୍ୱାଧୀନତା ସଂଗ୍ରାମ ଇତିହାସରେ ଏକ ସ୍ୱତନ୍ତ୍ର ଫର୍ଦ୍ଦ ଯୋଡିଥିଲେ ବୋଲି ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଉରକେଲାଠାରେ ଆୟୋଜିତ ଶହୀଦ ବିର୍ସା ମୁଣ୍ଡାଙ୍କ ରାଜ୍ୟସ୍ତରୀୟ ୧୫୧ତମ ଜୟନ୍ତୀ 'ଜନଜାତୀୟ ଗୌରବ ଦିବସ' ଅବସରରେ ଭଗବାନ ବିର୍ସା ମୁଣ୍ଡାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ କହିଛନ୍ତି।

ସୂଚନା ଯୋଗ୍ୟ ଯେ, ଭଗବାନ୍ ବିର୍ସା ମୁଣ୍ଡାଙ୍କ ଜନ୍ମ ଦିବସକୁ ଦେଶବ୍ୟାପୀ ଜନଜାତୀୟ ଗୌରବ ଦିବସ ଭାବେ ପାଳନ କରାଯାଉଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁଜୁରାଟରୁ ଶହୀଦ ବିର୍ସା ମୁଣ୍ଡାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇଛନ୍ତି।

ରାଜ୍ୟସ୍ତରୀୟ ଜନଜାତୀୟ ଗୌରବ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ରାଉରକେଲାଠାରେ ସୁନ୍ଦରଗଡ ଜିଲ୍ଲା ପାଇଁ ୧୩୪୫ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଉଦ୍‌ଘାଟନ କରିବା ସହିତ ୬୦୯ କୋଟି ଟଙ୍କା ମୂଲ୍ୟର ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଉରକେଲା ସହରର ହନୁମାନ ବାଟିକା ଛକରୁ ପାୱାର ହାଉସ୍ ଛକ ପର୍ଯ୍ୟନ୍ତ ରାସ୍ତାକୁ ଭଗବାନ ବିର୍ସା ମୁଣ୍ଡା ରାସ୍ତା ଭାବେ ନାମିତ କରିଛନ୍ତି।

ଉପସ୍ଥିତ ରାଉରକେଲାବାସୀଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କିଶୋର ବୟସରୁ ବିର୍ସା ଉପନିବେଶବାଦୀ ଶୋଷଣ ବିରୋଧୀ ଜନପ୍ରତିରୋଧର *(ପୃଷ୍ଠା ୭ରେ)*

# ନୌଗାଓଁ ଥାନାରେ ବଡ ବିସ୍ଫୋରଣରେ ୯ ମୃତ

**ଶ୍ରୀନଗର, ୧୫।୧୧**



ଜମ୍ମୁ ଓ କଶ୍ମୀରର ଶ୍ରୀନଗର ସ୍ଥିତ ନୌଗାଓଁ ପୁଲିସ ଥାନାରେ ବଡ ବିସ୍ଫୋରଣରେ ୯ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩୦ ଜଣ ଆହତ ହୋଇଛନ୍ତି । ଏହାସହିତ ଅନେକ ଗାଡି ସମ୍ପୂର୍ଣ୍ଣ ଜଳିଯାଇଛି । ବିସ୍ଫୋରଣରେ ପୁଲିସ ଥାନାର କୋଠାର ଏକ ଅଂଶ ମଧ୍ୟ ନଷ୍ଟ ହୋଇଯାଇଛି । ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ସେ ଶରୀରର ବିଭିନ୍ନ ଅଂଶ ଖଣ୍ଡ ଖଣ୍ଡ ହୋଇ ୩୦୦ ଫୁଟ ଦୂର ପର୍ଯ୍ୟନ୍ତ ବିଛାଡି ହୋଇ ପଡିଥିଲା । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ବିସ୍ଫୋରଣରେ ଥାନା ଉଡିଯିବା ସହ ବହୁ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କ ମୃତ୍ୟୁ ହୋଇଛି । ବିସ୍ଫୋରଣର ଶବ୍ଦ ବହୁଦୂରକୁ ପ୍ରତିଧ୍ୱନିତ ହୋଇଥିଲା । ଯାହାକୁ ନେଇ ଲୋକମାନେ ଆଶ୍ଚର୍ଯ୍ୟ ହୋଇଥିଲେ । ଘଟଣା ପରେ ସେଠାରେ ପ୍ରବଳ ଭିଡ ଜମିବାରୁ ପୁଲିସ କର୍ମୀ ଭିଡ଼ ପରିଚାଳନା କରିଥିଲେ । ପୁଲିସ ଓ ଅଗ୍ନିଶମ ବାହିନୀ ନିଆଁକୁ ନିୟନ୍ତ୍ରଣ କରିଥିଲେ । ଲୋକଙ୍କ ସହାୟତାରେ ଆହତଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି । ମୃତ ଦେହଗୁଡିକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

ସୂଚନା ଅନୁସାରେ ବଡ ବଡ ଆତଙ୍କବାଦୀ ନେଟୱାର୍କର ପର୍ଦ୍ଦାଫାସ କରି ସାରା ଦେଶରେ ଚର୍ଚ୍ଚାର ପରିସରକୁ ଆସିଥିଲା ନୌଗାଓଁ ପୁଲିସ । ଫରିଦାବାଦରୁ ଜବତ ବିସ୍ଫୋରକ ନୌଗାଓଁ ଥାନାରେ ରଖାଯାଇଥିଲା । ବିସ୍ଫୋରକକୁ ପୁଲିସ ଓ ଫରେନ୍ସିକ ଟିମ୍ ଯାଞ୍ଚ କରିଲା ବେଳେ ବିସ୍ଫୋରଣ ଘଟିଥିଲା । ତେବେ ବିସ୍ଫୋରଣ କେମିତି ହେଲା ଓ କେଉଁ ପରିସ୍ଥିତିରେ ଘଟିଲା ତାହାର ତଦନ୍ତ ଚାଲିଛି ।

## ସବୁ ବନ୍ଦରରେ ମୁତୟନ ହେବେ କୋଷ୍ଟ ଗାର୍ଡ

**ଭୁବନେଶ୍ୱର, ୧୫।୧୧**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟର ସବୁ ବନ୍ଦରରେ ମୁତୟନ ହେବେ କୋଷ୍ଟ ଗାର୍ଡ। ଏ ନେଇ ସୂଚନା ଦେଇଛନ୍ତି କୋଷ୍ଟ ଗାର୍ଡ ଆଇଜି ଇକ୍‌ବାଲ ସିଂ ଚୌହ୍ୱାନ୍। ସେ କହିଛନ୍ତି ଗୋପାଳପୁର ବନ୍ଦରରେ କୋଷ୍ଟ ଗାର୍ଡ ସିପ୍ ମୁତୟନ ହେବେ । ପାରାଦ୍ୱୀପ ବନ୍ଦରରେ କୋଷ୍ଟଗାର୍ଡ ସିପ୍ ସଂଖ୍ୟା ବଢ଼ିବ। ଗୋପାଳପୁର ଓ ଧାମରା ବନ୍ଦରରେ ଜେଟି ଓ କୋଷ୍ଟ ଗାର୍ଡ ଶାଖା ଖୋଲିବ। ଧାମରା ବନ୍ଦରରେ କୋଷ୍ଟ ଗାର୍ଡର ଡ୍ରୋନ୍ ୟୁନିଟ୍ ରହିବ। ଏ ନେଇ କୋଷ୍ଟ ଗାର୍ଡ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତାବ ଦିଆଯାଇଛି।

## ପ୍ରକାଶ ପାଇଲା ସ୍ପେଶାଲ ଓଟିଇଟି

**ଭୁବନେଶ୍ୱର, ୧୫।୧୧**
**ନ୍ୟୁଜ୍ ବ୍ୟୁରୋ**

ପ୍ରକାଶ ପାଇଛି ସ୍ପେଶାଲ ଓଟିଇଟି–୨୦୨୫ ପରୀକ୍ଷା ଫଳ । ସେପ୍ଟେମ୍ବର ୨୭ ତାରିଖରେ ହୋଇଥିବା ପରୀକ୍ଷା ଫଳ ଶନିବାର ପ୍ରକାଶ ପାଇଛି । ପେପର–୧ରେ ୧୨ହଜାର ୯୮୮ *(ପୃଷ୍ଠା ୭ରେ)*

## ଦୁର୍ଘଟଣାରେ ମୃତକଙ୍କ ପରିବାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହାୟତା ଘୋଷଣା

**ଭୁବନେଶ୍ୱର, ୧୫।୧୧**
**ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଜିଲ୍ଲା ଛତ୍ରପୁର ତହସିଲର ରବୀନ୍ଦ୍ର ସାହୁ (ପିତା - ମୁନା ସାହୁ) ଙ୍କର ଏକ ଦୁଃଖଦ ଦୁର୍ଘଟଣାରେ ପ୍ରାଣହାନି ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ *(ପୃଷ୍ଠା ୭ରେ)*

## ଦିଲ୍ଲୀ ବିସ୍ଫୋରଣରେ ସାମିଲ ୪ ଡାକ୍ତରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ

**ନୂଆଦିଲ୍ଲୀ, ୧୫।୧୧**

ଦିଲ୍ଲୀ ବିସ୍ଫୋରଣରେ ସାମିଲ ଥିବା ୪ ଡାକ୍ତରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଆଉ ଡାକ୍ତରୀ ଅଭ୍ୟାସ କରିପାରିବେନି ଏହି ୪ଜଣ । ଜାତୀୟ ମେଡିକାଲ କମିଶନ ନିଜ ସରକାରୀ ରେଜିଷ୍ଟରରୁ ସେମାନଙ୍କ ନାଁ କାଟି ଦେଇଛି । ବିସ୍ଫୋରଣ ପରେ ବେଆଇନ କାର୍ଯ୍ୟକଳାପ ଆଇନ ଅନୁଯାୟୀ *(ପୃଷ୍ଠା ୭ରେ)*

### ସୁନା ଦର

| | |
|---|---|
| ୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୨,୫୦୮ (-୧୯୬) |
| ୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୧,୪୬୫ (-୧୮୦) |
| ୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୯,୩୮୧ (-୧୪୭) |

### ରୁପା ଦର

ରୂପା – ପ୍ରତି ଗ୍ରାମ ୧୭୫ (-୮)

## ୧୯ରେ ମିଳିବ ପିଏମ୍-କିଷାନର ୨୧ତମ କିସ୍ତି

**ନୂଆଦିଲ୍ଲୀ, ୧୫।୧୧**

ପ୍ରଧାନମନ୍ତ୍ରୀ କୃଷକ ସମ୍ମାନ ନିଧି (ପିଏମ୍-କିଷାନ)ର ୨୧ତମ କିସ୍ତି ଆସନ୍ତା ୧୯ ତାରିଖ (ବୁଧବାର) ପ୍ରଦାନ କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି କିସ୍ତି ବାବଦ ଅର୍ଥ ଯୋଜନା ଅନ୍ତର୍ଭୁକ୍ତ ୨୦କୋଟି କୃଷକଙ୍କୁ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ମାଧ୍ୟମରେ ପ୍ରଦାନ କରିବେ। ଏହି କିସ୍ତିରେ ପ୍ରତି କୃଷକଙ୍କ ବ୍ୟାଙ୍କ ଖାତାରେ ୨୦୦୦ ଟଙ୍କା ଲେଖାଏଁ ଜମା ହେବ। ପିଏମ୍-କିଷାନ ଯୋଜନାରେ ପ୍ରତି କୃଷକଙ୍କୁ ବାର୍ଷିକ ୬୦୦୦ ଟଙ୍କା ତିନିଟି କିସ୍ତିରେ ପ୍ରଦାନ *(ପୃଷ୍ଠା ୭ରେ)*

## ୨ ଦୁର୍ଦ୍ଧାନ୍ତ ସମେତ ୮ ମାଓବାଦୀଙ୍କ ଆତ୍ମସମର୍ପଣ

**ମାଲକାନଗିରି, ୧୫।୧୧ : ନ୍ୟୁଜ୍ ବ୍ୟୁରୋ**

୨୦୨୬ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଦେଶରୁ ମାଓବାଦୀଙ୍କୁ ମୂଳପୋଛ କରିବା ଲାଗି କେନ୍ଦ୍ର ସରକାର ଘୋଷଣା କରିଥିବା ବେଳେ ଏ ଦିଗରେ ସ୍ୱତନ୍ତ୍ର ଅଭିଯାନ ଜାରି ରହିଛି। ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ସମେତ ସାରା ଦେଶରେ ନକ୍ସଲ ମୂଳପୋଛ ଅଭିଯାନ ଜୋରଦାର କରାଯାଇଛି। ଏହିକ୍ରମରେ ନକ୍ସଲ ସଂଗଠନରେ କାମ କରୁଥିବା ବଡ ବଡ କ୍ୟାଡର ନକ୍ସଲମାନେ ମଧ୍ୟ ଆତ୍ମସମର୍ପଣ କରିବାକୁ ବାଧ ହୋଇଛନ୍ତି। ସୀମାନ୍ତ ତେଲେଙ୍ଗାନାରେ ତେଲେଙ୍ଗାନା ଷ୍ଟେଟ କମିଟିର ଦୁଇ ଦୁର୍ଦ୍ଦାନ୍ତ ମାଓ ନେତାଙ୍କ ସମେତ ୮ ଜଣ ନକ୍ସଲ ଆତ୍ମସମର୍ପଣ କରିଛନ୍ତି।

ମାଓବାଦୀମାନେ ନିଜର ଅସ୍ତ୍ରଶସ୍ତ୍ର ସହ ଆତ୍ମସମର୍ପଣ କରିଥିବା କୁହାଯାଇଛି। ଏମାନେ ଗତ ଦୁଇ ଦିନ ତଳେ ହିଁ ପୁଲିସ ନିକଟରେ ଆତ୍ମସମର୍ପଣ କରିସାରିଥିଲା ବେଳେ ପୁଲିସ କିନ୍ତୁ ସେମାନଙ୍କୁ ଗଣମାଧ୍ୟମ ସାମ୍ନାକୁ ଆଣିନାହିଁ। ଆତ୍ମସମର୍ପଣ କରିଥିବା ଦୁଇ ଦୁର୍ଦ୍ଦାନ୍ତ ନକ୍ସଲ ମଧ୍ୟରୁ ଜଣେ ହେଲେ ବିକେଏସଆର ଡିଭିଜନ କମିଟିର *(ପୃଷ୍ଠା ୭ରେ)*

### ଏକାଳ ପଖାଳ



ହେଉପଛେ ଉପନିର୍ବାଚନ
ପାଇଛି ଦ୍ୱିତୀୟ ସ୍ଥାନ
ହାତଟେକିଛି ଏତେ ଦିନ ପରେ
ନାଚନାଚୁଛି ଯେ ଧନ
ଗଗନେ ଉଡୁଛି ମନ
ସପନ ଦେଖୁଛି ଅବେଳଟାରେ
ଜାଣିନି ଏଇଟା ଦିନ।

## ନୂଆପଡ଼ାର ନୂଆ ରୂପ ଦେଖିବ ଓଡ଼ିଶା : ମୁଖ୍ୟମନ୍ତ୍ରୀ




**ଭୁବନେଶ୍ୱର, ୧୫।୧୧ : ନ୍ୟୁଜ୍ ବ୍ୟୁରୋ**

ନୂଆପଡା ଉପନିର୍ବାଚନରେ ବିଜୟ ଲାଭ କରିଥିବା ଦଳୀୟ ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ଶନିବାର ରାଜ୍ୟ ବିଜେପି କାର୍ଯ୍ୟାଳୟଠାରେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଜୟ ଢୋଲକିଆଙ୍କ ଅଭୂତପୂର୍ବ ବିଜୟ ହୋଇଛି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ପାଇଁ ଯିବେ । ଏହି ଅବସରରେ ପାର୍ଟି ଅଫିସରେ ସମସ୍ତେ ସମ୍ବର୍ଦ୍ଧନା ପାଇଁ ଏକତ୍ରିତ ହୋଇଛନ୍ତି । ଶୁକ୍ରବାର ପ୍ରଦେଶ କାର୍ଯ୍ୟାଳୟରେ ବିଜୟ ଉତ୍ସବ ପାଳନ କରାଯାଇଛି । ନୂଆପଡ଼ା ବିକାଶ ପାଇଁ ବହୁ କିଛି ଯୋଜନା ହୋଇଛି । ଆମେ ଦାୟିତ୍ୱ ନେଇଛୁ, ୩୨୦ କୋଟି ଟଙ୍କା ପ୍ରକଳ୍ପର ଯୋଜନା ହାତକୁ ନିଆଯାଇଛି । ସ୍ୱର୍ଗତ ରାଜୁ ଢୋଲକିଆଙ୍କ ଦେହାନ୍ତ ପରେ ଶ୍ରଦ୍ଧାଞ୍ଜଳି ଦେବାକୁ ଯାଇଥିଲି । ସେ ୪ ଥର *(ପୃଷ୍ଠା ୭ରେ)*

# ଦାରିଙ୍ଗବାଡ଼ି ରାଜ୍ୟର ସବୁଠୁ ଥଣ୍ଡା ସହର



**ଦାରିଙ୍ଗବାଡି, ୧୫।୧୧ : ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ଶୀତର ପ୍ରକୋପ ବଢିବାରେ ଲାଗିଛି। ଅନେକ ଅଞ୍ଚଳରେ ଶୀତର ପ୍ରଭାବ ଅନୁଭୂତ ହେଉଥିବା ବେଳେ ଓଡ଼ିଶାର କଶ୍ମୀର କୁହାଯାଉଥିବା କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ଶନିବାର ମଧ୍ୟ ଶୀତ ଲହରି ଜାରି ରହିଛି। ତେବେ ଗତ ୩ ଦିନ ହେଲା ଏହି ଅଞ୍ଚଳରେ ପାଗ ଶୁଖିଲା ରହିଥିବା ବେଳେ କୁହୁଡି ହୋଇ ନ ଥିଲା କିନ୍ତୁ ଶନିବାର ପୁଣି ଘନ କୁହୁଡ଼ି ଶୀତର ପ୍ରଭାବକୁ ଦ୍ୱିଗୁଣିତ କରିଥିଲା। ଶନିବାର ଦାରିଙ୍ଗବାଡ଼ି ଅଞ୍ଚଳରେ ୧୦ ଡିଗ୍ରୀ ତଳେ ତାପମାତ୍ରା ରହିଥିଲା ସକାଳ ୮ ଟା ସୁଦ୍ଧା ୮ ଡିଗ୍ରୀ ରହିଥିଲା ଯାହାକି ବୁଧବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ୭.୫ ଡିଗ୍ରୀ ତାପମାତ୍ରା ରହିଥିଲା। ଶନିବାର ଦାରିଙ୍ଗବାଡି କନ୍ଧମାଳ ଜିଲ୍ଲାର ତଥା ରାଜ୍ୟର ସବୁଠାରୁ ଥଣ୍ଡା ସହର ବୋଲି କୁହାଯାଉଛି। ଏହି ଅଞ୍ଚଳରେ ଲୋକମାନେ ନିଆଁ ଜାଳି ଶୀତ ଦାଉରୁ ନିଜକୁ ସୁରକ୍ଷା ଦେଉଥିବା ଜଣାପଡ଼ିଛି।

ସେହିପରି ଦାରିଙ୍ଗବାଡ଼ି ଇକୋ ରିଟ୍ରିଟ୍ *(ପୃଷ୍ଠା ୭ରେ)*








# ମୌଳିକ ସମସ୍ୟା ପୂରଣ ଦାବି ନେଇ ଗ୍ରାମବାସୀଙ୍କ ଗଣଧାରଣା

ବାରିପଦା, ନ୍ୟୁଜ୍‌ବ୍ୟୁରୋ

ଗ୍ରାମବାସୀମାନେ ବିଭିନ୍ନ ମୌଳିକ ସମସ୍ୟା ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେଇଥିଲେ। ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମପଞ୍ଚାୟତବାସୀ ମାନେ ଧାରଣା ଦେଇଥିଲେ। ଏନେଇ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଏକ ଦାବିପତ୍ର ପ୍ରଦାନ କରିଥିଲେ। କପ୍ତିପଦା ବ୍ଲକର ରାଣୀପୋଖରୀ ଏବଂ ରାମଚନ୍ଦ୍ରପୁର ଗ୍ରାମ ପଞ୍ଚାୟତ ମଧ୍ୟରେ ପ୍ରବାହିତ ହେଉଥିବା ଦୋମୁହାଣୀ ନଦୀ ଉପରେ ଚିର ସ୍ଥାୟୀ ପୋଲ ନିର୍ମାଣ କରାଯିବାକୁ ମୁଖ୍ୟ ଦାବି ରହିଛି। ଏହାସହିତ ଅନ୍ୟ ୯ଟି ଦାବି ପୂରଣ ପାଇଁ 'ଶରତ ବିକାଶ ମଞ୍ଚ ମିଳିତ ସହଯୋଗରେ ରାମଚନ୍ଦ୍ରପୁର ଗ୍ରାମ ପଞ୍ଚାୟତବାସୀ ଏହି ପଦଯାତ୍ରା ଏବଂ ଗଣଧାରଣା ଦେଇଛନ୍ତି। ସ୍ଥାନୀୟ ଟୋଲ ଗଡ଼ିଆରେ ନିର୍ମାଣାଧୀନ 'ବସୁଧା' ଜଳପ୍ରକଳ୍ପ ସଂପୂର୍ଣ୍ଣ କରିବା, କିଟିସାହିରେ ବିଦ୍ୟୁତ ସଂଯୋଗ କରାଯିବା, ରାମଚନ୍ଦ୍ରପୁର ଗ୍ରା:ପରେ ଏଫଆରଏ ୨୦୦୬ କାର୍ଯ୍ୟକାରୀ କରିବା, କେନ୍ଦୁଗୁଠ ଠାରୁ ମହୁଲଡିହା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରିବା, ଆଲଡାସାହିରେ ଅଙ୍ଗନୱାଡି କେନ୍ଦ୍ର ସ୍ଥାପନ କରିବା, କପ୍ତିପଦା ବ୍ଲକରେ ଏଫଆରଏ ୨୦୦୬ କାର୍ଯ୍ୟକାରୀ କରିବା, କେନ୍ଦୁଗୁଠି ଠାରୁ କଳମଗଡିଆ ପର୍ଯ୍ୟନ୍ତ ରାସ୍ତାକୁ ନିର୍ମାଣ କରିବା, ଧୋଳିପଡ଼ା ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଅଭାବ ପୂରଣ କରିବା ଓ ଜିଲ୍ଲାରେ ଜଙ୍ଗଲ ଜମି ଅଧିକାର ଆଇନ-୨୦୦୬ କାର୍ଯ୍ୟକାରୀ କରିବା ଇତ୍ୟାଦି ଦାବି ରହିଛି। ପୂର୍ବରୁ ଏନେଇ ଅଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ ପରେ କୌଣସି ସୁଫଳ ନମିଳିବାରୁ ଆନ୍ଦୋଳନ କରିବାକୁ ବାଧ୍ୟ ହୋଇଥିବା ପ୍ରକାଶ କରିଛନ୍ତି। ଦାବି ପୂରଣ ନହେଲେ ଆନ୍ଦୋଳନ ତିବ୍ର କରାଯିବା ନେଇ ଚେତାବନୀ ଗ୍ରାମବାସୀ ଦେଇଛନ୍ତି। ଶରତ ବିକାଶ ମଞ୍ଚ ସଭାପତି ଗାମାଇ ରିମିଲ ଗୋଇପାଇ ନେତୃତ୍ୱରେ ଆନ୍ଦୋଳନ କରିଛନ୍ତି।

# ମାଣ୍ଡିଆ ମିଶନ ବାଟବଣା : ବାରମ୍ବାର ଚାଲିଛି ନାମ ବଦଳ, ଏନଜିଓ ଦେଉନି ଚାଷୀଙ୍କ ଚୂଡ଼ାନ୍ତ ତାଲିକା

ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ

ସମ୍ବଲପୁର ଜିଲ୍ଲା ବାମରା ବ୍ଲକରେ ଶ୍ରୀଅନ୍ନ ଅଭିଯାନ ଅଧୀନରେ ସହାୟକ ସଂସ୍ଥା ଭାବରେ ବାମରାରାରେ କାର୍ଯ୍ୟରତ ଆୱାର୍ଡ ଏନଜିଓକୁ ପଞ୍ଜୀକୃତ କରାଯାଇଛି। ଏହାସହ ବାମରା ବ୍ଲକରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ଦ୍ୱାରା ମାଣ୍ଡିଆ ଚାଷ ଦାୟିତ୍ୱ ଆୱାର୍ଡ ସଂସ୍ଥା ହାତରେ ନ୍ୟସ୍ତ କରାଯାଇଛି। ବାମରା ବ୍ଲକ ପାଇଁ ୩୫୦ ହେକ୍ଟର ମାଣ୍ଡିଆ, ବାଜରା ଚାଷ କରିବା ପାଇଁ ଧାର୍ଯ୍ୟ କରାଯାଇଥିଲା। ଯେହେତୁ ବାମରା ବ୍ଲକରେ ଜଳସେଚନର ସୁବିଧା ନାହିଁ, ମାଟି ଏବଂ ଜଳବାୟୁକୁ ଦେଖି ଏହି ବ୍ଲକ ମାଣ୍ଡିଆ ଏବଂ ବାଜରା ଆଦି ଫସଲ ପାଇଁ ଉପଯୁକ୍ତ ବୋଲି ଚୟନ ହୋଇଥିଲା। ବାମରାର ଅଗ୍ରଣୀ ଏନଜିଓ ଭାବେ କାର୍ଯ୍ୟ କରୁଥିବା ଆୱାର୍ଡ ପକ୍ଷରୁ ବ୍ଲକ୍‌ରେ ଧାର୍ଯ୍ୟ ପରିମାଣରେ ମାଣ୍ଡିଆ ଚାଷ ପାଇଁ ଚାଷୀ ଚିହ୍ନଟ କରାଯାଇ ବିହନ ଏବଂ ତାଲିମ ପ୍ରଦାନ କରାଯାଇଥିଲା। ହେଲେ ବର୍ତ୍ତମାନ ମାଣ୍ଡିଆ ଉତ୍ପାଦନ ସମୟ ପହଞ୍ଚିଥିବା ବେଳେ ଆୱାର୍ଡ ଦ୍ୱାରା ଦାଖଲ କରାଯାଇଥିବା ଚୂଡ଼ାନ୍ତ ଚାଷୀ ତାଲିକାରେ ବଡ଼ ଧରଣର ଜାଲିଆତି ସାମ୍ନାକୁ ଆସିଛି। ଯେଉଁ ଚାଷୀମାନେ ମାଣ୍ଡିଆ ଚାଷ ଆଦୌ। କରିନାହାନ୍ତି ସେମାନଙ୍କୁ ମଧ ଏହି ତାଲିକାରେ ଚାଷୀ ଭାବରେ ଦର୍ଶାଯାଇଛି। ଜାଲିଆତି ଅଭିଯୋଗ ହେବା ଓ ଜିଲ୍ଲା କୃଷି ବିଭାଗ ପକ୍ଷରୁ କରାଯାଇଥିବା ତଦନ୍ତରୁ ଏଭଳି ସାଙ୍ଘାତିକ ତଥ୍ୟ ସାମ୍ନାକୁ ଆସିଛି। ଅନ୍ୟ ପକ୍ଷରେ ନକଲି ଚାଷୀଙ୍କ ତାଲିକା ନେଇ କୃଷି ବିଭାଗ ପକ୍ଷରୁ ଆୱାର୍ଡ ଉପରେ ପ୍ରଶ୍ନ ଉଠାଯାଇଥିବା ବେଳେ ସଂସ୍ଥା ପକ୍ଷରୁ ପ୍ରକୃତ ଚାଷୀମାନଙ୍କ ତାଲିକା ବର୍ତ୍ତମାନ ସୁଦ୍ଧା ପ୍ରସ୍ତୁତ କରାଯାଇନଥିବା ଜଣାପଡ଼ିଛି। ଅମଳ ଆରମ୍ଭ ହୋଇସାରିଥିବା ବେଳେ ନଭେମ୍ବର ଶେଷ ସୁଦ୍ଧା କ୍ଷେତରେ କୌଣସି ଫସଲ ରହିବନାହିଁ। ଉଲ୍ଲେଖଯୋଗ୍ୟ ଯେ ଚାଷୀମାନେ କରିଥିବା ଫସଲ ପାଇଁ ହେକ୍ଟର ପିଛା ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ପ୍ରୋତ୍ସାହନ ରାଶି ପାଇବା ପାଇଁ ଯୋଗ୍ୟ। ଏହାସହ ସରକାରୀ ସଂସ୍ଥା ଟିଡିସିସିଓଏଲ ଦ୍ୱାରା ଉତ୍ପାଦିତ ଫସଲ କ୍ରୟ କରାଯିବାର ବ୍ୟବସ୍ଥା ମଧ ସ୍ଥିରୀକୃତ ହୋଇସାରିଛି।

ଆୱାର୍ଡ ଏନଜିଓ ଜାଣିଶୁଣି ଫସଲ ପରିମାଣ ସହ ଚାଷୀ ମାନଙ୍କ ନାମକୁ ହେରଫେର କରିଥିବା ଅଭିଯୋଗ ହୋଇଛି। ଯାହାଦ୍ୱାରା ନକଲି ଚାଷୀମାନଙ୍କ ଜରିଆରେ ପ୍ରକୃତ ହିତାଧିକାରୀଙ୍କୁ ମିଳୁଥିବା ପ୍ରୋତ୍ସାହନ ରାଶି ଚଳୁ କରିଦେବା ଷଡ଼ଯନ୍ତ୍ରରେ ଗୋଟିଏ ରାକେଟ୍ ବେଶ୍ ସକ୍ରିୟ ହୋଇଉଠିଥିବା ଆଶଙ୍କା କରାଯାଇଛି। ଯାହାଦ୍ୱାରା ବାମରା ବ୍ଲକରେ ଶ୍ରୀ ଅନ୍ନ ଅଭିଯାନ ଜରିଆରେ ସରକାର ରଖିଥିବା ଲକ୍ଷ୍ୟ ପୂରଣରେ ବାଧା ସୃଷ୍ଟି କରାଇଛି। ଅପରପକ୍ଷରେ

ଆୱାର୍ଡ ଏନଜିଓ ପକ୍ଷରୁ କାର୍ଯ୍ୟକ୍ରମର ତତ୍ତ୍ୱାବଧାନ କରୁଥିବା ବ୍ଲକ ସଂଯୋଜିକା ଦମୟନ୍ତୀ ନାଏକଙ୍କ କାର୍ଯ୍ୟଧାରା ଅତ୍ୟନ୍ତ ସନ୍ଦେହ ଜନକ ରହିଛି। ସରକାରୀ ସ୍ତରରେ ଯାଞ୍ଚ୍ ହେବା ଆଶଙ୍କାରେ ସେ ବାମରା ବ୍ଲକରେ ପ୍ରକୃତ ଚାଷୀ ମାନଙ୍କ ତାଲିକା ବାରମ୍ବାର ପରିବର୍ତ୍ତନ କରିବାରେ ବ୍ୟସ୍ତ ରହୁଛନ୍ତି। ଏପରିକି ତାଙ୍କ ଦ୍ୱାରା ଦିଆଯାଇଥିବା ଚାଷୀ ତାଲିକା ଏବଂ ଚାଷୀଙ୍କ ସହ କାମ କରୁଥିବା ସିଆରପି ମାନେ ପ୍ରଦାନ କରିଥିବା ଚାଷୀ ତାଲିକାରେ କୌଣସି ତାଳମେଳ ରହୁନଥିବା ଦେଖିବାକୁ ମିଳୁଛି। ଏହାସତ୍ତ୍ୱେ କୃଷି ବିଭାଗ ତାଙ୍କ ବିରୁଦ୍ଧରେ କାହିଁକି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହୁଁ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରାଇଛି। ଏବେ ବାମରା ବ୍ଲକର ଚାଷୀମାନଙ୍କ ସୁବିଧା ପାଇଁ କୃଷି ବିଭାଗ ପକ୍ଷରୁ ହୋଇଥିବା ଶ୍ରୀଅନ୍ନ ଅଭିଯାନରେ ଚାଷୀମାନଙ୍କ ତଥ୍ୟ ସମ୍ପୂର୍ଣ୍ଣ ଯାଞ୍ଚ କରିବା ସହ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରକୃତ ଚାଷୀମାନଙ୍କ ପକ୍ଷରୁ ଦାବି ହେଉଛି।

# ଡୁଙ୍ଗୁରିପାଲିରେ ଯୁଗ୍ମ ଅଭିଯୋଗ ଶୁଣାଣି : ୧୨୨ ମାମଲା ପଞ୍ଜିକୃତ

ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ

ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ଡୁଙ୍ଗୁରିପାଲି ପଞ୍ଚାୟତ ସମିତି ଅନ୍ତର୍ଗତ ଇଚ୍ଛାପୁର କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ, ସୁବର୍ଣ୍ଣପୁର, ଡ. ନୃପରାଜ ସାହୁ ଓ ଆରକ୍ଷୀ ଅଧିକ୍ଷକ ନାରାୟଣ ନାଏକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ସର୍ବମୋଟ ୧୨୨ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୧୦୯ ଗୋଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୧୨ ଗୋଟି ସାମୁହିକ ଦରଖାସ୍ତ ଓ ୦୧ ଗୋଟି ଚିକିତ୍ସା ପାଇଁ ଆର୍ଥିକ ସହାୟତା ନିମନ୍ତେ ଦରଖାସ୍ତ ଗ୍ରହଣ କରାଯାଇଥିଲା। ତନ୍ମଧ୍ୟରୁ ୦୬ ଗୋଟି ଅଭିଯୋଗ ପତ୍ର ତୁରନ୍ତ ଅଭିଯୋଗ ଶୁଣାଣୀ ଶିବିର ରେ ସମାଧାନ କରାଯାଇଥିଲା। ସମସ୍ତ ସାମୁହିକ ଓ ବ୍ୟକ୍ତିଗତ ଅଭିଯୋଗ ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ବିଡ଼ିଓ, ଡୁଙ୍ଗୁରିପାଲି ଦିଲୀପ କୁମାର ବାଡ଼ାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏହି ଯୁଗ୍ମ ଅଭିଯୋଗ ଶୁଣାଣିରେ , ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ , ସୁବର୍ଣ୍ଣପୁର, ରାଜେନ୍ଦ୍ର ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର, ଅଶ୍ୱିନୀ କୁମାର ମେହେର, ଉପଜିଲ୍ଲାପାଳ, ସୋନପୁର, ସୋମ୍ୟାରୁପା ରଥ, ସରପଞ୍ଚ, ଇଚ୍ଛାପୁର ଗ୍ରାମ ପଞ୍ଚାୟତ, ପ୍ରଶାନ୍ତ କୁମାର ସାହୁଙ୍କ ସମେତ ତହସିଲଦାର, ଡୁଙ୍ଗୁରିପାଲି, ବିମଳ କିଶୋର ପାତ୍ର ତଥା ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ, କର୍ମଚାରୀ ବୃନ୍ଦଙ୍କ ସମେତ ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ସୁବର୍ଣ୍ଣପୁର ଅର୍ଜୁନ ମାଝୀଙ୍କ ସହିତ ବିଭିନ୍ନ ଗ୍ରାମରେ ସମ୍ବାଦ ପତ୍ରର ସାମ୍ବାଦିକ ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧି ମାନେ ଯୋଗଦାନ କରିଥିଲେ। ଏହି ଅଭିଯୋଗ ଶୁଣାଣି ଓ ଉପଶମ ଶିବିରରେ ଚାରିଜଣ ଭିନ୍ନକ୍ଷମ ହିତାଧିକାରୀ ୧. ଯଶୋବନ୍ତି ଭୁଏ ପିତା – ଗୁପେ ବାଗ ନି – ସନଫଟାମୁଣ୍ଡା, ଗ୍ରା.ପ – ଇଚ୍ଛାପୁର, ୨. ବୁଧୁ ପଟେଲ ପିତା – ଥବିର ପଟେଲ, ନି – ସାହଜ ବହାଲ, ଗ୍ରାମ ପଞ୍ଚାୟତ – ଇଚ୍ଛାପୁର, ୩. ପିଙ୍କି ସାହୁ ପିତା – ଦେବାନନ୍ଦ ସାହୁ, ନି – ସାହାଜ୍ ବାହଲ, ଗ୍ରାମ ପଞ୍ଚାୟତ – ଇଚ୍ଛାପୁର ଓ ୪. ପୁରୁଷୋତ୍ତମ ଅଦାବର ପିତା – ରସିକ ଅଦାବର ନି – ଶାନ ଫଟାମୁଣ୍ଡା ଇଚ୍ଛାପୁର ଗ୍ରାମ ପଞ୍ଚାୟତଙ୍କୁ ଜିଲ୍ଲାପାଳ, ସୁବର୍ଣ୍ଣପୁର, ଡ଼ ନୃପରାଜ୍ ସାହୁଙ୍କ ଦ୍ୱାରା ହ୍ୱିଲ ଚେୟାର ପ୍ରଦାନ କରାଯାଇଥିଲା। ତଦୋପରି ମଧୁବାବୁ ପେନସନ ଯୋଜନରେ ଦୁଇ ଜଣ ଭିନ୍ନକ୍ଷମ ହିତାଧିକାରୀ ୧. ଶାନ୍ତି ପଟେଲ, ନି – କନ୍ଧମୁଣ୍ଡା ୨. ଆୟୁଶ୍ରୀ ଦୀପ ନି – ସାହାଜ ବାହାଲ , ଇଚ୍ଛାପୁର ଗ୍ରାମପଞ୍ଚାୟତଙ୍କୁ ଭିନ୍ନକ୍ଷମ ଭତ୍ତା ଓ ୩. ଦ୍ରୌପଦୀ ବିଶି ନି – ମହୁଲପାଣି, କର୍ଲାଜୁରି ଗ୍ରାମ ପଞ୍ଚାୟତଙ୍କୁ ବିଧବା ଭତ୍ତା ଜିଲ୍ଲାପାଳ, ସୁବର୍ଣ୍ଣପୁରଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା।

# କାଳିମେଲାରେ ସବ୍ ରେଜିଷ୍ଟ୍ରେସନ ଅଫିସ୍ ଉଦଘାଟିତ

ମାଲକାନଗିରି, ନ୍ୟୁଜ୍‌ବ୍ୟୁରୋ

ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକ ଅନ୍ତର୍ଗତ କାଳିମେଳା ତହସିଲରେ ସବ୍ ରେଜିଷ୍ଟ୍ରେସନ ଅଫିସ୍ ଉଦଘାଟନ ହୋଇଯାଇଛି। ଅତିରିକ୍ତ ଜିଲ୍ଲପାଳ ବେଦବର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ସବ୍ ରେଜିଷ୍ଟ୍ରେସନ ଅଫିସ୍ ଉଦ୍‌ଘାଟନ କରିଥିବା ବେଳେ କାଳିମେଳା ତହସିଲଦାର ରାମକୃଷ୍ଣ ସତ୍ୟ ରାଜଗୁରୁ ସବ୍ ରେଜିଷ୍ଟ୍ରେସନ ଅଧିକାରୀ ଭାବେ ଯୋଗ ଦେଇଥିଲେ। କାଳିମେଳା ତହସିଲ ଅଞ୍ଚଳବାସୀ ପୂର୍ବରୁ ବିଭିନ୍ନ ରେଜିଷ୍ଟ୍ରେସନ କାମ ପାଇଁ ମୋଟୁ ତହସିଲ ଉପରେ ନିର୍ଭର ଥିବା ବେଳେ ନାନା ଅସୁବିଧାର ସମ୍ମୁଖିନ ହେବାକୁ ପଡୁଥିଲା। ତେବେ ବର୍ତ୍ତମାନ ତହସିଲ ସୀମା ବାହାରେ ନ ଯାଇ ନିଜ ନିଜ ତହସିଲରେ ଜମି ପଞ୍ଜିକରଣ କିମ୍ବା ଜମି କିଣାବିକା ଏବଂ ଅନ୍ୟାନ୍ୟ ରେଜିଷ୍ଟ୍ରେସନ କାମ କରାଯାଇ ପାରିବ। ଏହା ଲୋକଙ୍କ ପାଇଁ ବହୁ ସୁବିଧା ଯୋଗେଇବା ସହ ଜମି କିଣାବିକାରେ ଲୋକେ ତ୍ରାହି ପାଇବେ। ସବୁ ମଙ୍ଗଳବାର ଏବଂ ବୁଧବାର ଦିନ ଏହି ରେଜିଷ୍ଟ୍ରେସନ କାମ କରାଯିବ ବୋଲି ତହସିଲ ପକ୍ଷରୁ ସୂଚନା ମିଳିଛି।

# ମୋବାଇଲ ପାଇଁ ଛାତ୍ରଙ୍କ ଆତ୍ମହତ୍ୟା

ଚମ୍ପୁଆ, ନ୍ୟୁଜ୍‌ବ୍ୟୁରୋ

ମୋବାଇଲ ପାଇଁ ମାମୁଁ ଘରେ ବେକରେ ଫାଶୀ ଲଗାଇ ଜଣେ ଛାତ୍ର ଆତ୍ମହତ୍ୟା କରିଛନ୍ତି। ମୃତ ଛାତ୍ର ଚମ୍ପୁଆ ବ୍ଲକ ଚନ୍ଦ୍ରଶେଖରପୁର ପଞ୍ଚାୟତ ବାଲେଶ୍ୱର ଗ୍ରାମର ଫକିର ମହାନ୍ତଙ୍କ ପୁଅ ଶୈଳେନ୍ଦ୍ର ମହାନ୍ତ (୧୭)। ସେ ନିଜ ମାମୁଁ ଘରେ କାଶିପାଳ ପଞ୍ଚାୟତ ଗୁଲୁଦିପଶି ଗ୍ରାମରେ ମାଆଙ୍କ ସହିତ ରହି ଗ୍ରାମରେ ଥିବା ଆଇଟିଆଇରେ ପାଠ ପଢୁଥିଲେ। ମିଳିଥିବା ସୂଚନା ଅନୁସାରେ ମୋବାଇଲ ଖରାପ ହୋଇଯାଇଥିବାରୁ ନୂଆ ମୋବାଇଲ ପାଇଁ ନିଜ ମାଆଙ୍କ ନିକଟରେ ଅଳି କରିଥିଲେ। ତେବେ ସଙ୍ଗେ ସଙ୍ଗେ ମୋବାଇଲ କିଣି ଦେବାକୁ ମାଆ ଅସମର୍ଥ ହେବାରୁ ଦିନ ପ୍ରାୟ ସାଢ଼େ ୧୦ ଘଟିକା ସମୟରେ ଘର ପଛପଟେ ଥିବା ଏକ ଆମ୍ବ ଗଛରେ ଗାମୁଛାରେ ଫାଶି ଲଗାଇ ଝୁଲି ପଡ଼ିଥିଲେ। ଘର ଲୋକେ ସଙ୍ଗେ ସଙ୍ଗେ ତାଙ୍କୁ ଗଛରୁ ଉଦ୍ଧାର କରି ନିକଟସ୍ଥ ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବାରିଆ ପୁଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଚମ୍ପୁଆ ଡାକ୍ତରଖାନାକୁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଛି। ଶୈଳେନ୍ଦ୍ର ନିଜ ପିତା ମାତାଙ୍କ ଏକମାତ୍ର ପୁତ୍ର ହୋଇଥିବା ବେଳେ ଏହି ଘଟଣା ଯୋଗୁ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ଦଶ ବର୍ଷ ହେଲା ଗାଁରେ ଏକ ଘରିଆ ହୋଇ ଚଳୁଛନ୍ତି ବୃଦ୍ଧା

## ଡିଲର ଦଉନି ରାସନ ସାମଗ୍ରୀ, ଜିଲ୍ଲାପାଳଙ୍କ ପାଖରେ ଅଭିଯୋଗ

ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ

ବର୍ଷେ କି ଦୁଇ ବର୍ଷ ନୁହେଁ ଦଶ ବର୍ଷରୁ ଅଧିକ ସମୟ ଧରି ଗାଁରେ ଏକ ଘରିଆ ହୋଇ ଚଳୁଛନ୍ତି ଜଣେ ବୃଦ୍ଧା। ନାଁ ତାଙ୍କ ସହ କିଏ ମିଶୁଛନ୍ତି ନାଁ କଥା ହେଉଛନ୍ତି ଏମିତିକି ଡିଲର ରାସନ ସାମଗ୍ରୀ ଦେଉନଥିବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ଚାନ୍ଦବାଲି ଥାନା ବିଜୟନଗର ପଞ୍ଚାୟତ ବିଜୟନଗର ଗାଁର ବୃଦ୍ଧା ନୟନା ସାହୁ। କାନ୍ଦି କାନ୍ଦି ନିଜ ଦୁଃଖ କଥା ଗୁହାରି କରିଛନ୍ତି ଜିଲ୍ଲାପାଳଙ୍କ ନିକଟରେ। ବୃଦ୍ଧାଙ୍କ କହିବା ଅନୁଯାୟୀ, ଗାଁରେ କୌଣସି କାମ କାର୍ଯ୍ୟ, ପର୍ବପର୍ବାଣୀ ବା ଅନ୍ୟ ସମାଜିକ କାର୍ଯ୍ୟ ହେଲେ ମଧ ତାଙ୍କୁ ଡକାଯାଉନାହିଁ ଓ ସାମିଲ କରାଯାଉ ନାହିଁ। ସେ କହିଛନ୍ତି, "ମୋ ନିଜ ଏକ ବ୍ୟକ୍ତିଗତ ଅସୁବିଧା ନେଇ ଗାଁ ଲୋକେ ମୋତେ ଏକଘରିଆ କରିଛନ୍ତି। ମୋ ସ୍ୱାମୀ ଓ ପୁଅଙ୍କୁ ଏଠାରେ ରହି କାମ କରେଇ ଦେଲେନି ବୋଲି ସେମାନେ ବାହାରେ ରହି କାମ କରୁଛନ୍ତି, ଗାଁରେ ଏକା ଚଳିବା ବହୁ କଷ୍ଟ ହେଉଛି ବୋଲି ପ୍ରକାଶ କରିଥିଲେ। ଗାଁ ଲୋକଙ୍କ ସହ ମିଶିକରି ଚଳିବାକୁ ଆଗ୍ରହ ପ୍ରକାଶ କରିଥିବା ବେଳେ ଏ ବାବଦରେ ସ୍ଥାନୀୟ ପଞ୍ଚାୟତର ସରପଞ୍ଚ କହିଛନ୍ତି ଜିଲ୍ଲାପାଳଙ୍କୁ ଅଭିଯୋଗ ପରେ ମୁଁ ଜାଣିଲି ଶୀଘ୍ର ତଦନ୍ତ କରି ସମାଧାନର ବ୍ୟବସ୍ଥା କରାଯିବ। ଏହା ସହ ଜିଲ୍ଲାପାଳ ଦିଲୀପ ରାଉତ ରାୟ ମଧ କହିଛନ୍ତି ଯେ, ଚାନ୍ଦବାଲି ବିଡିଓ ଓ ଥାନା ଆଇ.ଆଇ.ସି.ଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯେ, ତଦନ୍ତ କରି ଯଥାଶୀଘ୍ର ସମସ୍ୟାର ସମାଧାନ କରିବାକୁ।

# ଆଇନସେବା ପ୍ରାଧିକରଣ ପକ୍ଷରୁ ସଚେତନତା ରାଲି

କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ




କେନ୍ଦ୍ରାପଡା ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଜାତୀୟ ଆଇନସେବା ଦିବସ ପୌରସଂସ୍ଥା ଟାଉନ ହଲ୍‌ଠାରେ ପାଳନ କରାଯାଇଛି। ପ୍ରାଧିକରଣର ସଚିବ ସନ୍ତୋଷ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏକ ର୍‍ୟାଲି କୋର୍ଟ ପରିସରରୁ ବାହାରି ପୁରୁଣା ବସ୍‌ଷ୍ଟାଣ୍ଡ, ଜିଲ୍ଲା କାର୍ଯ୍ୟାଳୟ ପ୍ରଭୃତି ଅଞ୍ଚଳ ପରିକ୍ରମା କରିଥିଲା । ଏହି ଉପଲକ୍ଷେ ଅନୁଷ୍ଠିତ ସଚେତନତା ଶିବିରରେ ସଚିବ ଶ୍ରୀ ମହାପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ସିନିୟର ସିଭିଲ ଜର୍ଜ ଶୁଭ ଗୌତମ ମିଶ୍ର, ଜେଏମଏଫସି ସସ୍ମିତା ସାହୁ, ଦେବାଶିଷ ମିଶ୍ର, ପ୍ରୋବେସନ ଅଫିସର ସିମରନ ସୁକୁନିଆ, ତହସିଲଦାର ରବି ନାରାୟଣ ଆଚାର୍ଯ୍ୟ, ଜେଲ ସୁପରିଟେଣ୍ଡେଣ୍ଟ ସୁନିଲ କୁମାର ପାତ୍ର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କୁମାର ସାହୁ, ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେହୁରା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ସହକାରୀ ଶ୍ରମ ଅଧିକାରୀ ଜ୍ୟୋତି ରଂଜନ ପରିଡ଼ା, ଆଇନ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼ଃ ରବିନ୍ଦ୍ର ବଳ, ପାରା ଲିଗାଲ ଭଲେଣ୍ଟିଅର, ଆଶାକର୍ମୀ, ଅଙ୍ଗନୱାଡି କର୍ମୀମାନେ ଅଂଶ ଗ୍ରହଣ କରିଥିଲେ ।

# 'ମଧ୍ୟସ୍ଥତା ମାଧ୍ୟମରେ ମାମଲାର ସମାଧାନ ସମ୍ଭବ'

ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ

ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣର ତରଫରୁ ଜାତୀୟ ଆଇନ ସେବା ଦିବସ ପାଳିତ ହୋଇ ଯାଇଛି। ଏହି ଅବସରରେ ଜିଲ୍ଲା ଓ ଦୌରା ଜଜ୍ ତଥା ପ୍ରାଧିକରଣ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ନାୟକ ପତକା ଦେଖାଇ ଏକ ଶୋଭାଯାତ୍ରାକୁ ଶୁଭାରମ୍ଭ କରିଥିଲେ। ଏହି ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡ଼ିଆରୁ ବାହାରି ସହର ପରିକ୍ରମା କରିଥିଲା। ଏହାପରେ ସଦଭାବନା ସଭାଗୃହରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲା ଜଜ୍ ହର ପ୍ରସାଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ନୀଳିମା ପଣ୍ଡା, ମୁଖ୍ୟ ଆଇନ ସହାୟତା ପ୍ରତିରକ୍ଷା ଓକିଲ ଓଜଦ୍ୱିତୀ ମହାନ୍ତି, ଉପ ମୁଖ୍ୟ ଆଇନ ସହାୟତା ପ୍ରତିରକ୍ଷା ଓକିଲ ଧିରେନ୍ଦ୍ରନାଥ ଆଚାର୍ଯ୍ୟ, ମହିଳା ଅଦାଲତ ବିଚାରପତି ସ୍ୱପ୍ନଶ୍ରୀ ନାୟକ, ସବ ଜଜ୍ ରାକେଶ କୁମାର ମୁଦୁଲି, ପ୍ରାଧିକରଣ ସଚିବ ବିଡିଡି ଚନ୍ଦନା, ଏସ.ଡି.ଯେ.ଏମ୍ ପ୍ରତ୍ୟୁଷ କୁମାର ଚାନ୍ଦ, ମୁନସିଫ ଅନନ୍ୟା ଦାସ, ଯେ.ଏମ.ଏଫ୍.ସି ଅଙ୍କିତ ଦେଓ୍ୱାଙ୍ଗନ, ପରୀକ୍ଷାକାଳୀନ ଅଧିକାରୀ ଶ୍ରୀୟଙ୍କା ଦାଶ, ଆଇନଜୀବୀ, ପାରା ଲିଗାଲ୍ ସ୍ୱେଚ୍ଛାସେବୀ, ଆଇ.ସି.ଡି.ଏସ୍ ସୁପ ଭାଇଜର, ଗଣମାଧ୍ୟମ ପ୍ରତିନିଧି ଏବଂ ଅଙ୍ଗନୱାଡି କର୍ମୀ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲ୍ଲା ଜଜ୍ ଶ୍ରୀ ପଟ୍ଟନାୟକ ମଧ୍ୟସ୍ଥତା ମାଧ୍ୟମରେ କିପରି ମୋକଦ୍ଦମା ସମାଧାନ ହୋଇ ପାରିବ ଉଦାହରଣ ମାଧ୍ୟମରେ ସଚେତନ କରିଥିଲେ। ସି.ଜେ.ଏମ୍ ଶ୍ରୀମତୀ ପଣ୍ଡା ଏହି ଦିବସର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ଭାବେ ବୁଝାଇବା ସହ ଆଇନ ସେବା ପ୍ରାଧିକରଣର କାର୍ଯ୍ୟ, ପାରା ଲିଗାଲ୍ ସ୍ୱେଚ୍ଛାସେବୀଙ୍କ ଦାୟିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟତମ ବକ୍ତା ଭାବେ ସବ ଜଜ୍ ଶ୍ରୀ ମୁଦୁଲି ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ସମସ୍ତ ମହିଳା, ଶିଶୁ, ତଫସିଲଭୁକ୍ତ ଜାତି ଓ ଉପଜାତି, ବିଚାରଧୀନ ବନ୍ଦୀ, ପ୍ରକୃତିକ ବିପର୍ଯ୍ୟରେ କ୍ଷତିଗ୍ରସ୍ତ ହୋଇଥିବା ବ୍ୟକ୍ତି, ଏଡ୍ସ ରୋଗୀ ଏବଂ ବାର୍ଷିକ ଆୟ ୩ ଲକ୍ଷ ଟଙ୍କାରୁ କମ୍ ଥିବା ବ୍ୟକ୍ତିମାନେ ନିଶୁଳ୍କ ଆଇନ ସେବା ପାଇପାରିବେ। ସେହିପରି ମହିଳା ଅଦାଲତ ବିଚାରପତି ଶ୍ରୀମତୀ ନାୟକ ମହିଳାଙ୍କ ଉଦିଷ୍ଟ ଆଇନ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ବୁଝାଇ ଥିଲେ। ଜେ.ଏମ୍.ଏଫ୍.ସି ଅଙ୍କିତ ଦେଓ୍ୱାଙ୍ଗନ ଓଡ଼ିଆ ପୀଡ଼ିତା କ୍ଷତିପୂରଣ ଯୋଜନା ବିଷୟରେ ଆଲୋଚନା କରିଥିଲେ। ଉପ ମୁଖ୍ୟ ଆଇନ ସହାୟତା ପ୍ରତିରକ୍ଷା ଓକିଲ ଶ୍ରୀ ଆଚାର୍ଯ୍ୟ ଲୋକ ଅଦାଲତ ଓ ଆଇନ ସେବାର ବିଭିନ୍ନ ଦିଗ ବିଷୟରେ ଅଲୋକପାତ କରିଥିଲେ। ସଚିବ ବିଡିଡି ଚନ୍ଦନା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ମୁନସିଫ ଅନନ୍ୟା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ବଡ଼ବିଲଠାରେ ସାଇବର ସଚେତନତା କାର୍ଯ୍ୟକ୍ରମ

କେନ୍ଦୁଝର, ନ୍ୟୁଜ୍‌ବ୍ୟୁରୋ

ବଡ଼ବିଲ୍ ପୋଲିସ, ବ୍ୟାଙ୍କ ବ୍ୟାଙ୍କ ଅଫ ଇଣ୍ଡିଆ ବଡ଼ବିଲ ଶାଖା, ବଡ଼ବିଲ ସିଭିଲ ସୋସାଇ ଇଟି ଓ ରାଜ୍ୟ ସାଇବର ସୁରକ୍ଷା ମଞ୍ଚର ମିଳିତ ସହଯୋଗରେ ବଡ଼ବିଲ ଠାରେ ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଠାରେ ମନ୍ତେ ବଡ଼ବିଲ ଏସ୍‌ଡିପିଓ ଦେବେନ୍ଦ୍ର ନାଥ ପିଙ୍ଗୁଆ, ଥାନା ଅଧିକାରୀ ଅଶୋକ କୁମାର ନାୟକ, ସାଂସଦ ପ୍ରତିନିଧି ନୀଳମଣି ମହାନ୍ତି ଓ ଚନ୍ଦ୍ରଗୁପ୍ତ ପ୍ରସାଦଙ୍କ ନେତୃତ୍ୱରେ ବଡ଼ବିଲ କିରିବୁରୁ ଛକ ଠାରୁ ଏକ ସାଇକେଲ ଶୋଭାଯାତ୍ରା ବାହାରି ପୁରୁଣା ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ବଡ଼ବିଲ ବାସୀଙ୍କୁ ସାଇବର ଠକେଇ ସମ୍ବନ୍ଧରେ ସଚେତନ କରାଯାଇ ଥିଲା। ବଡ଼ବିଲ ପୌରାଞ୍ଚଳରେ ଥିବା ବିଦ୍ୟାଳୟର ଛାତ୍ରଛାତ୍ରୀ, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ବଡ଼ବିଲ ସିଭିଲ ସୋସାଇଟିର ସଦସ୍ୟ ଏହି ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସମାଜସେବୀ ରାମ କୁମାର, କାଉନସିଲର ଧର୍ମେନ୍ଦ୍ର ମହାନ୍ତି, ବସନ୍ତି ମହାନ୍ତି, ରସାନନ୍ଦ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଭଦ୍ରକ ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ

ସ୍ଥାନୀୟ ବ୍ରହ୍ମପୁର ଗ୍ରାମପଞ୍ଚାୟତ ଅଧୀନସ୍ଥ ଡାଙ୍ଗୁଆସାହି ପଡ଼ିଆରେ ଭଦ୍ରକ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସଂପଦ ମେଳା ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ବ୍ଲକ୍‌ର ସମସ୍ତ ଗ୍ରାମପଞ୍ଚାୟତରୁ ୭୨୦ରୁ ଊର୍ଦ୍ଧ୍ୱ ମତ୍ସ୍ୟ ଓ ପ୍ରାଣୀ ପାଳକ ଯୋଗ ଦେଇଥିଲେ। ଏଥିସହ ସ୍ୱୟଂ ସହାୟିକା ଗୋଷ୍ଠୀ ଓ ଆଗ୍ରହୀ ଜନସାଧାରଣ ବହୁସଂଖ୍ୟାରେ ଉପସ୍ଥିତ ଥିଲେ। ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଏହି ମେଳାର ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କର ଆତ୍ମନିର୍ଭର ଭାରତର ସ୍ୱପ୍ନକୁ ସାକାର କରିବା ପାଇଁ ଅଧିକରୁ ଅଧିକ ଚାଷୀ ସରକାରୀ ଯୋଜନାରେ ସାମିଲ ହେବା ପାଇଁ ଆହ୍ୱାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ସରୋଜ କୁମାର ଦତ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଭଦ୍ରକ ପଞ୍ଚାୟତ ସମିତି ଅଧ୍ୟକ୍ଷା ଉର୍ମିଳା ନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମିରଂଜନ ମଲ୍ଲିକ, ବ୍ରହ୍ମପୁରର ସରପଞ୍ଚ ନରହରି ସାହୁ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ହୃଷିକେଶ ବେହେରା, ଭାରପ୍ରାପ୍ତ ଜିଲ୍ଲା ମତ୍ସ୍ୟ ଉନ୍ନୟନ ଅଧିକାରୀ ଅମର କୁମାର ସାହୁ ପ୍ରମୁଖ ଯୋଗଦେଇ ଚାଷୀ ଓ ଶିକ୍ଷିତ ବେକାର ଯୁବକ ଯୁବତୀମାନଙ୍କୁ ସରକାରଙ୍କର ବିଭିନ୍ନ ଉନ୍ନୟନ ମୂଳକ ଯୋଜନାର ସୁଯୋଗ ନେଇ ନିଜକୁ ଆତ୍ମନିର୍ଭର ହେବାକୁ ଆହ୍ୱାନ ଦେଇଥିଲେ। ବିଶେଷକରି ଉପାଦେୟ ସରକାରୀ ଯୋଜନା ଦ୍ୱାରା ଭଦ୍ରକ ବ୍ଲକ୍ ଏବଂ ଜିଲାରେ କ୍ଷୀର, ଅଣ୍ଡା, ମାଂସ ଓ ମାଛ ଉତ୍ପାଦନରେ ଏକ ଅଗ୍ରଣୀ ଜିଲା ଭାବେ ପରିଗଣିତ ହୋଇପାରିଛି। ଏହି ମେଳାରେ ପ୍ରାଣୀସଂପଦ ବିକାଶ ବିଭାଗ, ମତ୍ସ୍ୟ ବିଭାଗ, ଓମ୍‌ଫେଡ, ଉଦ୍ୟାନ ଓ କୃଷି ବିଭାଗ, ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ବିଭିନ୍ନ ଷ୍ଟଲ୍ ପ୍ରଦର୍ଶନ କରାଯାଇଥିଲା। ସଫଳ ଚାଷୀ ଭାବେ ପ୍ରାଣୀ ସଂପଦ ଓ ମତ୍ସ୍ୟ ବିଭାଗରୁ ୪ ଜଣ ଲେଖାଏଁ ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପାଲା ମାଧ୍ୟମରେ ଚାଷୀମାନଙ୍କୁ ସରକାରଙ୍କର ବିଭିନ୍ନ ଲୋକାଭିମୁଖୀ ଯୋଜନା ସଂପର୍କରେ ସୂଚନା ପ୍ରଦାନ କରାଯାଇଥିଲା। ଭଦ୍ରକ ଜିଲା ପ୍ରାଣୀ ଚିକିତ୍ସା କେନ୍ଦ୍ରର ଉପ ନିର୍ଦ୍ଦେଶକ ଡ. ଭକ୍ତହରି ମଲ୍ଲିକ ଏହି କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ।

# ମାଟିଆପଡ଼ା ଓଭରବ୍ରିଜ୍ ତଳେ ଆପ୍ରୋଚ ରୋଡ୍ ନିର୍ମାଣ ପାଇଁ ଜିଲ୍ଲା କଂଗ୍ରେସ ପକ୍ଷରୁ ରାସ୍ତାରୋକ

ପୁରୀ, ନ୍ୟୁଜ୍‌ବ୍ୟୁରୋ

ପୁରୀ-କୋଣାର୍କ ରାସ୍ତାର ମାଟିଆପଡା ରେଳ ଓଭରବ୍ରିଜ କାର୍ଯ୍ୟ ଧିମା ଗତିରେ ଚାଲିଛି। ବ୍ରିଜର ଦୁଇ ପାର୍ଶ୍ୱ ରାସ୍ତା ଖୋଳାଖୋଳି ହୋଇ କଦର୍ଯ୍ୟ ଅବସ୍ଥାରେ ରହିଛି। ଇନ୍ଦ୍ରଦ୍ୟୁମ୍ନ ଛକ ଠାରୁ ବାଲିଘାଟ ଛକ ପର୍ଯ୍ୟନ୍ତ ରାସ୍ତାରେ ଚାଲିକରି ଯିବା କଷ୍ଟସାଧ ହୋଇପଡିଲାଣି। ଏହି କାମ ଠିକା ନେଇଥିବା ଠିକା ସଂସ୍ଥା ମାର୍ଚ୍ଚ ୨୦୨୫ ସୁଦ୍ଧା କାର୍ଯ୍ୟ ଶେଷ ଅବଧି ଥିଲେ ମଧ କାମ ୫୦ ପ୍ରତିଶତ ସରିନାହିଁ। ପ୍ରତି ମିନିଟରେ ୨୦ ଖଣ୍ଡ ଯାନ ରେଳ ଫାଟକ ଦେଇ ଯାତାୟାତ କରୁଛି। ରାସ୍ତା କଦର୍ଯ୍ୟ ଓ ଟ୍ରେନ ଗେଟ ପଡିବା ଯୋଗୁ ଅଞ୍ଚଳବାସୀ, ପର୍ଯ୍ୟଟକ, ସିଦ୍ଧମହାବୀର ଦର୍ଶନାର୍ଥୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ଖରାପ ଯୋଗୁ ସ୍କୁଲକୁ ଯାଉଥିବା ବିଦ୍ୟାର୍ଥୀ, ଆମ୍ବୁଲାନ୍ସ ଓ ଦମକଳ ଗାଡ଼ି ଯାଆସରେ ବିଳମ୍ବ ଘଟୁଛି। ୨୦୧୯ ଅଗଷ୍ଟ ମାସରେ କେନ୍ଦ୍ର ସରକାରଙ୍କ ଜାତୀୟ ରାଜପଥ ଓ ପରିବହନ ମନ୍ତ୍ରାଳୟ ପକ୍ଷରୁ ଏହି ଓଭରବ୍ରିଜ ପାଇଁ ସ୍ୱୀକୃତି ମିଳିଥିଲା। ୨୦୨୧ ମସିହାରେ ଜମି ଅଧିଗ୍ରହଣ ଶେଷ ହୋଇ ୨୦୨୨ରେ ବ୍ରିଜ କାମ ଶେଷ ହୋଇଥାନ୍ତା। କିନ୍ତୁ ତାହା ଆଜି ପର୍ଯ୍ୟନ୍ତ ଶେଷ ହୋଇପାରିନାହିଁ। ଓଭରବ୍ରିଜର ଦୁଇ ପଟ ରାସ୍ତା ନହୋଇ ପାରିବାରୁ ତା ପ୍ରତିବାଦରେ ପୁରୀଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ରାସ୍ତାରୋକ କରାଯାଇଥିଲା। ଏହାର ନେତୃତ୍ୱ ଜିଲ୍ଲା କଂଗ୍ରେସ ସଭାପତି ଇଞ୍ଜିନିୟର ରାଜେଶ ମିଶ୍ରଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ଜାତୀୟ ରାଜପଥ ପ୍ରାଧିକରଣ ସୁପରିଟେଣ୍ଡେଣ୍ଟ ଇଞ୍ଜିନିୟରଙ୍କ ଲିଖିତ ପ୍ରତିଶ୍ରୁତି ଦେଇଥିଲେ ଚଳିତମାସ ୨୦ ତାରିଖ ସୁଦ୍ଧା ରାସ୍ତା କାମ ଆରମ୍ଭ କରାଯିବ। ପରେ ଆନ୍ଦୋଳନକାରୀ ମାନେ ଆନ୍ଦୋଳନ ପ୍ରତ୍ୟାହୃତ କରିଥିଲେ। ଏଥିରେ ଉତ୍ତମ ଆଚାର୍ଯ୍ୟ, ବିଦ୍ୟୁତଲତା ଆଚାର୍ଯ୍ୟ, ସରସ୍ୱତୀ ପାତ୍ର, ଅମରେନ୍ଦ୍ର ପାଇକରାୟ, ସିତାକାନ୍ତ ମହାନ୍ତି, ସୁଜିତ ମହାପାତ୍ର, ସ୍ୱାଧୀନ କୁମାର ପଣ୍ଡା, ରଜତ କୁମାର ସାହୁ, ସୁରେନ୍ଦ୍ର ପାଇକରାୟ, ଅବିନାଶ ମିଶ୍ର, ଆଶୁତୋଷ ମିଶ୍ର, ସସ୍ମିତା ସ୍ୱାଇଁ, ବିଶ୍ୱକେସନ ହରିଚନ୍ଦନ ମହାପାତ୍ର, ଉମାକାନ୍ତ ବରାଳ, ସୁକାନ୍ତ କୁମାର ପ୍ରଧାନ, ଉମାକାନ୍ତ ବେହେରା, ଆଡଭୋକେଟ ପାଣ୍ଡି ବାବୁ, ଅମିୟ କୁମାର ମହାପାତ୍ର, ମନୋଜ ମହାପାତ୍ର, ବିଶ୍ୱରଞ୍ଜନ ସାମନ୍ତରାୟ ଏବଂ ଶତାଧିକ ସ୍ଥାନୀୟ ଅଧିବାସୀଙ୍କ ସମେତ ବହୁ ସଂଖ୍ୟକ ସାଧାରଣ ଲୋକେ ଉପସ୍ଥିତ ରହିଥିଲେ।

# ନନ୍ଦାହାଣ୍ଡିରେ ୨୩ ଅଭିଯୋଗ ପତ୍ର ଦାଖଲ

ନନ୍ଦାହାଣ୍ଡି, ନ୍ୟୁଜ୍‌ବ୍ୟୁରୋ

ନନ୍ଦାହାଣ୍ଡି ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧିକ୍ଷକ ମଡକର ସନ୍ଦୀପ ସମ୍ପତଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଜିଲ୍ଲାପରିଷଦ ସଭ୍ୟ (ଜୋନ୍-୧) ଦିବ୍ୟାଦନ ସୁନା, ବିଡିଓ ନନ୍ଦାହାଣ୍ଡି କ୍ଷୀରୋଦ ଚନ୍ଦ୍ର ସାହୁଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୨୩ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୧୭ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୦୬ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା।



# ଇନୋଭିଷ୍ଟା -୨୦୨୫ ବାର୍ଷିକ ବିଜ୍ଞାନମେଳା ଓ ବାର୍ଷିକ ଆନ୍ତଃସ୍କୁଲ ବିଜ୍ଞାନମେଳା ଉଦ୍‌ଯାପିତ

କେନ୍ଦୁଝର, ନ୍ୟୁଜ୍‌ବ୍ୟୁରୋ

ସହର ଉପକଣ୍ଠ ନଇଗାଁ ସ୍ଥିତ ସେଣ୍ଟ ଜାଭିୟର ହାଇସ୍କୁଲରେ ବାର୍ଷିକ ବିଜ୍ଞାନ ମେଳା 'ଇନୋଭିଷ୍ଟା-୨୦୨୫' ବାର୍ଷିକ ବିଜ୍ଞାନମେଳା ଓ ବାର୍ଷିକ ଆନ୍ତଃସ୍କୁଲ ବିଜ୍ଞାନମେଳା ସହ ଚିତ୍ରକଳା ପ୍ରଦର୍ଶନୀ ଖୁବ୍ ଉତ୍ସାହ ଏବଂ ଆଡମ୍ବର ସହକାରେ ଉଦଯାପିତ ହେଇଯାଇଛି। ଦୁଇଦିନ ଧରି ଅନୁଷ୍ଠିତ ହେଇଥିବା ଏହି ପ୍ରଦର୍ଶନୀ ମେଳାରେ ପ୍ରାୟ ୮୦୦ ରୁ ଊର୍ଦ୍ଧ୍ୱ ବିଭିନ୍ନ ପ୍ରକଳ୍ପ ଏବଂ ଦୁଇଶହରୁ ଊର୍ଦ୍ଧ୍ୱ ହସ୍ତକଳା ପ୍ରକଳ୍ପ ପ୍ରଦର୍ଶିତ ହେଇଛି। ଧରଣୀଧର ବିଶ୍ୱ-ବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ଡକ୍ଟର ପ୍ରଭୁଦତ୍ତ ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।

ମୁଖ୍ୟଅତିଥି ଭାବରେ କେନ୍ଦୁଝର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନୀତିନ କୁସଲକର ଦାଗଡୁ ଏବଂ ଜିଲ୍ଲା ବନଖଣ୍ଡ ଅଧିକାରୀ ଏଚ.ଡି. ଧନରାଜ ଯୋଗ ଦେଇ ଆଗାମୀ ସମୟରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ସମ୍ଭାବନା ଏହି ମେଳାରେ ସ୍ଥାନପାଇଛି ବୋଲି ମତବ୍ୟକ୍ତ କରିଥିଲେ। ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ଆମେ ସମାଜର ତଥା ନିଜ ଜିଲ୍ଲାର ଉନ୍ନତିରେ ଭାଗିଦାରୀ ନେବାପାଇଁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସରକାରୀ ମହିଳା ମହାବିଦ୍ୟାଳୟ କେନ୍ଦୁଝରର ଅଧ୍ୟକ୍ଷ ଲଳିତ କୁମାର ସାହୁ, ପଦାର୍ଥ ବିଜ୍ଞାନ ବିଭାଗର ଅଧ୍ୟକ୍ଷ ଜ୍ୟୋତିରଞ୍ଜନ ଜେନା ଏବଂ କାଶଭି ମାଇନ୍ସର ସଭାପତି ଧୀର ନିରୋଦ ପରିଡ଼ା ପ୍ରମୁଖ ଯୋଗ ଦେଇ ଛାତାଛାତ୍ରୀଙ୍କୁ ଉଚ୍ଚାଭିଳାସୀ ହେବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ତଥା କାଶଭି ଗ୍ରୁପ ଅଫ କମ୍ପାନିଜ୍‌ର ଅଧ୍ୟକ୍ଷ ଇଂ ଦେବବ୍ରତ ବେହେରା ଯୋଗୁଁ ଦେଇ ବିଭିନ୍ନ ପ୍ରକଳ୍ପର ନିରୀକ୍ଷଣ କରିବା ସହ ଛାତ୍ରଛାତ୍ରୀଙ୍କୁ ଉଚ୍ଚପ୍ରସଂଶିତ କରିଥିଲେ। ବିଦ୍ୟାଳୟର ଟ୍ରଷ୍ଟି ସୁସ୍ମିତା ବେହେରା, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ କୃଷକ ଚନ୍ଦ୍ରଶେଖର ବେହେରା, ଟ୍ରଷ୍ଟି ଶିରତ କୁମାର ମହାଟ୍ରିଷ୍ଟି ସୌମ୍ୟରଞ୍ଜନ ପଣ୍ଡା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ହାଇସ୍କୁଲର ପ୍ରଶାସନିକ ଅଧ୍ୟକ୍ଷ ଇଂ ମୃତ୍ୟୁଞ୍ଜୟ ନାୟକ, ଉପସଭାପତି ଇଂ କିରଣ ଭାରତୀ, ଅଧ୍ୟକ୍ଷ ଡ. ଦିବ୍ୟକିଶୋର ପ୍ରଧାନ, ଉପାଧ୍ୟକ୍ଷା ସଂଯୁକ୍ତା ଦାସ, ନିବେଦିତା ମିଶ୍ର, ଏକାଡେମିକ କୋର୍ଡିନେଟର ଇଂ ହିମାଳୟ ସାହୁ, ସିଏ ସନତ ସାହୁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ରୋବୋଟିକ, ସାମାଜିକ ବିଜ୍ଞାନ, ବାଣିଜ୍ୟ, କଳା ଏବଂ ହସ୍ତଶିଳ୍ପର ପ୍ରଦର୍ଶନୀରେ ପ୍ରାୟ ୮୦୦ ପ୍ରକଳ୍ପ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶନ କରାଯାଇ ଥିଲା। ପ୍ରକଳ୍ପ ନିରୀକ୍ଷକ ଭାବରେ ବିଭିନ୍ନ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟର ଶିକ୍ଷାବିତ୍‌ମାନେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ପ୍ରକଳ୍ପର ସଠିକ୍ ମୂଲ୍ୟାୟନ କରିଥିଲେ। ସମସ୍ତ ପ୍ରକଳ୍ପ ଗୁଡ଼ିକ ଅତିଥିମାନଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହେଇଥିଲା। ଆନ୍ତଃସ୍କୁଲ ପ୍ରକଳ୍ପ ପ୍ରଦର୍ଶନୀରେ ପ୍ରାୟ ଜିଲ୍ଲା ତଥା ଜିଲ୍ଲା ବଜାରରେ ବିଭିନ୍ନ ବିଦ୍ୟାଳୟ ମହାବିଦ୍ୟାଳୟର ପ୍ରକଳ୍ପ ପ୍ରଦର୍ଶନ ହେଇଥିଲା। ଛାତ୍ରଛାତ୍ରୀଙ୍କ ମଧ୍ୟରେ କୁଇଜ୍ ଏବଂ ବକ୍ତୃତା ପ୍ରତିଯୋଗିତା ଆୟୋଜନ ହେଇଥିଲା। ପରିଶେଷରେ ବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରିକ ଶିବଦତ୍ତ ଦାସ ସମସ୍ତ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମର ସମ୍ପୂର୍ଣ୍ଣ ପରିଚାଳନା ଓ ସହଯୋଗ ଦେବୀ ମହାପାତ୍ର, ସତ୍ୟବ୍ରତ ଦାସ, କମଳ ଲୋଚନ ସାହୁ, ସର୍ବେଶ୍ୱର ମହାନ୍ତି, ସଚିନ କର୍ମାକର, ପ୍ରତୀକ୍ଷା ପ୍ରିୟଦର୍ଶିନୀ, ଲଗ୍ନଜିତ ସାହୁ, ଶଶିରେଖା ସାହୁ, ଗିରୀରାଜେଶ୍ୱରି ମିଶ୍ର, ସୌଦାମିନୀ ଖୁଣ୍ଟିଆ, ନେହା ସିମରନ,ଦୀକ୍ଷା ମିଶ୍ର, ସୁଜିତ୍ ଗୁପ୍ତା ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ନେତୃତ୍ୱ ନେଇଥିଲେ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୬ ନଭେମ୍ବର ୨୦୨୫ ରବିବାର





# ସରକାରୀ ଯୋଜନାର ସଫଳ ରୂପାୟନ ନିମନ୍ତେ ଆହ୍ୱାନ୍




**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଲୋକଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ସଚେତନତା କରିବା ଲକ୍ଷରେ ପ୍ରତି ବ୍ଲକରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଆୟୋଜନ କରି ପଶୁ ପାଳନ ଓ ମତ୍ସ୍ୟ ସମ୍ପଦ ଉପରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରି ସରକାରଙ୍କ ଯୋଜନାରେ ସାମିଲ୍ ହୋଇ ଲାଭ ଉଠାଇବା ଉଦ୍ଦେଶ୍ୟରେ ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକରେ ବିଡିଓ ଲକ୍ଷ୍ମଣ ମାଝୀଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବରେ ବିଜେପୁର ବିଧାୟକ ସନତ ଗଡତିଆ ଏବଂ ମୁଖ୍ୟବକ୍ତା ଭାବରେ ଜିଲ୍ଲା ସହକାରୀ ପ୍ରାଣୀ ଚିକିତ୍ସକ ଡ. ଅକ୍ଷୟ କୁମାର ମହାଳିକ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ବ୍ଲକ ଅଧ୍ୟକ୍ଷ ପ୍ରଣୟ କୁମାର ସାହୁ, ଜିଲ୍ଲା ମତ୍ସ୍ୟ ବିଭାଗ ଅଧିକାରୀ ଶୁଭସ୍ମିତା ଘଡ଼େଇ, ସାଂସଦ ପ୍ରତିନିଧି ସଞ୍ଜୟ କୁମାର ପୁରୋହିତ, ଜିଲ୍ଲାପରିଷଦ ସଭ୍ୟା ଝରଣା ପାଣିଗ୍ରାହୀ, ଆମ୍ବା ଅଧ୍ୟକ୍ଷା ସୁପ୍ରଭା ବାରିକ ପ୍ରମୁଖ ଯୋଗଦେଇଥିଲେ । ନବୀନ ଚନ୍ଦ୍ର ସାହୁ ସଭା ପରିଚାଳନା କରିଥିବା ବେଳେ ଡ. ରାନୁ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼. ରଶ୍ମିରଞ୍ଜନ ମହାନ୍ତି ସରକାରଙ୍କ ବିଭିନ୍ନ ଯୋଜନା ତଥା ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା, ପ୍ରାଣୀ କଲ୍ୟାଣ ଯୋଜନା, ଜାତୀୟ ପ୍ରାଣିଧନ ମିଶନ ଉପରେ ଅବଗତ କରାଇଥିଲେ। ଏହି ମେଳାରେ ମିଶନ ଶକ୍ତି, ମିଲେଟ ମିଶନ, ଆଇସିଡ଼ିଏସ, ପ୍ରାଣୀ ବିଭାଗ, ମତ୍ସ୍ୟ ବିଭାଗ ଏବଂ ବିଭିନ୍ନ ବିଭାଗ ପକ୍ଷରୁ ଷ୍ଟଲ୍ ପ୍ରଦର୍ଶନୀ ହୋଇଥିଲା। ଏଥିରେ ଗାଇ, ଛେଳି ଓ କୁକୁଡ଼ା ପାଳନ ଏବଂ ମାଛ ଚାଷ କରି ସଫଳତା ହାସଲ କରିଥିବା ଅଚ୍ୟୁତାନନ୍ଦ ସାହୁ, ମୋନିକା ମହାନ୍ତି, ଅଙ୍ଗୁରି ସାହୁ, ବୃନ୍ଦାବତି ସାହୁ, ମା' ଗୋୟେଲ ବିନ୍ଧନ ସ୍ୱୟଂ ସହାୟକ ଗୋଷ୍ଠୀ, ପୁଷ୍ପା ପଧାନ, ସୋନିକା ପଧାନ, ଲକ୍ଷ୍ମୀପ୍ରିୟା ବିଶ୍ୱାଳ ଆଦି ଚାଷୀମାନଙ୍କୁ ଅତିଥି ମାନେ ଉପଢ଼ୌକନ, ପୁଷ୍ପଗୁଚ୍ଛ ଓ ଚେକ୍ ପ୍ରଦାନ କରି ସମ୍ମାନିତ କରିଥିଲେ । ବିଧାୟକ ଶ୍ରୀ ଗଡତିଆ ଏଭଳି ଏକ ମହତ୍ କାର୍ଯ୍ୟ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ସଫଳତା ହାସଲ କରିଥିବା ସମସ୍ତ ଚାଷୀମାନଙ୍କୁ ଉତ୍ସାହିତ କରିଥିବା ବେଳେ ଉପସ୍ଥିତ ସମସ୍ତ ଚାଷୀମାନଙ୍କୁ ସରକାରଙ୍କ ଯୋଜନାରେ ସାମିଲ୍ ହୋଇ ଲାଭବାନ ହେବା ପାଇଁ ଅନୁରୋଧ କରିଥିଲେ । ବିଭାଗୀୟ ସମସ୍ତ କର୍ମଚାରୀମାନେ ଉପସ୍ଥିତ ରହି ସହଯୋଗ କରିଥିବା ବେଳେ ପରିଶେଷରେ ବ୍ଲକ ମତ୍ସ୍ୟ ବିଭାଗ ଅଧିକାରୀ ଭେଙ୍କଟେସ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ମୟୂରଭଞ୍ଜରେ ଖସୁଛି ପାରଦ:ଶିମିଳିପାଳର ସର୍ବନିମ୍ନ ତାପମାତ୍ରା ୩ ଡିଗ୍ରୀ ଛୁଇଁଲା

**ବାରିପଦା, ନ୍ୟୁଜ୍ ବ୍ୟୁରୋ**



ଶୀତର ଆଗମନ ସହ ମୟୂରଭଞ୍ଜ ଜିଲ୍ଲାବ୍ୟାପି ଶୀତ ଅନୁଭୂତ ହେଉଛି। ଶୀତ ପ୍ରକୋପରେ ଜିଲ୍ଲା ସମେତ ଶିମିଳିପାଳ ଅଭୟାରଣ୍ୟ ମଧ୍ୟ ଥରୁଛି। ଶନିବାର ରାତିରେ ଶିମିଳିପାଳ ଅଭୟାରଣ୍ୟରେ ଚଳିତ ବର୍ଷର ସର୍ବନିମ୍ନ ୩ ଡିଗ୍ରୀ ତାପମାତ୍ରା ଛୁଇଁଥିବାର ରେକର୍ଡ କରାଯାଇଛି। ସମଗ୍ର ଜିଲ୍ଲାରେ ଥଣ୍ଡା ଅନୁଭୂତ ହେଉଥିବାରୁ ସାଧାରଣ ଜନଜୀବନକୁ ପ୍ରଭାବିତ କରୁଛି। ତେବେ ଏଥିରୁ ଶିମିଳିପାଳ ଅଭୟାରଣ୍ୟ ବର୍ତ୍ତି ପାରିନାହିଁ। ବିଗତ ସପ୍ତାହ ଧରି ଜିଲ୍ଲାରେ ଧୀରେ ଧୀରେ ଶୀତର ପ୍ରକୋପ ବୃଦ୍ଧି ପାଉଥିବା ବେଳେ ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ତାପମାତ୍ରା ନିମ୍ନଗାମୀ ହେବା ସହ ସର୍ବନିମ୍ନ ତାପମାତ୍ରା ୩ ଡିଗ୍ରୀ ଛୁଇଁଛି। ଏନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ଼ଃ ପ୍ରକାଶ ଚାନ୍ଦ ଗୋଗିନେନି ସୂଚନା ଦେଇଛନ୍ତି। ଶିମିଳିପାଳ ଅଭୟାରଣ୍ୟର ଉପର ବାରାହା କାମୁଡାରେ ସର୍ବନିମ୍ନ ୩ ଡିଗ୍ରୀ ତାପମାତ୍ରା ଛୁଇଁଥିବା ବେଳେ ଚହଲା ୭ ଡିଗ୍ରୀ, ନଓ୍ୱଣା ୮ ଡିଗ୍ରୀ, ବରେହିପାଣି ୯ ଡିଗ୍ରୀ, ରାମତୀର୍ଥ ୧୪ ଡିଗ୍ରୀ, ଗୁଡୁଗୁଡିଆ ୧୦ ଡିଗ୍ରୀ, ସାତକୋଶିଆରେ ୧୪ ଡିଗ୍ରୀ ଓ କିଆଝରିରେ ୧୩ ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରା ରେକର୍ଡ କରାଯାଇଛି। ଶିମିଳିପାଳ ଅଭୟାରଣ୍ୟ ପର୍ବତ ମାଳାର ଅନେକ ସ୍ଥାନରେ ପ୍ରବଳ ଶୀତ ଅନୁଭୂତ ହେଉଛି। ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ଥିବା ନିଷିଦ୍ଧାଞ୍ଚଳ ଗୁଡିକରେ ତାପମାତ୍ରା ହ୍ରାସ ଯୋଗୁ ରାତିରେ ଘାସ, ଗଛଲତା ମାନଙ୍କ ଉପରେ ପଡିଥିବା କାକର ବିନ୍ଦୁ ଜମାଟ ବାନ୍ଧି ତୁହିନର ଆସ୍ତରଣରେ ପରିଣତ ହୋଇଥିବା ବେଳେ ତୁଷାର ପାତର ଭ୍ରମ ସୃଷ୍ଟି କରିଛି। ଯାହା ଫଳରେ ଶିମିଳିପାଳ ଅଭୟାରଣ୍ୟ ଭିତରେ ଥିବା ବିଭିନ୍ନ ନେଚର କ୍ୟାମ୍ପ ଗୃହ ଓ ଘାସ ଗାଲିଚା ଉପରେ ତୁହିନର ଆସ୍ତରଣ ଦେଖିବାକୁ ମିଳିଛି। ଆଭ୍ୟନ୍ତରୀଣ ଶିମିଳିପାଳର ଅନ୍ୟାନ୍ୟ ମୁଖ୍ୟ ସ୍ଥାନ ଦେବସ୍ଥଳୀ, ଜେନାବିଲ, କୁମାରୀ ଓ ତାରାଣୀବିଲା ଆଦିରେ ମଧ୍ୟ ପ୍ରବଳ ମାତ୍ରରେ ଶୀତ ଅନୁଭୂତ ହେଉଥିବାର ସୂଚନା ମିଳିଛି। ପାରଦ ଖସିବାରୁ ଶିମିଳିପାଳ ଅଭୟାରଣ୍ୟ ସମେତ ଜିଲ୍ଲାବ୍ୟାପି ଶୀତ ଅନୁଭୂତ ହେଉଛି। ତେବେ ଆଗକୁ ଆହୁରି ତାପମାତ୍ରା କମିବା ନେଇ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ପ୍ରବଳ ଥଣ୍ଡା କାରଣରୁ ସନ୍ଧ୍ୟା ହେଲେ ଗାଁରୁ ସହର ସବୁଠି ରାସ୍ତାଘାଟ ଶୂନଶାନ ହୋଇଯାଉଛି। ସକାଳୁ ସକାଳୁ ଅନେକ ସମୟ ପର୍ଯ୍ୟନ୍ତ କୁହୁଡି ଲାଗି ରହୁଛି। ଯାହାକୁ ସ୍ଥାନେ ସ୍ଥାନେ ଘଣ୍ଟା ଘଣ୍ଟା ଧରି ଲୋକେ ନିଆଁ ଜାଳି ବସି ରହୁଛନ୍ତି। ତେବେ ବିଗତ ବର୍ଷ ମାନଙ୍କରେ ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ସର୍ବନିମ୍ନ ଶୂନ୍ୟ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିଲା। ଚଳିତବର୍ଷ ମଧ୍ୟ ଆହୁରି ତାପମାତ୍ରା ଖସିବାର ଯଥେଷ୍ଟ ସମ୍ଭାବନା ରହିଛି। ବର୍ତ୍ତମାନ ପିକ୍‌ନିକ୍ ଋତୁରେ ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକଙ୍କ ସୁଅ ଛୁଟିବାରେ ଲାଗିଛି। ଶୀତ କୁହୁଡି ମଧ୍ୟରେ ଶିମିଳିପାଳର ପ୍ରାକୃତିକ ପରିବେଶର ମଜା ନେବାରୁ ସୁଯୋଗକୁ କେହିବି ହାତଛଡା କରିବାକୁ ଚାହିଁନାହାଁନ୍ତି। ପାହାଡ ଓ ପ୍ରକୃତିମାଳାରେ ଘେରି ରହିଥିବା ଶିମିଳିପାଳରେ ତୁଷାରପାତ ପରେ ଓଡ଼ିଶାର କାଶ୍ମୀର ପରି ଭୂସ୍ୱର୍ଗ ପାଲଟି ଯାଇଛି। ଯାହା ପର୍ଯ୍ୟଟକ ମାନଙ୍କ ପାଇଁ ଖୁବ୍ ମଜାର କାରଣ ସାଜିଛି।

### ||||||||||||||||||||| ବେଦାନ୍ତର ନନ୍ଦଘର ୧୬ ରାଜ୍ୟରେ ୧୦,୦୦୦ କେନ୍ଦ୍ର |||||||||||||||||||||

# ବେଦାନ୍ତର ନନ୍ଦଘର ୪ ଲକ୍ଷ ଶିଶୁ, ୩ ଲକ୍ଷ ମହିଳାଙ୍କ ଜୀବନକୁ ପରିବର୍ତ୍ତନ କରୁଛି

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଭାରତର ଅଗ୍ରଣୀ ବେଦାନ୍ତ ଗ୍ରୁପର ସାମାଜିକ ପ୍ରଭାବ ଶାଖା ଅନିଲ୍ ଅଗ୍ରୱାଲ୍ ଫାଉଣ୍ଡେସନ୍ (ଏଏଏଫ୍) ଭାରତର ସାମାଜିକ ପ୍ରଭାବ ଯାତ୍ରାରେ ଏକ ଐତିହାସିକ ଉପଲବ୍ଧିକୁ ଘୋଷଣା କରିଛି। ବେଦାନ୍ତର ପ୍ରମୁଖ ସାମାଜିକ ପ୍ରଭାବ ପଦକ୍ଷେପ ନନ୍ଦ ଘର ୧୬ଟି ରାଜ୍ୟରେ ୧୦,୦୦୦ କେନ୍ଦ୍ର ମାଇଲଖୁଣ୍ଟ ଅତିକ୍ରମ କରିଛି, ସାରା ଦେଶରେ ପ୍ରତିଦିନ ଚାରି ଲକ୍ଷରୁ ଅଧିକ ଶିଶୁ ଏବଂ ତିନି ଲକ୍ଷ ମହିଳାଙ୍କ ଜୀବନକୁ ପରିବର୍ତ୍ତନ କରିଛି। ନନ୍ଦ ଘର ଗ୍ରାମୀଣ କେନ୍ଦ୍ରଗୁଡ଼ିକୁ ଆଧୁନିକୀକରଣ କରି ଏବଂ ଉନ୍ନତ ପୁଷ୍ଟିସାର, ପ୍ରାରମ୍ଭିକ ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ଦକ୍ଷତା ବିକାଶ ମାଧ୍ୟମରେ ମହିଳା ଏବଂ ଶିଶୁମାନଙ୍କୁ ସଶକ୍ତ କରି ଭାରତର ଅଙ୍ଗନୱାଡି ଇକୋସିଷ୍ଟମ୍‌କୁ ପୁନଃପରିଭାଷିତ କରୁଛି। ଭାରତ ସରକାରଙ୍କ ସମନ୍ୱିତ ଶିଶୁ ବିକାଶ ଯୋଜନା (ଆଇସିଡିଏସ୍) ସହିତ ମିଳିତ ଭାବରେ, ଯାହା ଚଳିତ ବର୍ଷ ୫୦ ବର୍ଷ ପୂରଣ କରୁଛି, ଏହି ପଦକ୍ଷେପ ପାରମ୍ପରିକ ଅଙ୍ଗନୱାଡିଗୁଡ଼ିକୁ ଆଧୁନିକ, ପ୍ରଯୁକ୍ତିବିଦ୍ୟା-ସକ୍ଷମ ହବରେ ପରିଣତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧିକୁ ପ୍ରତିନିଧିତ୍ୱ କରେ ଯାହା ତୃଣମୂଳ ସ୍ତରରେ ଉଲ୍ଲେଖନୀୟ ପ୍ରଭାବ ପ୍ରତିଫଳିତ କରେ। ପ୍ରତ୍ୟେକ ନନ୍ଦ ଘର ହେଉଛି ସ୍ମାର୍ଟ ଶ୍ରେଣୀଗୃହ, ଡିଜିଟାଲ୍ ଶିକ୍ଷଣ ଉପକରଣ, ବିଏଏଲ୍‌ଏ (ଶିକ୍ଷଣ ସହାୟକ ଭାବରେ ନିର୍ମାଣ) ଡିଜାଇନ୍, ନିର୍ଭରଯୋଗ୍ୟ ବିଦ୍ୟୁତ୍, ବିଶୁଦ୍ଧ ପାନୀୟ ଜଳ, ସ୍ୱଚ୍ଛ ପରିମଳ ଏବଂ ଶିଶୁ-ଅନୁକୂଳ ଫର୍ଣ୍ଣିଚର ସହିତ ସଜ୍ଜିତ ପରିବର୍ତ୍ତନର ଏକ ମଡେଲ୍, ଯାହା ୩-୬ ବର୍ଷ ବୟସର ପିଲାମାନଙ୍କ ପାଇଁ ନିରାପଦ, ଅନ୍ତର୍ଭୁକ୍ତ ଏବଂ ପ୍ରେରଣାଦାୟକ ସ୍ଥାନ ସୃଷ୍ଟି କରୁଛି। ପ୍ରାରମ୍ଭିକ ଶିକ୍ଷା ବ୍ୟତୀତ, ନନ୍ଦଘର ଗୁଡ଼ିକ ଏକ ଗୁରୁତ୍ୱପୂର୍ଣ୍ଣ ସମ୍ପ୍ରଦାୟ ହବ୍ ଭାବରେ କାର୍ଯ୍ୟ କରେ ଯେଉଁଠାରେ ପିଲାମାନଙ୍କ ପାଇଁ ପୁଷ୍ଟି କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟ ଯାଞ୍ଚ, ଟିକାକରଣ ଅଭିଯାନ ଏବଂ ମହିଳାମାନଙ୍କ ଦକ୍ଷତା ବୃଦ୍ଧି ପଦକ୍ଷେପ ସୁସ୍ଥ ଏବଂ ଗ୍ରାମଗୁଡ଼ିକୁ ଅଧିକ ପ୍ରୋତ୍ସାହିତ କରିବା ଦିଗରେ କାର୍ଯ୍ୟ କରିଥାଏ। ବେଦାନ୍ତର ଅଧ୍ୟକ୍ଷ ଅନିଲ ଅଗ୍ରୱାଲଙ୍କ ଦୃଷ୍ଟିକୋଣରେ ଆରମ୍ଭ ହୋଇଥିବା ନନ୍ଦଘର ପ୍ରୟାସ ଏକ ଦେଶବ୍ୟାପୀ ଆନ୍ଦୋଳନରେ ପରିଣତ ହୋଇଛି। ଏହି ମାଇଲଖୁଣ୍ଟ ବିଷୟରେ କହି ବେଦାନ୍ତ ଗ୍ରୁପର ଅଧ୍ୟକ୍ଷ ଅନିଲ ଅଗ୍ରୱାଲ କହିଛନ୍ତି, 'ଯେତେବେଳେ ଆମେ ନନ୍ଦ ଘର ଯାତ୍ରା ଆରମ୍ଭ କରିଥିଲୁ, ସ୍ୱପ୍ନ ସରଳ ଥିଲା - ପ୍ରତ୍ୟେକ ଶିଶୁକୁ ଉପଯୁକ୍ତ ପୁଷ୍ଟିସାର ଯୁକ୍ତ ଖାଦ୍ୟ ଓ ପ୍ରାରମ୍ଭିକ ଶିକ୍ଷା ଏବଂ ପ୍ରତ୍ୟେକ ମହିଳାଙ୍କୁ ନିଜ ଗୋଡ଼ରେ ଠିଆ ହେବାର ସୁଯୋଗ ମିଳିବା ନିଶ୍ଚିତ କରିବା। ଯେତେବେଳେ ଆମେ ୧୬ଟି ରାଜ୍ୟରେ ୧୦,୦୦୦ ନନ୍ଦ ଘର ମାଇଲଖୁଣ୍ଟ ଅତିକ୍ରମ କରୁଛୁ, ସେହି ସ୍ୱପ୍ନ ବାସ୍ତବତାରେ ପରିଣତ ହେଉଛି। ପ୍ରତ୍ୟେକ ନନ୍ଦ ଘର ସଶକ୍ତିକରଣ, ଶିକ୍ଷା ଏବଂ ଆକାଂକ୍ଷାର ପ୍ରତୀକ। ଏହି ମାଇଲଖୁଣ୍ଟ କେବଳ ଭାରତ ସରକାର, ରାଜ୍ୟ ସରକାର ଏବଂ ସ୍ଥାନୀୟ ସମ୍ପ୍ରଦାୟର ଅଟଳ ସହଭାଗୀତା ଓ ସମର୍ଥନ ଯୋଗୁଁ ସମ୍ଭବ ହୋଇପାରିଛି।




# ବାଇପାସ୍ ରାସ୍ତା ନିର୍ମାଣରେ ଅନିୟମିତତା ଅଭିଯୋଗ



**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ନିର୍ବାଚନ ମଣ୍ଡଳୀର ପ୍ରମୁଖ ରାସ୍ତା ମଧ୍ୟରୁ ଧର୍ମଶାଳା ବାଇପାସ୍ ତଥା ପୁରୁଣା ଜଗନ୍ନାଥ ରୋଡ ରାସ୍ତା ୪ ଥାକିଆ ହେବା ପାଇଁ ପୂର୍ତ୍ତବିଭାଗ ପକ୍ଷରୁ ଗତ ୮/୧୨/୨୩ ତାରିଖରେ ଶୁଭ ଦିଆଯାଇଥିଲା। ୨.୨୦୮ କିମି ଏହି ରାସ୍ତା ବ୍ରାହ୍ମଣୀ ନଦୀବନ୍ଧ ଠାରୁ ୧୪ନଂ କେନାଲ ବୁଦ୍ଧମୂର୍ତ୍ତି ପର୍ଯ୍ୟନ୍ତ ରହିଛି। ଉନ୍ନତିକରଣ ଓ ପ୍ରଶସ୍ତିକରଣ ହେଉଥିବା ୪ ଥାକିଆ ଏହି ରାସ୍ତା ଏବେ ମରଣଜନ୍ତା ହୋଇଛି। ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବରୁ ରାସ୍ତାକାମ ଅଧପନ୍ତରିଆ କରି କାମ ସାରିବାକୁ ବସିଲେଣି। ବହୁ ମୂଲ୍ୟବାନ ଗଛକୁ କାଟି ନେଲାବେଳେ ଏବେବି ବହୁ ବଡ଼ ବଡ଼ ବରଗଛ ରାସ୍ତା ଉପରେ ରହିଛି। ବିଦ୍ୟୁତ୍ ବିଭାଗ ପକ୍ଷରୁ ବିଦ୍ୟୁତ୍ ଖୁଣ୍ଟ ଓ ଷ୍ଟ୍ରକ୍‌ଚରକୁ ଉଠାଯାଇନାହିଁ। ଠିକାଦାର ଜେନେତେନେ ପ୍ରକାର ପିଚୁ କାମ ସାରିଦେବାକୁ ବସିଲେଣି । ଏଗ୍ରିମେଣ୍ଟ ବାହାରେ ଠିକାଦାର ନିଜ ମନଇଚ୍ଛା କାମ କରୁଛନ୍ତି। ବିଭାଗୀୟ ଅଧିକାରୀଙ୍କ ଦେଖାନାହିଁ। ଧର୍ମଶାଳା ବଜାର, ହାଟ, ଧର୍ମଶାଳା ଥାନା, ଡାକ୍ତରଖାନା, ହାଇସ୍କୁଲ, ପୋଷ୍ଟ ଅଫିସ, ତହସିଲ ଓ ସବ୍‌ରେଜିଷ୍ଟାର ଅଫିସ୍ ଯିବାପାଇଁ ଜନସାଧାରଣ ଏହି ରାସ୍ତା ପରେ ନିର୍ଭର କରନ୍ତି। ଅନ୍ୟପଟେ ୧୬ନଂ ଜାତୀୟ ରାଜପଥ, ଧର୍ମଶାଳା ପବ୍ଲିକ ସ୍କୁଲ, ଭେଙ୍କେଷ୍ଟେଶ୍ୱର ସ୍କୁଲ, କଲର୍ କ୍ଲାଉଡ୍ ସ୍କୁଲର ଛାତ୍ରଛାତ୍ରୀମାନେ ମଧ୍ୟ ଏହି ରାସ୍ତା ଉପରେ ଯାତାୟାତ କରନ୍ତି। ବହୁ ସ୍ଥାନରେ ଜବରଦଖଲରୁ ରାସ୍ତା ଅବରୋଧ ହୋଇଛି। ଟ୍ରାଫିକ୍ ସମସ୍ୟା ପାଇଁ ଆମ୍ବୁଲାନ୍ସ ଗାଡି ମଧ୍ୟ ଫଶୀ ରହୁଥିବା ଦେଖାଯାଉଛି। ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି। ବ୍ୟବସାୟୀମାନେ ରାସ୍ତାକୁ ଜବରଦଖଲ କରିଥିବାବେଳେ ପୂର୍ତ୍ତ ବିଭାଗ, ପୋଲିସ କିମ୍ବା ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। ରାଜ୍ୟ ପୂର୍ତ୍ତମନ୍ତ୍ରୀ ତଥା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ତୁରନ୍ତ ଦୃଷ୍ଟି ପଡ଼ିବାକୁ ଦାବି ହେଉଛି।



# ଶିମିଳିପାଳରେ ବାଘ ଶିକାର ବେଳେ ଭିଡ଼ିଓ ଭାଇରାଲ୍

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ପ୍ରାକୃତିକ ସୁଷମା ରାଜିରେ ଭରପୁର ଏସିଆ ମହାଦେଶର ଦ୍ୱିତୀୟ ବୃହତ ଜୈବ୍ୟ ମଣ୍ଡଳ ଭାବେ ପ୍ରସିଦ୍ଧ ଲାଭ କରିଥିବା ଶିମିଳିପାଳ ଅଭୟାରଣ୍ୟରେ ବାଘ ହରିଣ ଶିକାର ବେଳର ଭିଡ଼ିଓ ମୋବାଇଲରେ କଏଦ ହୋଇଛି। ଯାହାକି ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଶିମିଳିପାଳ ଅଭୟାରଣ୍ୟ ବୁଲିବା ପାଇଁ ଆସିଥିବା ପଶ୍ଚିମବଙ୍ଗର ଜଣେ ପର୍ଯ୍ୟଟକ ଉକ୍ତ ଦୃଶ୍ୟ ଦେଖି ମୋବାଇଲରେ କଏଦ କରିଥିଲେ। ଯାହାକି ଚର୍ଚ୍ଚାର ବିଷୟ ପାଲଟିଛି। ଶିମିଳିପାଳ ଅଭୟାରଣ୍ୟ ଘଞ୍ଚ ଜଙ୍ଗଲରେ ବାଘ ଦେଖି ପର୍ଯ୍ୟଟକମାନେ ଭୟଭିତ ହୋଇଥିଲେ। ସଫାରିରେ ଯାଉଥିବା ବେଳେ ବାଘକୁ ରାସ୍ତା କଡରେ ଦେଖିଥିଲେ। ୩ ଜଣ ବାଘ ଏକ ହରିଣକୁ ଶିକାର କରୁଥିବା ବେଳେ ଭିଡ଼ିଓ ଉତ୍ତୋଳନ କରିଥିଲେ। ଯାହାର ଭିଡିଓ ଅନେକ ଭାଇରାଲ୍ ହେଉଛି। ତେବେ ଏହାକୁ ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ତଥା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ଼ଃ ପ୍ରକାଶ ଚାନ୍ଦ ଗୋଗିନେନି ଖଣ୍ଡନ କରିଛନ୍ତି। ଏହା ଶିମିଳିପାଳ ନୁହେଁ ମହାରାଷ୍ଟ୍ର ଅଞ୍ଚଳର ଜଙ୍ଗଲର ଭିଡ଼ିଓ ଅଟେ।

# ବାଜବାଟି ପାହାଡ଼ରୁ ହଜାରେ କୋଟିର କଳାପଥର ଲୁଟ୍:ପ୍ରଶାସନିକ ତଦନ୍ତ ବେଳେ ଆକ୍ରମଣ

**ଯାଜପୁର, ନ୍ୟୁଜ୍**



ଯାଜପୁର ଜିଲ୍ଲାର ଧର୍ମଶାଳା ତହସିଲ ଅନ୍ତର୍ଗତ ବାଜବାଟୀ ପାହାଡରୁ ରାଜ୍ୟରେ ବି.ଜେ.ପି ସରକାର କ୍ଷମତାକୁ ଆସିବା ପରେ ପ୍ରାୟ ହଜାର କୋଟି ଟଙ୍କାର କଳାପଥର ଲୁଟ୍ ହୋଇଛି। ବାଜବାଟୀର ମହାଲୁଟ୍ ରାଜ୍ୟର ବଡସ୍କାମ୍ ହେବାକୁ ଯାଉଛି। ଏଥିନେଇ ଗ୍ରୀନ୍ ଟ୍ରିବ୍ୟୁନାଲ୍‌ର ନିର୍ଦ୍ଦେଶ ଅନୁସାରେ ଗୁରୁବାର ପାହାଡର ୨ ନଂ ଏବଂ ୬ ନଂ ଖାଦାନରୁ ବେଆଇନ୍ ଖନନ ନେଇ ତଦନ୍ତ ଚାଲିଥିବା ବେଳେ ଅଭିଯୋଗକାରୀଙ୍କୁ ତଦନ୍ତ କ୍ଷେତ୍ରକୁ ଛାଡିନଦେବା ପାଇଁ ଗାଳିଗୁଲଜ କରାଯିବା ଏବଂ ତାଙ୍କର କାର୍‌କୁ ଆକ୍ରମଣ କରି ଭାଙ୍ଗି ଦିଆଯିବା ଭଳି ଗୁଣ୍ଡାରାଜ୍ ଘଟିଛି। ରାଜ୍ୟର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖଣି ଲୁଟ୍ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଉପରେ ବାରମ୍ବାର ଗୁରୁତ୍ୱାରୋପ କରୁଥିବାବେଳେ ଧର୍ମଶାଳାରେ ଏହାର କୌଣସି ପ୍ରଭାବ ନପଡିବା ନେଇ ସାଧାରଣରେ ମୁଖ୍ୟମନ୍ତ୍ରୀଙ୍କ ଭୂମିକା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପର ପକ୍ଷରେ ବାଜବାଟୀ ପାହାଡରୁ କୋଟି କୋଟି ଟଙ୍କାର କଳାପଥର ଲୁଟ୍ ନେଇ ଧର୍ମଶାଳା ପାହାଡ ପର୍ବତ ସୁରକ୍ଷାମଞ୍ଚ ସଭାପତି ସତୀଶ ବିଶ୍ୱାଳଙ୍କ ପତ୍ର ଆଧାରରେ ମୁଖ୍ୟମନ୍ତ୍ରୀଙ୍କ ତରଫରୁ କାର୍ଯ୍ୟାନୁଷ୍ଠାନ ପାଇଁ ବହୁ ନିର୍ଦ୍ଦେଶକୁ ପୋଲିସ ଏବଂ ପ୍ରଶାସନ ଚାପି ଦେଇଛି। ଏପରିକି ଦୈନିକ ଲକ୍ଷ ଲକ୍ଷ ଟଙ୍କାର କଳାପଥର ଲୁଟ୍ ନେଇ ପୋଲିସ ଏବଂ ପ୍ରଶାସନ ଚୁପ୍ ରହିଛି। ତେବେ ଗ୍ରୀନ୍ ଟ୍ରିବ୍ୟୁନାଲ୍‌ରେ ଅଭିଯୋଗକାରୀ ଉର୍ବସୀ ଜେନାଙ୍କୁ ତଦନ୍ତ ଟିମ୍ ସହ ନଯିବାକୁ ମାଫିଆଙ୍କ ତରଫରୁ ଗାଳିଗୁଲଜ ଏବଂ ତାଙ୍କର କାର୍ ଭଙ୍ଗାଯିବା ନେଇ ସେ ଧର୍ମଶାଳା ଥାନାରେ କୌଣସି ଏତଲା ଦେଇନାହାନ୍ତି। ଧର୍ମଶାଳାରେ ପୋଲିସ ଠାରୁ କୌଣସି ନ୍ୟାୟ ମିଳୁନଥିବାରୁ ଅଭିଯୋଗକାରୀ ଏଥିନେଇ ଏତଲା ପ୍ରଦାନ କରିନଥିବାର କୁହାଯାଉଥିବା ବେଳେ ଅଭିଯୋଗକାରୀ ଏଥିନେଇ କୌଣସି ମତାମତ ଦେଇନାହାନ୍ତି। ବାଜବାଟୀ ପାହାଡ଼ରୁ ବେଆଇନ୍ ପଥର ଚାଲାଣ ନେଇ ସତୀଶ ବିଶ୍ୱାଳଙ୍କ କେସ୍ ଆଧାରରେ ଲୋକାୟୁକ୍ତଙ୍କ ତରଫରୁ ବହୁ କୋଟି ଟଙ୍କାର ଜରିମାନା ହୋଇଥିଲା। ଏହି ଜରିମାନା ଆଦାୟ ହୋଇନଥିବା ବେଳେ ସେହି ପଥର ଲୁଟେରାମାନେ ପୁନଶ୍ଚ ଲୁଟ୍ ଚଲାଇଛନ୍ତି। ତଦନ୍ତ ବେଳେ ମଧ୍ୟ ଏହି ପଥର ବ୍ୟବସାୟୀ ଉପସ୍ଥିତ ଥିଲେ। ବାଜାବଟୀର ମହାଲୁଟ୍ ରାଜ୍ୟର ବଡସ୍କାମ୍ ହେବାକୁ ଯାଉଛି। ବାଜବାଟୀର ଅନ୍ୟ ଦୁଇଟି ଖାଦାନରେ ବାହାରର କମ୍ପାନୀ ତରଫରୁ ରାବଣ ରାଜ୍ ଚାଲିଛି। ପଥର ବ୍ୟବସାୟ ଉପରେ ନିର୍ଭରଶୀଳ ଲୋକେ କ୍ଷତିଗ୍ରସ୍ତ ହେଉଛନ୍ତି। ସରକାର ବହୁକୋଟି ଟଙ୍କାର ରାଜସ୍ୱ ହରାଇଛନ୍ତି। ଖୁବ୍‌ଶିଘ୍ର ଏଥିନେଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ଠୋସ୍ ପଦକ୍ଷେପ ନେବି। ବାଜବାଟୀର ଏହି ଦୁଇ ଖାଦାନର ପଥର ଉତ୍ତୋଳନ ନେଇ ଡ୍ରୋନ୍ ସର୍ଭେ ହୋଇ ଆକଳନ କରାନଯାଇ ବେଆଇନ୍ ଭାବେ ନବୀକରଣ କରାଯାଇଛି। ଗୁରୁବାର ଏହି ତଦନ୍ତରେ ଉପନିର୍ଦ୍ଦେଶକ ଲଘୁଖଣିଜ ଦ୍ରବ୍ୟ, ଧର୍ମଶାଳା ତହସିଲଦାର, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ, ପରିବେଶବିଜ୍ଞାନୀ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପ୍ରମୁଖ ଯୋଗଦେଇଥିଲେ।

# ନିଖୋଜ ଯୁବତୀ ମଧ୍ୟପ୍ରଦେଶରୁ ଉଦ୍ଧାର

**ରାଇଘର, ନ୍ୟୁଜ୍ ବ୍ୟୁରୋ**

ଦୁଇ ବର୍ଷ ପୂର୍ବେ ଦାଦନ ଖଟିବାକୁ ଯାଇଥିବା ଜଣେ ଯୁବତୀଙ୍କୁ କୁନ୍ଦେଇ ପୋଲିସ ମଧ୍ୟପ୍ରଦେଶରୁ ଉଦ୍ଧାର କରିଛି। ଯୁବତୀ ଜଣଙ୍କ ହେଲେ ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ ସମ୍ବଲପୁର ଗ୍ରାମର ପୂଜା ସୂର୍ଯ୍ୟବଂଶୀ ସେ ଘରେ କାହାରିକୁ ନଜଣାଇ ୨୦୨୩ ମସିହାରେ ମଧ୍ୟପ୍ରଦେଶ ରାଜ୍ୟକୁ କାମ କରିବାକୁ ଯାଇଥିଲେ। ଗତ ୨୦୨୩ ମସିହା ଫେବୃୟାରୀ ମାସରେ ସମ୍ବଲପୁର ଗ୍ରାମର ଶ୍ରୀତମ ହରିଜନ ଉକ୍ତ ଗ୍ରାମର ପୂଜା ସୂର୍ଯ୍ୟବଂଶୀଙ୍କୁ ମିଶାଇ ୬ ଜଣ ଯୁବତୀଙ୍କୁ ଦାଦନ ଖଟାଇବାକୁ ମଧ୍ୟପ୍ରଦେଶ ନେଇଥିଲା। ଏହା ପୂଜାଙ୍କ ପରିବାର ଲୋକେ ଜାଣିପାରିନଥିଲେ। ଝିଅକୁ ନପାଇ ପୂଜାର ମାଁ କୁନ୍ଦେଇ ଥାନାରେ ଲିଖିତ ଜଣାଇବା ପରେ ପୋଲିସ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ତଦନ୍ତ ପରେ ୬ ଜଣ ଯୁବତୀଙ୍କ ସହିତ ଦଲାଲ ଶ୍ରୀତମ ହରିଜନ ଫେରିଥିଲେ। କିନ୍ତୁ ପୂଜାର ଖୋଜ ଖବର ନଥିଲା। ଗତ କିଛିଦିନ ପୂର୍ବେ ପୋଲିସ କୌଣସି ସୂତ୍ରରୁ ଖବରପାଇ ମଧ୍ୟପ୍ରଦେଶର ଦଲଦଲା ସହରରୁ ପୂଜାକୁ ଉଦ୍ଧାର କରି ଆଣିଥିବା ଜଣାପଡ଼ିଛି। ଅଢ଼େଇ ବର୍ଷ ପରେ ନିଖୋଜ ଝିଅକୁ ପାଇବା ପରେ ପରିବାର ଲୋକେ ଖୁସି ପ୍ରକାଶ କରିଛନ୍ତି ।

# ପୁନର୍ବାସର ସ୍ୱତନ୍ତ୍ର ଶିଶୁ ଥେରାପି କେନ୍ଦ୍ର ଉଦ୍‌ଘାଟିତ




**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡ଼ା ସହରର ମାଧପୁର ସ୍ଥିତ ଅମର ଉଦ୍ୟାନ ମଣ୍ଡପରେ ଭିନ୍ନକ୍ଷମ ଶିଶୁମାନଙ୍କ ପାଇଁ ସ୍ୱତନ୍ତ୍ର ଶିଶୁ ଥେରାପି କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି । ମୁଖ୍ୟଅତିଥି କେନ୍ଦ୍ରାପଡ଼ାର ଜିଲ୍ଲାପାଳ ରଘୁରାମ ଆର୍. ଆୟର, ଭାପ୍ରସେ ଆନୁଷ୍ଠାନିକ ଭାବେ ଏହାକୁ ଉଦ୍ଘାଟନ କରିଥିଲେ ଅନ୍ୟ ବିଶିଷ୍ଟ ଅତିଥିମାନେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପ୍ରଶାସକ ଦିଲ୍ଲୀପ କୁମାର ନାୟକ, ଚିକିତ୍ସାବିତ୍ ଡା. ବିଶ୍ୱ ପ୍ରକାଶ କାନୁନ୍‌ଗୋ, ଡା. କିଶୋର ଚନ୍ଦ୍ର ମିଶ୍ର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେଉରା ପ୍ରମୁଖ ଯୋଗଦେଇ ଏହା ଜିଲ୍ଲାରେ ଦିବ୍ୟାଙ୍ଗ ମାନଙ୍କ ଚିକିତ୍ସା ଏକ ପ୍ରମୁଖ କେନ୍ଦ୍ର କାର୍ଯ୍ୟ କରିବ ବୋଲି ମତବ୍ୟକ୍ତ କରିଥଲେ। ପୁନର୍ବାସର ସହ ସମ୍ପାଦକ ବଂଶୀଧର ମହାନ୍ତି ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ଅଭିଭାବକ ମାନେ ଯୋଗଦେଇ ପିଲାମାନଙ୍କ ଅଭିବୃଦ୍ଧି ସମ୍ପର୍କରେ ବର୍ଣ୍ଣନା କରିଥିଲେ। ପୁନର୍ବାସର ନିର୍ଦ୍ଦେଶକ ଡ଼ଃ ବିରଜା ରାଉତରାୟଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଏହି ଥେରାପି କେନ୍ଦ୍ର ପରିଚାଳିତ ହେଉଛି ।

# ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




ସନ -୧୪୩୩ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୯ଙ୍କ

**ତା୧୬।୧୧।୨୦୨୫, ମାର୍ଗଶିର ଦି୧ନ, ରବିବାର**

**ସୂର୍ଯ୍ୟୋଦୟ- ଘ୫।୫।୪୩ ଚନ୍ଦ୍ରୋଦୟ-ରାଘ୩।୧୮।୧୩**

**ଦ୍ୱାଦଶୀ-** ନିଘ୪।୪୮ ପର୍ଯ୍ୟନ୍ତ । **ହସ୍ତା ନକ୍ଷତ୍ର-** ରାଘ ୨।୧୧ ପର୍ଯ୍ୟନ୍ତ। **କନ୍ୟା ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ର ଶୁଦ୍ଧି-** ମେଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ଧନୁ ଓ ମୀନ ରାଶିର। **ଘାତ ଚନ୍ଦ୍ର-** ବୃଷ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଇ ନିଶାନ୍ତ ୪।୪୮ ପରେ ବାଇଗଣ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୪୪ ଗତେ ଘ ୮।୫୬ ମଧ୍ୟେ। ଦିଘ ୧୨।୫୪ ଗତେ ଘ ୨।୫୦ ମଧ୍ୟେ । **ପର୍ବୋତ୍ସବ-** ରାମାନୁଜ ବୈଷ୍ଣବଙ୍କ ଏକାଦଶୀ, ବିଛା ସଂକ୍ରାନ୍ତି, ବଂଗୀୟମତେ କାର୍ତ୍ତିକେୟପୂଜା ।



**ମେଷ:** ସତ କଥା କହି ନିଜର ଲୋକଙ୍କ ପାଖରେ ବିରୋଧୀ ହେବେ । ଆୟ ଠାରୁ ବ୍ୟୟର ପରିମାଣ ଅଧିକ ହେବ । ଘରେ କଳହ ଦେଖାଦେଇପାରେ । ବନ୍ଧୁଙ୍କ ସହ ମତାନ୍ତର ଓ ଅସହଯୋଗ ଦେଖାଦେବ ।

**ବୃଷ:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ଅସହଯୋଗ ଦେଖାଦେବ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ଘରେ ଅଶାନ୍ତିର ବାତାବରଣ ରହିବ । ମାନସିକ ଅଶାନ୍ତି ମନକୁ ଭାରାକ୍ରାନ୍ତ କରିବ ।

**ମିଥୁନ:** ଆୟ ଯୋଗର ସମ୍ଭାବନା । ଶତ୍ରୁ ନାଶ ହେବେ । ଦେହ ଓ ମନ ଭଲ ରହିବ । ପରୋପକାରୀ ହେବେ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ । ମହିଳାମାନେ ସୁଖୀ ହେବାର ସୂଚନା ।

**କର୍କଟ:** ଶରୀରରେ ସାମାନ୍ୟ ପୀଡା ଦେଖାଦେଇପାରେ । ଶୁଭ କାର୍ଯ୍ୟ ନିମନ୍ତେ ଦିନଟି ଅନୁକୂଳ ଅଟେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ରୋଜଗାର ଭଲ ହେବ । ଦୂରଯାତ୍ର କରି ସଫଳତା ହାସଲ କରିବେ ।

**ସିଂହ:** ଶୁଭ ଖବର ପାଇ ଆନନ୍ଦିତ ହେବେ । କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଆର୍ଥିକ ସ୍ଥିତି ଭଲ ରହିବ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । କଚେରୀ ମାମଲାରେ ଶୁଣାଣି ବିଳମ୍ବ ହେବ ।

**କନ୍ୟା:** ଆଜି ଆପଣଙ୍କର ଦିନଟି ଆନନ୍ଦରେ କଟିବ । ବ୍ୟବସାୟରେ ଲାଭବାନ୍ ହେବେ । ରୋଜଗାରର ପରିମାଣ ବଢ଼ିବ । ଘରେ ଆନନ୍ଦ ଦେଖାଦେବ । ବନ୍ଧୁଙ୍କ ସହ ଅମୋଦ ପ୍ରମୋଦରେ ଦିନଟି କଟିପାରେ ।



**ତୁଳା:** ଦୂରସ୍ଥାନକୁ ଯିବା ପାଇଁ ବାଧ୍ୟ ହେବେ । ଆର୍ଥିକ କ୍ଷେତ୍ରରେ ଉନ୍ନତି ଘଟିବ । ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ। ଘରେ ଆନନ୍ଦ ଦେଖାଦେବ । ମହିଳାମାନେ ସୁଖୀ ହେବେ ।

**ବିଛା:** ଦାମ୍ପତ୍ୟ ଜୀବନ ସୁଖମୟ ହେବ । ମାନସିକ ଶାନ୍ତି ଅବ୍ୟାହତ ରହିବ । ଅଟକି ରହିଥିବା କାର୍ଯ୍ୟଟି ସମ୍ପୂର୍ଣ୍ଣ ହେବ । ଶରୀର ସୁସ୍ଥ ରହିବ । ଆୟ ଓ ବ୍ୟୟର ପରିମାଣ ସମାନ ରହିବାର ସୂଚନା ।

**ଧନୁ:** ପରିଶ୍ରମ ତୁଳନାରେ ପାରିଶ୍ରମିକ ମିଳିବ ନାହିଁ । ମାନସିକ ଅଶାନ୍ତି ମନକୁ ବିଚଳିତ କରିବ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ହେବେ ।

**ମକର:** ଆଜି ଆପଣଙ୍କର ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ ହେବ । ପରୋପକାର କରି ଆନନ୍ଦିତ ହେବେ । ମନ ଭଲ ରହିବ । ରୋଜଗାର ଭଲ ହେବ । ଘରେ ଶାନ୍ତି ଲାଭ ହେବ ।

**କୁମ୍ଭ:** କର୍ମକ୍ଷେତ୍ରରେ ଆତ୍ମସନ୍ତୋଷ ଲାଭ କରିବେ । ପାରିବାରିକ ଶାନ୍ତି ଅବ୍ୟାହତ ରହିବ । ଆୟ ମଧ୍ୟମ ଧରଣର ହେବ । ଦେବ ଦର୍ଶନ ସହିତ ସେବା ପୂଜାର ସୁଯୋଗ ମଧ୍ୟ ଜୁଟିପାରେ ।

**ମୀନ:** ସାମାଜିକ ସ୍ତରରେ ମାନ ସମ୍ମାନ ବଢ଼ିବ । କର୍ମକ୍ଷେତ୍ରରେ ଶୁଭ ଫଳ ପାଇବେ । ପାରିବାରିକ ଶାନ୍ତି ମିଳିବ । ମାଲିମକଦ୍ଦମାରେ ଶୁଣାଣି ବିଳମ୍ବ ହେବ । ପିଲାମାନେ ପଢ଼ାପଢ଼ିରେ ମନ ଦେବେ ।

# ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧୭।୧୧।୨୦୨୫, ମାର୍ଗଶିର ଦି୨ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୫।୫୬।୧୮ ଚନ୍ଦ୍ରୋଦୟ- ରାଘ୪।୦୮।୧୦**

**ତ୍ରୟୋଦଶୀ-** ଅହୋରାତ୍ର । **ହସ୍ତାନକ୍ଷତ୍ର-** ନିଘ ୫।୦୨ ପର୍ଯ୍ୟନ୍ତ **କନ୍ୟାଚନ୍ଦ୍ର-** ଦିଘ ୩।୩୫ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ଧନୁ ଓ ମୀନ ରାଶିର। ଦିଘ ୩।୩୫ ଗତେ ମେଷ, ବୃଷ, କର୍କଟ, ସିଂହ, ତୁଳା, ବିଛା, ଧନୁ, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** ବୃଷ ରାଶିର ଦିଘ ୩।୩୫ ମଧ୍ୟେ। **ଶ୍ରାଦ୍ଧନିର୍ଣ୍ଣୟ-** ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ବାଇଗଣ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୦୧ ଗତେ ଘ ୭।୨୨ ମଧ୍ୟେ । ଦିଘ ୮।୫୭ ଗତେ ଘ ୧୧।୦୯ ମଧ୍ୟେ । **ପର୍ବୋତ୍ସବ-** ଲାଲା ଲଜ୍‌ପତ୍ ରାୟଙ୍କ ତିରୋଧାନ ଦିବସ ।

ସମ୍ପାଦକୀୟ

31 YEARS

ସମ୍ବାଦ କଳିକା

# ସରକାରଙ୍କ ରାଜକୋଷରେ ବୃଦ୍ଧି

ଦେଶର ଆର୍ଥିକ ମୋର୍ଚ୍ଚାରେ ସରକାରଙ୍କ ପାଇଁ ଏକ ବଡ଼ ଏବଂ ସକାରାତ୍ମକ ଖବର ସାମନାକୁ ଆସିଛି। ସରକାରଙ୍କ ଖଜଣାର ବୃହତ୍ତର ବୃଦ୍ଧିର ରେକର୍ଡ ହୋଇଛି । ସରକାରଙ୍କ ଡାଟା ଅନୁସାରେ ଦେଶର ଶୁଦ୍ଧ ପ୍ରତ୍ୟକ୍ଷ ଟିକସ (ନେଟ୍ ଡାଇରେକ୍ଟ କଲେକ୍ସନ) ଚଳିତ ଆର୍ଥିକ ବର୍ଷ ୧୦ ନଭେମ୍ବର ସୁଦ୍ଧା ୭ ପ୍ରତିଶତ ବଢ଼ିଛି । ଏହି ଅବଧିରେ ସରକାରଙ୍କ ମୋଟ ଆମଦାନୀ ୧୨.୯୨ ଲକ୍ଷ କୋଟି ଟଙ୍କା ରହିଛି । ଆର୍ଥିକ ମୋର୍ଚ୍ଚାରେ ଏହି ମଜଭୁତି ଦର୍ଶାଉଛି ଯେ ଦେଶର ଆର୍ଥିକ ଗତିବିଧି ଠିକ୍ ବାଟରେ ଚାଲିଛି ଓ କମ୍ପାନିଗୁଡ଼ିକ ସହ ସାଧାରଣ ଲୋକଙ୍କ ଆୟ ମଧ୍ୟ ବଢ଼ି ଚାଲିଛି । ଏହି ଅଭିବୃଦ୍ଧି ପଛରେ ଦୁଇଟି ବଡ଼ କାରଣ ରହିଛି। ପ୍ରଥମ ହେଉଛି କମ୍ପାନିଗୁଡ଼ିକରୁ ମିଳୁଥିବା କର୍ପୋରେଟ୍ ଟ୍ୟାକ୍ସ ବଢ଼ିଛି । ଏହା ଗତ ବର୍ଷର ୫.୦୮ ଲକ୍ଷ କୋଟି ଟଙ୍କା ତୁଳନାରେ ବଢ଼ି ୫.୩୭ ଲକ୍ଷ କୋଟି ଟଙ୍କା ହୋଇଛି । ସେହିପରି ନନ୍-କର୍ପୋରେଟ୍ ଟିକସ୍, ଯେଉଁଥିରେ ବ୍ୟକ୍ତିଗତ ଆୟକର ଓ ହିନ୍ଦୁ ଅବିଭାଜିତ ପରିବାର (ଏଚୟୁଏଫ୍)ର ଟ୍ୟାକ୍ସ ସାମିଲ ରହିଛି, ୬.୬୨ ଲକ୍ଷ କୋଟି ଟଙ୍କାରୁ ବଢ଼ି ୭.୧୯ ଲକ୍ଷ କୋଟି ଟଙ୍କା ହୋଇଛି । ତେବେ ଏହି ପୂରା ଚିତ୍ରର ଏକ କୌତୁହଳ ଦିଗ ଅଛି । ଏଥର ସରକାର ଟିକସ ରିଫଣ୍ଡ ପ୍ରଦାନ କରିବାର ଗତିକୁ ଧୀର କରିଦେଇଛନ୍ତି । ତଥ୍ୟ ଅନୁଯାୟୀ, ଏହି ସମୟ ମଧ୍ୟରେ ୨.୪୨ ଲକ୍ଷ କୋଟି ଟଙ୍କାର ରିଫଣ୍ଡ ଜାରି କରାଯାଇଛି, ଯାହା ଗତ ବର୍ଷ ତୁଳନାରେ ୧୮% କମ । ରିଫଣ୍ଡରେ ଏହି ହ୍ରାସ ସରକାରଙ୍କ ସଂଗ୍ରହକୁ ମଧ୍ୟ ବୃଦ୍ଧି କରିଥିବା ଜଣାପଡ଼ିଛି । ରିଫଣ୍ଡ କାଟିବା ପୂର୍ବରୁ ମୋଟ ସଂଗ୍ରହ ୧୫.୩୫ ଲକ୍ଷ କୋଟି ଥିଲା, ଯାହା ଗତ ବର୍ଷ ତୁଳନାରେ ୨.୧୫% ଅଧିକ। ଷ୍ଟକ୍ ବଜାର ରାଜସ୍ୱ, କିମ୍ବା ସିକ୍ୟୁରିଟିଜ୍ ଟ୍ରାଞ୍ଜାକ୍ସନ୍ ଟ୍ୟାକ୍ସ ଅପରିବର୍ତ୍ତିତ ରହିଛି । ଏହା ୩୫,୯୨୩ କୋଟିରୁ ସାମାନ୍ୟ ହ୍ରାସ ପାଇ ୩୫,୬୮୨ କୋଟିକୁ ପହଞ୍ଚିଛି । ଏହା ବଜାରର ଏକ ନିର୍ଦ୍ଦିଷ୍ଟ ସୀମାରେ କାରବାରର ସଂକେତ ଦେଉଛି ।



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
ମୋ:-୯୪୩୮୪୮୫୦୯୪

# ସ୍ୱାଧୀନ ଭାରତର ଶିଳ୍ପକାର ଥିଲେ ନେହେରୁ

ପଣ୍ଡିତ ଜବାହାରଲାଲ ନେହେରୁ ସ୍ୱାଧିନତା ସଂଗ୍ରାମର ମହାନାୟକ ମାନଙ୍କ ମଧ୍ୟରୁ ଅନ୍ୟତମ ଯିଏ କେବଳ ଭାରତର ସ୍ୱାଧିନତା ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ ତା ନୁହେଁ ବରଂ ବିଶ୍ୱରେ ଭାରତର ପ୍ରତିଷ୍ଠା ବଢ଼ାଇ ପାରିଥିଲେ। ୧୬ବର୍ଷ କାଳ ପ୍ରଧାନମନ୍ତ୍ରୀ ରହି ପଣ୍ଡିତ ନେହେରୁ ନବଅର୍ଜିତ ସ୍ୱାଧିନତାକୁ ସୁଗଠିତ କରିଥିଲେ ଏବଂ ଦେଶରେ ଶିଳ୍ପାୟନର ଭିତ୍ତିଭୂମି ପ୍ରତିଷ୍ଠା କରିଥିଲେ। ତାଙ୍କ ପ୍ରଧାନମନ୍ତ୍ରୀତ୍ୱ କାଳରେ ଦେଶରେ ଅନେକ କଳ କାରଖାନା ଗଢି ଉଠିଥିଲା। ପିତା ମୋତିଲାଲ ନେହେରୁ ଜବାହାରଲାଲଙ୍କୁ ଉଚ୍ଚଶିକ୍ଷା ପାଇଁ ବିଲାତ (ଇଂଲଣ୍ଡ) ପଠାଇଥିଲେ। ବିଲାତରେ ପାଠପଢ଼ା ବେଳେ ସେ ସବୁ ଦେଶର ଇତିହାସକୁ ପଢିଥିଲେ ଯେଉଁସବୁ ଦେଶମାନେ ପରାଧିନତା ବେଡ଼ିରୁ ମୁକୁଳି ସ୍ୱାଧିନ ହୋଇଥିଲେ। ବାରିଷ୍ଟରୀ, ପରିକ୍ଷାରେ ଉତ୍ତୀର୍ଣ୍ଣ ହେବାପରେ ୧୯୧୨ ମସିହାରେ ଜବାହାରଲାଲ ଭାରତକୁ ଫେରି ଓକିଲାତି ଆରମ୍ଭ କରିଥିଲେ ଓ କିଛି ଦିନପରେ ଦେଶର ସ୍ୱାଧିନତା ଆନ୍ଦୋଳନରେ ଯୋଗଦେଇଥିଲେ। ୧୯୧୬ରେ ନେହେରୁଙ୍କ ସହ ଗାନ୍ଧୀଙ୍କର ଭେଟ ହୋଇଥିଲା ଲକ୍ଷ୍ନୌ କଂଗ୍ରେସ ଅଧିବେଶନରେ। ୧୯୧୯ରେ ହୋଇଥିବା ପ୍ରଥମ ବିଶ୍ୱଯୁଦ୍ଧ ପରେ କଂଗ୍ରେସ ପାର୍ଟି ପ୍ରତି ନେହେରୁ ଆକର୍ଷିତ ହୋଇଥିଲେ। ଜାଲିଆନାବାଲାବାଗ୍ ହତ୍ୟାକାଣ୍ଡ ଘଟଣାରେ ସେ ଦେଶବନ୍ଧୁ ଚିତ୍ତରଞ୍ଜନ ଦାଶ ଏବଂ ମହାତ୍ମା ଗାନ୍ଧୀଙ୍କ ସହଯୋଗୀ ଥିଲେ। ୧୯୨୧ ରେ ପ୍ରଥମଥର ପାଇଁ ଜେଲ ଯାଇଥିଲେ। ଜେଲରୁ ଫେରିବା ପରେ ସେ କଂଗ୍ରେସର କାର୍ଯ୍ୟକ୍ରମରେ ଅଧିକ ସକ୍ରିୟ ହୋଇଥିଲେ।

୧୯୨୪ ମସିହାରେ ନେହେରୁ କଂଗ୍ରେସ ପାର୍ଟିର ମହାମନ୍ତ୍ରୀ ହୋଇଥିଲେ। ୧୯୨୯ରେ ସେ ଯେତେବେଳେ କଂଗ୍ରେସର ଅଧକ୍ଷ ହେଲେ ସେତେବେଳେ ରାବିନଦୀ କୂଳରେ କଂଗ୍ରେସର ଏକ ଅଧିବେଶନରେ ପ୍ରସ୍ତାବ ଗୃହୀତ ହୋଇଥିଲା ଯେ 'ଭାରତର ଲୋକ ଅନ୍ୟ ଦେଶ ଭଳି ସ୍ୱାଧିନ ହୋଇ ରହିବାକୁ ନିଜର ଜନ୍ମସିଦ୍ଧ ଅଧିକାର ବୋଲି ଭାବୁଛନ୍ତି। ଲୋକେ ନିଜର ପରିଶ୍ରମର ଫଳ ନିଜେ ଭୋଗ କରିବାକୁ ଚାହୁଁଛନ୍ତି, ସେମାନଙ୍କ ଜୀବନ ନିର୍ବାହ ପାଇଁ ଆବଶ୍ୟକ ସୁବିଧା ମିଳିବା ଚାହାଁନ୍ତି ଯାହା ସେମାନଙ୍କ ବିକାଶ ପାଇଁ ଅବସର ସୃଷ୍ଟି କରିବ,' ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଦେଶ ସ୍ୱାଧିନ ହେଲା ଏବଂ ନେହେରୁ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ହେଲେ। ସ୍ୱାଧିନତାକୁ ଅନ୍ତିମ ପର୍ଯ୍ୟନ୍ତ ପହଞ୍ଚାଇବା ତାଙ୍କର ଲକ୍ଷ୍ୟଥିଲା। ଦେଶ ସ୍ୱାଧୀନ ହେବାପରେ ସେ ଦେଶରେ ପ୍ରଥମ ଏସୀୟ କନଫରେନ୍ସର ଆୟୋଜନ କରାଇଥିଲେ ଓ କହିଥିଲେ ଯେ ଭାରତର (ଆମର) ଉଦ୍ଦେଶ୍ୟ ହେଉଛି ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ଏବଂ ବିକାଶ। ନେହେରୁଙ୍କ ବିଚାର ଆଫ୍ରିକାରେ ସ୍ୱାଧିନତା ସଂଗ୍ରାମକୁ ଜନ୍ମ ଦେଇଥିଲା। ତାଙ୍କ ପ୍ରେରଣା ରେ କଙ୍ଗୋ, କେନିଆ, ନାଇଜେରିଆ, ଟ୍ୟୁନିସିଆ, ଘାନା, ଲିବ୍ୟା, ସୁଡ଼ାନ ଏବଂ ମରକ୍କୋ ଭଳି ଦେଶରେ ସ୍ୱାଧିନତା ସଂଗ୍ରାମ ବ୍ୟାପିଥିଲା ଓ ସେସବୁ ଦେଶ ସ୍ୱାଧୀନ ହୋଇଥିଲେ।

ପଣ୍ଡିତ ନେହେରୁ ସ୍ୱତନ୍ତ୍ରତା, ଗଣତନ୍ତ୍ର ଏବଂ ମାନବାଧିକାରର ପ୍ରବଳ ପକ୍ଷଧର ଥିଲେ। ୧୯୩୬ ମସିହାରେ ମୁସୋଲିନ ନେହେରୁଙ୍କୁ ଡ଼କାଇଥିଲେ ଓ ୧୯୩୮ରେ ହିଟଲର ମଧ୍ୟ ନେହେରୁଙ୍କୁ ଡ଼କାଇଥିଲେ କିନ୍ତୁ ନେହେରୁ ଏ ଦୁହିଁଙ୍କୁ ଭେଟିବା ପାଇଁ ସ୍ପଷ୍ଟ ମନ କରିଦେଇଥିଲେ। ଗଣତନ୍ତ୍ରର ପ୍ରଚଣ୍ଡ ସମର୍ଥକ ନେହେରୁ ଗଣତନ୍ତ୍ର ବିରୋଧି କୌଣସି ଶାସକଙ୍କୁ ଭେଟିବାକୁ ଚାହୁଁନଥିଲେ ପ୍ରଧାନମନ୍ତ୍ରୀଭାବେ ନେହେରୁ ଯେତେବେଳେ ଇଂଲଣ୍ଡ ଯାଇଥିଲେ ସେତେବେଳେ ଇଂଲଣ୍ଡର ପ୍ରଧାନମନ୍ତ୍ରୀ ଚର୍ଚ୍ଚିଲଙ୍କ ସହ ତାଙ୍କର ଭେଟ ହୋଇଥିଲା। ଚର୍ଚ୍ଚିଲ ତାଙ୍କୁ ପଚାରିଥିଲେ ଯେ ଇଂରେଜ ଶାସନକୁ ବିରୋଧ କରି ସେ କେତେବର୍ଷ ଜେଲ ଯାଇଥିଲେ। ନେହେରୁ ଉତ୍ତରରେ ୧୦ ବର୍ଷ କହିଥିଲେ। ଚର୍ଚ୍ଚିଲ ପୁଣି କହିଥିଲେ ଯେ ଆପଣଙ୍କ ପ୍ରତି କରାଯାଇଥିବା ବ୍ୟବହାର କାରଣରୁ ଆପଣ ଆମକୁ ଘୃଣା କରିବା କଥା। ନେହେରୁ ଚର୍ଚ୍ଚିଲଙ୍କ ଏଭଳି ପ୍ରଶ୍ନର ଉତ୍ତରରେ କହିଥିଲେ ଯେ 'ଆମ ଏମିତି ଜଣେ ନେତାଙ୍କ ନେତୃତ୍ୱରେ କାମ କରୁଥିଲୁ ଯିଏ ଆମକୁ ଶିଖାଇଥିଲେ – କାହାରିକୁ ଡ଼ର ନାହିଁ, କାହାରିକୁ ଘୃଣା କରନାହିଁ। ଆମେ ସେ ସମୟରେ ଆପଣଙ୍କୁ (ଇଂରେଜମାନଙ୍କୁ) ଡ଼ରୁନଥିଲୁ ଏଣୁ ଘୃଣାମଧ୍ୟ କରୁ ନଥିଲୁ'। ନେହେରୁଙ୍କ ଉତ୍ତର ଶୁଣି ଚର୍ଚ୍ଚିଲ ଆଚମ୍ବିତ ହୋଇ ଯାଇଥିଲେ।

ନେହେରୁଙ୍କ ସାରା ଜୀବନ ହେଉଛି ମାନବତାର ସେବାର ଅବିସ୍ମରଣୀୟ କାହାଣୀ। ନେହେରୁଙ୍କର ଆତ୍ମବିଶ୍ୱାସ ଅଧିକ ଥିଲା। ୧୯୩୮ରେ ସ୍ପେନରେ ଗୃହଯୁଦ୍ଧ ଚାଲିଥିବାବେଳେ ସେ ସ୍ପେନ ଗସ୍ତରେ ଯାଇଥିଲେ। ୧୯୩୯ସେ ଚୀନ ଯାଇଥିଲେ। ସେତେବେଳେ ଚୀନରେ ମଧ୍ୟ ଅବସ୍ଥା ଭୟଙ୍କର ଥିଲା। ୧୯୫୪ରେ ନେହେରୁ ପଞ୍ଚଶୀଳ ଏବଂ ସହ ଅସ୍ତିତ୍ୱର ସ୍ଲୋଗାନ ଦେଇଥିଲେ। ନେହେରୁ ସେ ସମୟରେ ବିଶ୍ୱର ଦୁଇ ମହାଶକ୍ତି ଆମେରିକା ଓ ରୁଷିଆ କାହାରି ଗୋଡ଼ାଣିଆ ହେବାକୁ ପସନ୍ଦ କରିନଥିଲେ। ସେ ଗୋଷ୍ଠୀ ନିରପେକ୍ଷ ଏବଂ ପଞ୍ଚଶୀଳ ସିଦ୍ଧାନ୍ତକୁ ପାଳନକରି ବିଶ୍ୱବନ୍ଧୁତ୍ୱ ଓ ବିଶ୍ୱଶାନ୍ତି ପାଇଁ ଏକ ନୂଆ ସୁତ୍ର ପ୍ରଦାନ କରିଥିଲେ। ମାର୍ଶାଲ ଟିଟୋ ଏବଂ ଅବଦୁଲ ଗମାଲଙ୍କ ସହ ମିଶି ଏସିଆ ଓ ଆଫ୍ରିକାରେ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ ପାଇଁ ଭିତ୍ତିଭୂମି ପ୍ରସ୍ତୁତ କରିଥିଲେ। ଏତଦ୍ ବ୍ୟତୀତ କୋରିଆ ଯୁଦ୍ଧ ବନ୍ଦ କରିବା, ସୁଏଜ କେନାଲ ବିବାଦର ସମାଧାନ ଏବଂ କଙ୍ଗୋ ବୁଝାବଣା ଭଳି ଆନ୍ତର୍ଜାତୀୟ ସମସ୍ୟାର ସମାଧାନ ପାଇଁ ସେ ଉଦ୍ୟମ କରିଥିଲେ।

ଏକଥା ସତ୍ୟ ଯେ ପାକିସ୍ଥାନ ଏବଂ ଚୀନ ସହ ଭାରତର ବିବାଦକୁ ସମାଧାନ କରିବା ଦିଗରେ ନେହେରୁ ସଫଳ ହୋଇନଥିଲେ। କିନ୍ତୁ ଏଥିପାଇଁ କେବଳ ନେହେରୁଙ୍କୁ ଦାୟୀ କରାଯାଇପାରିବ ନାହିଁ। ପାକିସ୍ଥାନ ଏବଂ ଚୀନ ସମସ୍ୟାର ସମାଧାନ ପାଇଁ ଆଗ୍ରହ ପ୍ରକାଶ କରିନଥିଲେ। ଏବେବି ଏଦୁଇ ଦେଶର ମାନସିକତା ପୁର୍ବଭଳି ରହିଛି। ପୁଞ୍ଜିବାଦ, ସାମ୍ରାଜ୍ୟବାଦ, ଜାତିବାଦ ଏବଂ ଉପନିବେଶବାଦ ବିରୁଦ୍ଧରେ ସେ ଜୀବନବ୍ୟାପୀ ସଂଘର୍ଷ ଜାରି ରଖିଥିଲେ। ତାଙ୍କ ମତଥିଲା ଦେଶର ବିକାଶ ପାଇଁ ସୌହାର୍ଦ୍ଦ୍ୟପୂର୍ଣ୍ଣ ସହାବସ୍ଥାନର ଆବଶ୍ୟକତା ରହିଛି। ଭାରତର ବିକାଶ ପାଇଁ ସେ ପଞ୍ଚବର୍ଷୀୟ ଯୋଜନା ଆରମ୍ଭ କରିଥିଲେ। କୃଷି ଓ କୃଷକର ବିକାଶକୁ ଆଗ୍ରାଧିକାର ଦେଇଥିଲେ ପଣ୍ଡିତ ନେହେରୁ। ରୋଜଗାର ସୃଜନ ଏବଂ ବିକାଶର ରାସ୍ତାକୁ ସୁଗମ କରିବା ପାଇଁ ଦେଶରେ ଅନେକ କଳ କାରଖାନା ସ୍ଥାପନ କରିଥିଲେ। ଆଜି ନେହେରୁ ଗଢ଼ିଥିବା ମୂଳଦୁଆ ଉପରେ ଭାରତ ବିକାଶର ଚିତ୍ର ଅଙ୍କା ଯାଉଛି। ନେହେରୁଙ୍କ ମାନବୀୟ ପକ୍ଷ ଅତ୍ୟନ୍ତ ଉଦାର ଏବଂ ସମାବେଶୀ ଥିଲା। ଦେଶରୁ ଦାରିଦ୍ର୍ୟ ବିଲୋପ ଏବଂ ଅସ୍ପୃଶ୍ୟତା ନିବାରଣ ଉପରେ ସେ ଅଧିକ ଗୁରୁତ୍ୱ ଦେଉଥିଲେ। ହିନ୍ଦୁ ସିଭିଲ କୋଡ୍‌କୁ ସୁଧାରି ଉତ୍ତରାଧିକାର ଏବଂ ସମ୍ପତ୍ତି ମାମଲାରେ ବିଧବାଙ୍କୁ ପୁରୁଷଙ୍କ ସହ ସମାନ ଅଧିକାର ଦେଇଥିଲେ ନେହେରୁ।



ଶ୍ରୀହେମନ୍ତ କୁମାର ଗନ୍ତାୟତ
ଅଧ୍ୟାପକ
ଆସିକା, ଗଞ୍ଜାମ

# ପ୍ରାର୍ଥନାର ସ୍ୱରୂପରେ ମନର ଭୂମିକା

ପ୍ରାଚୀନ ଭାରତୀୟ ମନୀଷୀମାନେ କେବଳ ଜଣେ ଜଣେ ସାଧାରଣ ଯୋଗୀ ନଥିଲେ। ଅପିତୁ ସେମାନେ ଥିଲେ ଜଣେ ଜଣେ ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରୀ। ସେମାନଙ୍କ ସାଧନାର ଜ୍ଞାନ ପାଇଁ ଆଜି ସାଧାରଣ ମନୁଷ୍ୟ ଚରମ ଲକ୍ଷ୍ୟକୁ ପ୍ରାପ୍ତି କରିବା ପାଇଁ ସକ୍ଷମ ହୋଇପାରିଛି । ସେହି ସାଧନାର ସର୍ବଶ୍ରେଷ୍ଠ ଫଳ ହେଉଛି ପ୍ରାର୍ଥନା। ଏହି ପ୍ରାର୍ଥନା ସମଗ୍ର ମାନବ ସମାଜକୁ ଏକ ବରଦାନ ଅଟେ। ଏ ବରଦାନ ଯୋଗୁଁ ମନୁଷ୍ୟ ଈଶ୍ୱରଙ୍କ ସହିତ ସମ୍ବନ୍ଧ ଯୋଡିବାରେ ସମର୍ଥ ହୋଇପାରିଛି। ଯାହା ଫଳରେ ସେ ନିଜର ମାନସିକ ଅଭିବ୍ୟକ୍ତିକୁ ଜଣାଇବା ପାଇଁ ପ୍ରଥମେ ସ୍ତୁତି, ସ୍ତୋତ୍ର, ଧ୍ୟାନ ଓ ନାମ ଜପାଦି କରିଥାଏ ଏବଂ ତା'ପରେ ନିଜର ଗୁଣଭେଦ ଅନୁଯାୟୀ ଯାଚନା, କାମନା, ଅନୁରୋଧ ଓ ନିବେଦନ କରିଥାଏ । ଏହାକୁ ପ୍ରାର୍ଥନା ବୋଲି କୁହାଯାଏ।

ଏହି ପ୍ରାର୍ଥନାର ଗୁଣ ଓ ନାମଭେଦକୁ ନେଇ ତିନିଭାଗରେ ବିଭାଜନ କରାଯାଇଛି ଯଥା – ତାମସିକ, ରାଜସିକ ଓ ସାତ୍ତ୍ୱିକ। ଈଶ୍ୱରଙ୍କ ନିକଟରେ ଅନ୍ୟର ଅହିତ କାମନା କରିବାର ନାମ ତାମସିକ ପ୍ରାର୍ଥନା ଅଟେ । ଉଦାହରଣ – କୌଣସି ଏକ ବ୍ୟକ୍ତି ନିଜ ଶତ୍ରୁର ବିନାଶ ପାଇଁ ଈଶ୍ୱରଙ୍କୁ ଗୁହାରି କରିବା। ଏପରି ପ୍ରାର୍ଥନା ଅଧମ ଶ୍ରେଣୀ ଅନ୍ତର୍ଭୁକ୍ତ। ସେପରି ନିଜର ଓ ନିଜ ପରିବାରର ସୁଖ ସମୃଦ୍ଧି ପାଇଁ ଠାକୁରଙ୍କ ନିକଟରେ ଯାଚନା କରିବାର ନାମ ରାଜସିକ ପ୍ରାର୍ଥନା। ଏହା ମଧ୍ୟମ ପର୍ଯ୍ୟାୟଭୁକ୍ତ। ବିଶ୍ୱର ମଙ୍ଗଳ ପାଇଁ ସ୍ରଷ୍ଟାଙ୍କ ସମୀପରେ ଅନୁରୋଧ କରିବାର ନାମ ସାତ୍ତ୍ୱିକ ପ୍ରାର୍ଥନା ଅଟେ। ଉଦାହରଣ –

ସର୍ବେ ଭବନ୍ତୁ ସୁଖିନଃ ସର୍ବେ ସନ୍ତୁ ନିରାମୟ ।
ସର୍ବେ ଭଦ୍ରାଣୀ ପଶ୍ୟନ୍ତୁ ମା କଶ୍ଚିଦ୍ ଦୁଃଖ ଭାଗ୍ ଭବେତ୍ ।। ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ।

ଅନ୍ୟ ଏକ ଦୃଷ୍ଟାନ୍ତ ସନ୍ଥକବି ଭୀମ ଭୋଇଙ୍କ ମତରେ –

ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ
ଦେଖୁଦେଖୁ କେବା ସହୁ ।
ମୋ ଜୀବନ ପଛେ ନର୍କେ ପଡ଼ିଥାଉ
ଜଗତ ଉଦ୍ଧାର ହେଉ ॥

ଏପରି ପ୍ରାର୍ଥନା ଶ୍ରେଷ୍ଠତର ଅଟେ। ଏତତ୍ ବ୍ୟତୀତ ଅନ୍ୟ ଏକ ପ୍ରାର୍ଥନା ରହିଛି, ଯାହାର ନାମ ଗୁଣାତୀତ ପ୍ରାର୍ଥନା। ଏଥିରେ କେବଳ ଈଶ୍ୱରଙ୍କୁ କୃତଜ୍ଞତା ଜ୍ଞାପନ କରାଯାଏ। ତା'ବ୍ୟତୀତ ଯାଚନା, କାମନା, ଅନୁରୋଧ ଓ ନିବେଦନାଦି କିଛିବି ରହେନାହିଁ । ଏଣୁ ଏହି ପ୍ରାର୍ଥନା ସମସ୍ତଙ୍କ ମଧ୍ୟରେ ଶ୍ରେଷ୍ଠତମ ଅଟେ। ଉଦାହରଣ – ଯେତେବେଳେ ମନୁଷ୍ୟର ଜ୍ଞାତ ହୋଇଯାଏ ଯେ ଈଶ୍ୱର ହେଉଛନ୍ତି ସର୍ବଜ୍ଞ ଓ ମଙ୍ଗଳମୟ ସ୍ୱରୂପ, ସେ ଯାହାବି କରନ୍ତି ସଂସାରର ମଙ୍ଗଳ ପାଇଁ ହିଁ କରିଥାନ୍ତି । ଏହାପରେ ସେହି ମନୁଷ୍ୟ ସ୍ରଷ୍ଟାଙ୍କୁ କେବଳ ହିଁ କେବଳ କୃତଜ୍ଞତା ଜଣାଇଥାଏ। ଯେପରି –

ହେ ମଙ୍ଗଳମୟ ପୁରୁଷ ଉତ୍ତମ !
କୃପାମୟ ବିଶ୍ୱେଶ୍ୱର
ଅମୃତ ସଂସାର ରଚିଛ ଠାକୁର
ଦିଶେ କେଡେ ମନୋହର
ବିଶ୍ୱ ତୁମ ଉପହାର
ତୁମର ମହିମା କିପରି ବର୍ଣ୍ଣିବ
ଅଜ୍ଞାନ ହେମନ୍ତ ଛାର ॥

ଉପରୋକ୍ତ ବିଷୟକୁ ଅନୁଧ୍ୟାନ କଲେ ଆମେ ଜାଣିପାରିବା ଯେ, ପ୍ରାର୍ଥନା ପାଇଁ ସହାୟକ ହେଉଛି ଆମ ମନ। କାରଣ ମନ ହିଁ ବାହ୍ୟରେ ଓ ଆଭ୍ୟନ୍ତରରେ ଈଶ୍ୱରଙ୍କର ନିକଟତର ହୋଇଥାଏ। ଏଣୁ ଶାସ୍ତ୍ରରେ କୁହାଯାଇଛି 'ମନର ମୂଳେ ଏ ଜଗତ' ଏବଂ 'ମନେବ ମନୁଷ୍ୟାଣାମ୍ କାରଣମ୍ ବନ୍ଧ ମୋକ୍ଷୟୋଃ'। ଅତଃ ମନୁଷ୍ୟ ମନର ସ୍ଥିତିକୁ ନେଇ ସମସ୍ତ କାର୍ଯ୍ୟ ସମ୍ପାଦନା କରିଥାଏ। ଏଥିଯୋଗୁଁ ଏହି ମନକୁ ପ୍ରାଧାନ୍ୟ ଦିଆଯାଇଛି। ଆମେ ଯଦି ଥରେ ନିଜକୁ ନିରୀକ୍ଷଣ କରିବା, ତେବେ ଜାଣିପାରିବା ଯେ ଏ ମନ ଦ୍ୱାରା କିପରି ଆମେ ପରିଚାଳିତ ହେଉଛେ। ଅନ୍ୟମାନଙ୍କ ସହ ଆମେ ଯେତେ ଆଳାପ କରୁନେ ତାଠାରୁ ନିଜ ସହ ଚାରିଗୁଣ କଥା ହୋଇଥାଉ। କୌଣସି ଏକ ସାମାନ୍ୟ ସମସ୍ୟାକୁ ଆମେ ଏତେ ମହତ୍ତ୍ୱ ଦେଉଛେ ଯେ, ଯାର ଗୁରୁତ୍ୱ ସେତେ ଅଧିକ ନ ଥାଏ। ଏପରି ଅନେକ ଗୁଡାଏ ବିଷୟକୁ ନେଇ ଆମେ ପ୍ରତ୍ୟହ ନିଜ ସହ ନିଜେ ବାର୍ତ୍ତାଳାପ କରିଥାଉ। ଏହି କାରଣରୁ ଆମ ମନରେ ନକାରାତ୍ମକ ଭାବନାମାନ ସୃଷ୍ଟି ହୋଇଥାଏ। ବାରମ୍ବାର ଏପରି ନକାରାତ୍ମକ ଭାବନାମାନ ସୃଷ୍ଟି ହେବା ଦ୍ୱାରା ଶରୀରରେ ନାନାବିଧ ବ୍ୟାଧି ଉତ୍ପନ୍ନ ହୁଏ। ଏଣୁ ଶରୀରକୁ ସୁସ୍ଥ ରଖିବାକୁ ହେଲେ ପ୍ରଥମେ ମନକୁ ଶୁଦ୍ଧ ରଖିବାକୁ ହେବ । କାରଣ ଏକ ଶୁଦ୍ଧ ମନ ହିଁ ବିଶୁଦ୍ଧ ସଂକଳ୍ପ ନେଇପାରେ। ତେଣୁ ଆମେ ସଦଗୁରୁଙ୍କ ନିକଟକୁ ଯାଇ ମନକୁ ମନରେ ନିରୀକ୍ଷଣ କରିବାର କଳା ଶିଖିବା ଆବଶ୍ୟକ । ଯଦ୍ୱାରା ଏ ମନ ଈଶ୍ୱରଙ୍କ ନିକଟରେ ବିଶୁଦ୍ଧ ପ୍ରାର୍ଥନା କରିବା ନିମନ୍ତେ ସର୍ବ ସମର୍ଥ ହୋଇପାରିବ।



ଅଧ୍ୟାପକ ଗୋପବନ୍ଧୁ
(ଅବସରପ୍ରାପ୍ତ), ଦର୍ଶନ ବିଭାଗ
ବାରିପଦା, ମୟୁରଭଞ୍ଜ,
ମୋ. ୭୦୦୮୯୭୬୧୮୦

# ହେତୁବାଦ: ଏକ ଅନୁଶୀଳନ

ହେତୁ କହିଲେ ବୁଦ୍ଧିକୁ ବୁଝାଏ। ତେଣୁ ହେତୁବାଦକୁ ବୁଦ୍ଧିବାଦ ବୋଲି ମଧ୍ୟ କୁହାଯାଇ ପାରିବ। ମନୁଷ୍ୟର ବୁଦ୍ଧି-ବିବେକରୁ ନିସୃତ ହେଉଥିବା ସିଦ୍ଧାନ୍ତ ଓ ଏହି ପ୍ରକ୍ରିୟା ହେଉଛି ହେତୁବାଦ। ଯେଉଁମାନେ ଏହାକୁ ବିଶ୍ୱାସ କରନ୍ତି ସେମାନେ ହେଉଛନ୍ତି ହେତୁବାଦୀ। ହେତୁବାଦ ହେଉଛି ସମସ୍ତ ବିଷୟ ଉପରେ ଶୁଦ୍ଧ ବିଚାରର ସାମଗ୍ରିକ ଚେତନା। ସ୍ଥୂଳ ଭେଦରେ ଏହାକୁ ତର୍କବାଦ, ବୌଦ୍ଧିକବାଦ ଓ କାରଣବାଦ ବୋଲି ମଧ୍ୟ କୁହାଯାଏ। କାରଣବାଦ ବା କରଣିକତା ହେତୁବାଦର ଏକ ପ୍ରମୁଖ ବିଷୟ। ଏହା ବିନା ହେତୁବାଦ ସ୍ୱୟଂସମ୍ପୂର୍ଣ୍ଣ ନୁହେଁ। କାରଣବାଦ କହିଲେ କାର୍ଯ୍ୟ-କାରଣ ନିୟମକୁ ବୁଝାଏ। ଏହା ଏକ ସର୍ବବ୍ୟାପୀ ନିୟମ ଅଟେ। ଏହି ନିୟମ ଉପରେ ବିଜ୍ଞାନ ପର୍ଯ୍ୟବେଶିତ। ବିଶ୍ୱବ୍ରହ୍ମାଣ୍ଡ ଏହି ନିୟମ ଦ୍ୱାରା ପରିଚାଳିତ ହୋଇ ଆସିଛି । ଏଥିରେ କୌଣସି ବ୍ୟତିକ୍ରମ ନାହିଁ।

ଏହି ନିୟମ ଅନୁଯାୟୀ ପ୍ରଥମେ କାରଣ ସୃଷ୍ଟି ହୁଏ ଓ ଏହାପରେ କାର୍ଯ୍ୟ ବା ଘଟଣା ସଂଗଠିତ ହୁଏ। କୌଣସି କ୍ଷେତ୍ରରେ କାରଣ ବିନା କାର୍ଯ୍ୟ ସୃଷ୍ଟି ହେବା ସମ୍ଭବପର ନୁହେଁ। ଏହି କାର୍ଯ୍ୟ-କାରଣ ସମ୍ବନ୍ଧୀୟ ଜ୍ଞାନ ହେତୁବାଦର ମାର୍ଗଦର୍ଶକ। ବୁଦ୍ଧିର ପ୍ରମୁଖ ଆଧାର ହେଉଛି କାରଣିକତା। ସେହିମାନେ ହିଁ ବୁଦ୍ଧିମାନ ଯେଉଁମାନେ କାରଣିକତାର ସଠିକ ନିର୍ଣ୍ଣୟ କରିପାରନ୍ତି। ଏହା ଜ୍ଞାନର ସେହି ଉଚ୍ଚତର ସୋପାନ ଯାହା ପ୍ରକୃତ ସତ୍ୟ ନିକଟରେ ଉପନୀତ ହେବାରେ ସହାୟକ ହୁଏ। ଆଜିର ମନୁଷ୍ୟ ବହୁ ବିବର୍ତ୍ତନ ପ୍ରକ୍ରିୟା ଦେଇ ବର୍ତ୍ତମାନର ସ୍ଥିତିକୁ ଆସିଛି। କ୍ରମେ ତାର ବୁଦ୍ଧିମତ୍ତାର ବିକାଶ ଘଟିଛି। ଏହି ବିକାଶ ପଛରେ ରହିଛି କରଣିକତା ସମ୍ବନ୍ଧୀୟ ସଚେତନତା। ସେ ପ୍ରତ୍ୟେକ ଘଟଣାକୁ ଏକ ଆକସ୍ମିକ ବିଷୟଭାବେ ଗ୍ରହଣ କରିବାକୁ କୁଣ୍ଠାବୋଧ କରିଛି । ଘଟଣା ସଂଗଠିତ ହେବା ପଛର କାରଣ ଖୋଜିବାକୁ ଚେଷ୍ଟା କରିଛି । ଅନୁଭୂତି ତାକୁ ପ୍ରେରିତ କରିଛି ଗ୍ରହଣ କରିବାକୁ ଯେ ପ୍ରତ୍ୟେକ କାର୍ଯ୍ୟ ବା ଘଟଣାର ଯଥାଯଥ କାରଣ ରହିଛି। ବିନା କାରଣରେ କିଛି ଘଟେ ନାହିଁ। ଏହି ଅବଧାରଣା ମନୁଷ୍ୟର ମନରେ ହେତୁ ରୂପରେ ରୋପିତ ହୋଇଛି ।

ମାନବ ସଭ୍ୟତାର ବିକାଶ ଦିଗରେ ହେତୁବାଦର ଭୂମିକା ଅତୁଳନୀୟ। ବିଜ୍ଞାନ ବିନା ଆଧୁନିକ ସଭ୍ୟତାର ପରିକଳ୍ପନା କରାଯାଇ ପାରିବ ନାହିଁ। ପୁଣି ହେତୁବାଦ ବିନା ବିଜ୍ଞାନର ପରିକଳ୍ପନା କରାଯାଇ ପାରିବ ନାହିଁ। ଯେହେତୁ କାରଣିକତା ବିଜ୍ଞାନର କେନ୍ଦ୍ରୀୟ ବିଷୟ, ତେଣୁ ବିଜ୍ଞାନ ନିର୍ଣ୍ଣୟକରେ କାହାକୁ କାରଣ କୁହାଯିବ। କାରଣ ତାହା ଯାହା ନିକଟରେ କାର୍ଯ୍ୟ ସୃଷ୍ଟି କରିବାର କ୍ଷମତା ଥିବ। ଯେ କୌଣସି ବିଷୟକୁ କାରଣ ରୂପରେ ଗ୍ରହଣ କରାଯାଇ ପାରିବ ନାହିଁ। ନଦୀର ଉପର ମୁଣ୍ଡରେ ଜୋରରେ ବର୍ଷାହେବା ବା ଅନ୍ୟ କୌଣସି କାରଣରୁ ପ୍ରବଳ ଜଳ ପ୍ରବାହ ନଈ ବଢ଼ିର କାରଣ ହୋଇପାରିବ। କିନ୍ତୁ ଭୂମିକମ୍ପ, ଯୁଦ୍ଧ, କଳହ ପରି ଅସଂପୃକ୍ତ ଘଟଣା ନଈ ବଢ଼ିର କାରଣ ହୋଇପାରିବ ନାହିଁ। ବିଶ୍ୱର ପ୍ରତ୍ୟେକ ଘଟଣା କାର୍ଯ୍ୟ-କାରଣ ସମ୍ବନ୍ଧରେ ଆବଦ୍ଧ। କ୍ରମରେ ପ୍ରଥମେ କାରଣ ଆସେ ଓ ପରେ କାର୍ଯ୍ୟ ଆସେ। ଏହାହିଁ କାରଣବାଦ।

ଅନ୍ୟ ପକ୍ଷରେ ଅନ୍ଧବିଶ୍ୱାସ ହେତୁବାଦର ସମ୍ପୂର୍ଣ୍ଣ ପରିପନ୍ଥୀ। ବିଶ୍ୱାସ ବିଜ୍ଞାନସିଦ୍ଧ ନୁହେଁ। ଏହା ସଠିକ ଜ୍ଞାନ ମଧ୍ୟ ନୁହେଁ। ଅନେକ ସମୟରେ ବିଶ୍ୱାସ ମିଥ୍ୟା ହୋଇଥାଏ। ଅତୀତରେ ଲୋକମାନେ ବିଶ୍ୱାସ କରୁଥିଲେ ପୃଥିବୀ ସ୍ଲେଟ୍ ଭଳିଆ ସମତଳ, କିନ୍ତୁ ପରେ ଏହା ଭୁଲ ବୋଲି ପ୍ରମାଣିତ ହେଲା। ଏହିପରି ଅନେକ ବିଶ୍ୱାସ ସମାଜରେ ଥିଲା ଯାହା ପରେ ମିଥ୍ୟା ବୋଲି ପ୍ରମାଣିତ ହୋଇଛି ଓ ପ୍ରତ୍ୟାଖ୍ୟାତ ହୋଇଛି। ବିଶ୍ୱାସ ଓ ଜ୍ଞାନ ମଧ୍ୟରେ ଅନେକ ପାର୍ଥକ୍ୟ ରହିଛି। ବିଶ୍ୱାସ ବ୍ୟକ୍ତି ସାପେକ୍ଷ। କୌଣସି ବିଷୟ ଉପରେ ଭିନ୍ନ ଭିନ୍ନ ବ୍ୟକ୍ତିର ବିଶ୍ୱାସ ଅଲଗା ଅଲଗା ହୋଇପାରେ। କିନ୍ତୁ ଜ୍ଞାନ ହେଉଛି ଗୋଟିଏ। ବିଷୟ ଭେଦରେ ଜ୍ଞାନ ଅନେକ ପ୍ରକାରର ହୋଇପାରେ। କିନ୍ତୁ କୌଣସି ନିର୍ଦ୍ଦିଷ୍ଟ ଜ୍ଞାନରେ ବିବିଧତା ନାହିଁ । ଜ୍ଞାନ ଗୋଟିଏ, ବିଶ୍ୱାସ ଅନେକ। ତେଣୁ ବିଶ୍ୱାସକୁ ଜ୍ଞାନ ବୋଲି କୁହାଯାଇ ପାରିବ ନାହିଁ। ଜ୍ଞାନରୁ ବିଜ୍ଞାନ। ବିଜ୍ଞାନ ହେଉଛି ଶୋଧିତ ଜ୍ଞାନ। ଏହା ନିର୍ଭୁଲ। ବିଶ୍ୱାସ ଓ ଅବିଶ୍ୱାସ ଉପରେ ବିଜ୍ଞାନ ନିର୍ଭର କରେନାହିଁ। ଏହା ପ୍ରମାଣ ଉପରେ ନିର୍ଭର କରେ। ତେଣୁ ପ୍ରମାଣ ରହିତ ବିଶ୍ୱାସ ହେଉଛି ଅନ୍ଧବିଶ୍ୱାସ। ସାଧାରଣ ଭାବେ ଯେଉଁ ଜ୍ଞାନ ବିଜ୍ଞାନସମ୍ମତ ନୁହେଁ, ଅର୍ଥାତ୍ କାର୍ଯ୍ୟ-କାରଣ ସମ୍ବନ୍ଧ ଦ୍ୱାରା ସ୍ୱୀକୃତ ନୁହେଁ ତାହାହିଁ ଅନ୍ଧ ବିଶ୍ୱାସ।

ଆଦିମାନବ ସମ୍ପୂର୍ଣ୍ଣରୂପେ ଅନ୍ଧବିଶ୍ୱାସର ବଶବର୍ତ୍ତୀ ଥିଲା। ତା ମନରେ କ୍ରମେ ଜିଜ୍ଞାସାଭାବ ଜାଗ୍ରତ ହୋଇଛି। ନିଜସ୍ୱ ବିଶ୍ୱାସ ଉପରେ ସନ୍ଦେହ ଜାତ ହୋଇଛି। ପ୍ରତ୍ୟେକ ଜାଗତିକ ଘଟଣା ଯାହାକୁ ସେ ଦିନେ କୌଣସି ଅଦୃଶ୍ୟ ଶକ୍ତିର ଇଚ୍ଛା ବୋଲି ବିଶ୍ୱାସ କରୁଥିଲା, ତା ଉପରେ ପ୍ରଶ୍ନ କରିବା ଆରମ୍ଭ କଲା। ଘଟଣା ପଛର କାରଣକୁ ସେ ଖୋଜିବାକୁ ଲାଗିଲା। କ୍ରମେ ତାର ବୌଦ୍ଧିକତାର ବିକାଶ ହେଲା। ଅଭିଜ୍ଞତା ତାକୁ କାରଣିକତା ସମ୍ବନ୍ଧରେ ଅବଗତ କରାଇଲା। ସେ ଲକ୍ଷ୍ୟ କଲା ଗୋଟିଏ ଘଟଣା ଘଟିବା ପରେ ଅନ୍ୟ ଏକ ଘଟଣା ଘଟୁଛି। ପୂର୍ବ ଘଟଣା ଘଟିଲେ ପର ଘଟଣା ଘଟିବ ବୋଲି ତାର ଧାରଣା ଜାତ ହେଲା। ତେଣୁ ସେ ପ୍ରତ୍ୟେକ ଘଟଣା ପୂର୍ବର ଘଟଣା ସମ୍ବନ୍ଧରେ ଅବଗତ ହେବାକୁ ଚେଷ୍ଟା କଲା। ତାର ଏହି କରଣିକତା ସମ୍ବନ୍ଧୀୟ ଅନୁଧ୍ୟାନରୁ ଓ ଏଥିରୁ ମିଳୁଥିବା ଜ୍ଞାନରୁ ଜନ୍ମନେଲା ବିଜ୍ଞାନ। କାରଣବାଦର ଉଚ୍ଚତର ସୋପାନ ହେତୁବାଦ ଓ ହେତୁବାଦର ଉଚ୍ଚତର ସୋପାନ ବିଜ୍ଞାନ। ବିଜ୍ଞାନ କୌଣସି ଘଟଣାକୁ କାରଣ ରହିତ ବୋଲି ଗ୍ରହଣ କରେ ନାହିଁ। ଏହି ଅବଧାରଣା ଉପରେ ବିଜ୍ଞାନ ପର୍ଯ୍ୟବେଶିତ। କାରଣ ନଥାଇ କାର୍ଯ୍ୟ ସଂଗଠିତ ହେବାକୁ ଗ୍ରହଣ କରିନେଲେ ଏହା ଆଉ ବିଜ୍ଞାନ ହୋଇରହିବ ନାହିଁ। ରୋଗୀକୁ ଡାକ୍ତରଙ୍କ ପାଖକୁ ନେଲେ ପ୍ରଥମେ ସେ ଏହାର କାରଣ ଖୋଜୁଛି। ବିନା କାରଣରେ ରୋଗ ହୋଇଛି ବୋଲି ସେ ଗ୍ରହଣ କରୁନାହିଁ। କୌଣସିଠାରେ ବିମାନ ଦୁର୍ଘଟଣା ହେଲେ ବୈମାନିକମାନେ ଏହାର କାରଣ ଖୋଜୁଛନ୍ତି। ଏହା କୌଣସି ଅଦୃଶ୍ୟଶକ୍ତି ଯୋଗୁଁ ହୋଇଛି ବୋଲି ଗ୍ରହଣୀୟ ହେଉ ନାହିଁ। ପୋଲ ଧସିପଡିଲେ ଇଞ୍ଜିନିୟମାନେ କାରଣ ଖୋଜୁଛନ୍ତି। କୌଣସି କ୍ଷେତ୍ରରେ ଏହା କାରଣରହିତ ବୋଲି ମନ ଗ୍ରହଣ କରୁନାହିଁ।

ହେତୁବାଦ କେବଳ ଏକ ବିଚାର ନୁହେଁ। ଏହା ବିକାଶର ବାହକ ମଧ୍ୟ। ବିକଶିତ ପାଶ୍ଚାତ୍ୟ ରାଷ୍ଟ୍ରଗୁଡିକର ପ୍ରଗତି ହେତୁବାଦୀ ଚେତନାର ବିକାଶ ଯୋଗୁଁ ସମ୍ଭବପର ହୋଇଛି। ସେମାନେ ବିଜ୍ଞାନକୁ ଗୁରୁତ୍ୱ ଦେଇଛନ୍ତି। ଦୈନ୍ୟନ୍ଦିନ ଜୀବନରେ ଏହାକୁ ପ୍ରୟୋଗ କରିଛନ୍ତି। ବିଜ୍ଞାନକୁ ପାଠ୍ୟକ୍ରମ କିମ୍ବା ପୁସ୍ତକ ମଧ୍ୟରେ ସୀମିତ ରଖି ନାହାଁନ୍ତି। ବିଜ୍ଞାନରୁ ମିଳୁଥିବା ହେତୁବାଦୀ ଚେତନା ତାଙ୍କୁ ତାଙ୍କର ବ୍ୟକ୍ତିତ୍ୱର ବିକାଶ ଦିଗରେ ସହାୟକ ହୋଇଛି। ହେତୁବାଦୀ ସାମାଜିକ ଦୃଷ୍ଟିଭଙ୍ଗୀ ଅନେକଗୁଡ଼ିଏ ଅନାବଶ୍ୟକ କାର୍ଯ୍ୟକ୍ରମରୁ ତାଙ୍କୁ ନିବୃତ୍ତ ରଖିଛି। ଅନ୍ଧବିଶ୍ୱାସରୁ ମୁକୁଳିବାରେ ସହାୟକ ହୋଇଛି। ଅନ୍ୟପକ୍ଷରେ ଯେଉଁ ରାଷ୍ଟ୍ରମାନଙ୍କରେ ଶିକ୍ଷାର ବିକାଶ ଠିକ୍ ଭାବରେ ହୋଇନାହିଁ ଓ ବିଜ୍ଞାନ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଇ ନାହିଁ ସେହି ରାଷ୍ଟ୍ରମାନଙ୍କରେ ଅନ୍ଧବିଶ୍ୱାସର ପ୍ରଭାବ ଅଧିକ ଓ ବିକାଶର ଦୌଡରେ ସେମାନେ ପଛରେ ପଡିଯାଇଛନ୍ତି।

ସଭ୍ୟତା ବୌଦ୍ଧିକତା ଉପରେ ପ୍ରତିଷ୍ଠିତ ଏକ ପ୍ରକାର ଉନ୍ନତ ସମାଜ ବ୍ୟବସ୍ଥାକୁ ବୁଝାଏ। ହେତୁବାଦୀ ଚେତନାର ବିକାଶ ବିନା ଏହା ସମ୍ଭବ ନୁହେଁ। ଗୋଟିଏ ହେତୁବାଦୀ ସମାଜର ପ୍ରତିଷ୍ଠା ଦୀର୍ଘ ଶତାବ୍ଦୀର ବୌଦ୍ଧିକ ସଂଘର୍ଷର ପରିଣାମ ସୂତ୍ରରେ ମିଳେ। ପାଶ୍ଚାତ୍ୟ ବିକଶିତ ରାଷ୍ଟ୍ରମାନଙ୍କରେ ହେତୁବାଦର ଭିତ୍ତିଭୂମି ଆପେ ତିଆରି ହୋଇନାହିଁ। ଏଥିପାଇଁ ତାଙ୍କୁ ଦୀର୍ଘ ସଂଘର୍ଷ କରିବାକୁ ପଡିଛି। ବିଶେଷକରି ଇଉରୋପରେ ଏ ସଂଘର୍ଷ ରେନାଁସା ନାମରେ ସୁପ୍ରସିଦ୍ଧ। ଏହା ଏକ ବୌଦ୍ଧିକ ସଂଘର୍ଷ ଥିଲା। ହେତୁବାଦ ଓ ପରମ୍ପରାବାଦ ମଧ୍ୟରେ ସଂଘର୍ଷ, ବିଜ୍ଞାନ ଓ ଅନ୍ଧବିଶ୍ୱାସ ମଧ୍ୟରେ ସଂଘର୍ଷ, ମାନବବାଦ ଓ ଧାର୍ମିକ ମୌଳବାଦ ମଧ୍ୟରେ ସଂଘର୍ଷ, ସଂସ୍କାର ଓ କୁସଂସ୍କାର ମଧ୍ୟରେ ସଂଘର୍ଷ ତଥା ନୀରବତା ଓ ପ୍ରତିକ୍ରିୟାଶୀଳତା ମଧ୍ୟରେ ଏ ସଂଘର୍ଷ ଥିଲା। ଏ ସଂଘର୍ଷ ଥିଲା ଶାନ୍ତିପୂର୍ଣ୍ଣ ବିଚାରମନ୍ଥନ। ସଂଘର୍ଷ ଭିତରେବି ସହନଶୀଳତା ଥିଲା। କେବଳ ଭଲ ପିନ୍ଧିବା, ଭଲ ଖାଇବା, ଭଲ ଘରେ ରହିବା ସଭ୍ୟତା ନୁହେଁ। ଏହା ସହିତ ଆମ ଭିତରେ କେତେ ବୈଜ୍ଞାନିକ ଚେତନାର ବିକାଶ ଘଟିଛି, ଆମେ କେତେ ଅନ୍ଧବିଶ୍ୱାସକୁ ଛାଡ଼ି ହେତୁବାଦକୁ ସ୍ୱୀକାର କରିଛୁ ତାହା ମଧ୍ୟ ସଭ୍ୟତାର ମାନଦଣ୍ଡ ଅଟେ। ସଭ୍ୟତା ସେହି ମାନସିକ ସୃଜନ ଯାହା ମନୁଷ୍ୟକୁ ଶ୍ରେଷ୍ଠତା ପ୍ରଦାନ କରେ। ବିକଶିତ ମାନସିକତା ତାକୁ ଶ୍ରେଷ୍ଠତା ପାଇଁ ପ୍ରେରିତ କରେ। ଜଣେ ସଭ୍ୟ ମନୁଷ୍ୟ ହେତୁବାଦୀ ହେବାକୁ ବାଧ୍ୟ। ବିଜ୍ଞାନ ଉପରେ ଆସ୍ଥା ବିନା ସେ ଏହି ମାନ୍ୟତା ପାଇ ପାରିବ ନାହିଁ।

ସଭ୍ୟତା ଏକ ପ୍ରବାହମାନ ପ୍ରକ୍ରିୟା। ଏହା ଶ୍ରେଷ୍ଠରୁ ଶ୍ରେଷ୍ଠତମକୁ ଖୋଜେ। ଯାହା ଅନ୍ଧବିଶ୍ୱାସ, ଯାହା ଅହେତୁକ, ଯାହା କୁସଂସ୍କାର ତାକୁ ମନୁଷ୍ୟର ବୁଦ୍ଧିମତ୍ତା କିପରି ଶ୍ରେଷ୍ଠ ବୋଲି ମାନିନେବ। ମନୁଷ୍ୟର ବୌଦ୍ଧିକତାର ବିକାଶ ଯେତେ ହେବ ଏଗୁଡ଼ିକ ଉପରୁ ଆସ୍ଥା ସେତେ କମି କମି ଯିବ। ପରିବର୍ତ୍ତନ ଅବସମ୍ଭାବୀ। ରେନାଁସା ଆସିବହିଁ ଆସିବ। ତେବେ ସମାଜରେ ହେତୁବାଦୀ ଧାରଣା ଯେତେ ପ୍ରଖର ହେବ ପରିବର୍ତ୍ତନର କ୍ଷୀପ୍ରତା ସେତେ ଅଧିକ ହେବ। ତେଣୁ ହେତୁବାଦ ହେଉଛି ଏକ ଉନ୍ନତ ସମାଜ ପ୍ରତିଷ୍ଠାର ଆବଶ୍ୟକତା। ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟପରାଗ ସମୟରେ ହେତୁବାଦୀଙ୍କ ବିରିୟାନୀ ଖିଆକୁ ନେଇ ଏହାକୁ ଭିନ୍ନ ଭାବରେ ଗ୍ରହଣ କରାନଯାଉ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ





### ଶିମିଳିପାଳରେ ଆରମ୍ଭ ହେଲା ବାଘ ଗଣନା: ଦୁଇଟି ପର୍ଯ୍ୟାୟରେ ହେବ ଗଣତି

# ତାଲିମ୍‌ପ୍ରାପ୍ତ କର୍ମଚାରୀ ଗଣତି କାର୍ଯ୍ୟରେ ନିୟୋଜିତ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ (ଏନ୍‌ଟିସିଏ) ପକ୍ଷରୁ ପ୍ରତି ୪ ବର୍ଷ ଅନ୍ତରରେ ହେଉଥିବା ସର୍ବଭାରତୀୟ ବାଘ ଗଣନା ୨୦୨୬ ମସିହାର ଶନିବାର ଠାରୁ ଆରମ୍ଭ ହୋଇଛି। ଶିମିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ପକ୍ଷରୁ ପ୍ରସ୍ତୁତ ରୋଡ ମ୍ୟାପ୍ ଜରିଆରେ ଦୁଇଟି ପର୍ଯ୍ୟାୟରେ ଗଣତି କାର୍ଯ୍ୟ ହେବ। ଏନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ଼ଃ ପ୍ରକାଶ ଚାନ୍ଦ ଗୋଗିନେନି ସୂଚନା ପ୍ରଦାନ କରିଛନ୍ତି। ପ୍ରଥମ ପର୍ଯ୍ୟାୟ ଆରମ୍ଭ ହୋଇଥିବା ବେଳେ ଏହାର ସମାପ୍ତ ପରେ ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହେବ। ପ୍ରଥମ ପର୍ଯ୍ୟାୟରେ ନଭେମ୍ବର ୨୨ ତାରିଖ ପର୍ଯ୍ୟନ୍ତ ଗଣତି ପ୍ରକ୍ରିୟା ଚାଲିବ। ୩ ଦିନ ପଦ ଚିହ୍ନ ସମେତ ଅନ୍ୟ ସାଙ୍କେତିକ ଚିହ୍ନ ଦେଖି ଗଣତି ହେବ। ୪ ଦିନ ଲାଇନ୍ ସର୍ଭେ ଏବଂ ଗୋଟିଏ ଦିନ ଅନ୍ୟ ଗଣତି ପ୍ରକ୍ରିୟା ହେବ। ଶନିବାର ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଦକ୍ଷିଣ ବନଖଣ୍ଡର ୧୦୩ ବିଟରେ ଗଣତି ଆରମ୍ଭ ହୋଇଛି। ଏନେଇ ୧୦୩ଟିମ ତାଲିମ୍ ପ୍ରାପ୍ତ ବନ କର୍ମଚାରୀ ଗ୍ରୁପ୍ ସାମିଲ୍ ହୋଇଛନ୍ତି। ଦ୍ୱିତୀୟ ପର୍ଯ୍ୟାୟରେ କ୍ୟାମେରା ଟ୍ରାପ୍ ଜରିଆରେ ଗଣତି ପ୍ରକ୍ରିୟା ଅନୁଷ୍ଠିତ ହେବ। ଶିମିଳିପାଳ ଅଭୟାରଣ୍ୟ ସାରା ପ୍ରତି ୨ ବର୍ଗ କିଲୋମିଟର ବ୍ୟବଧାନରେ ୧୩୨୧ଟି ସ୍ଥାନରେ ଗଣତି ହେବ। ଏନେଇ ପ୍ରାୟ ୧୫୦୦ଟି ଟ୍ରାପ୍ କ୍ୟାମେରା ଖଞ୍ଜା ଯାଇଛି। ଏହି ପ୍ରକ୍ରିୟା ଡିସେମ୍ବର ୧ ତାରିଖରୁ ଆରମ୍ଭ ହେବ। ୱାଇଲ୍ଡ ଲାଇଫ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆର ବିଶେଷଜ୍ଞ ସଦସ୍ୟ ଓ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଅଧିକାରୀଙ୍କ ପ୍ରସ୍ତୁତି ବୈଠକ ଅନୁଯାୟୀ କାର୍ଯ୍ୟ ଆରମ୍ଭ ହୋଇଛି। ୬ ମାସ ଧରି ଚାଲିବାକୁ ଥିବା ବାଘ ଗଣନା ନିମନ୍ତେ କାଗଜ କଲମ ପରିବର୍ତ୍ତେ ସ୍ୱତନ୍ତ୍ର ଆପ୍ଲିକେସନ୍ ଓ ୱେବ୍ ଲଗ୍‌ଇନ୍‌ର ବ୍ୟବହାର କରାଯିବ। ସ୍ୱତନ୍ତ୍ର ସଫ୍ଟୱେର ବ୍ୟବହାର ମାଧ୍ୟମରେ ବାଘର ପ୍ରଜାତି, ବୟସ ଓ ଲିଙ୍ଗ ଆଦି ତଥ୍ୟ ଅପଲୋଡ୍ କରାଯିବ। ଏଆଇ କ୍ୟାମେରା ବ୍ୟବହାର କରି ସ୍ୱତନ୍ତ୍ର ଆପ୍ଲିକେସନ୍ ଓ ୱେବ୍ ଲଗ୍ ଇନ୍ ଦ୍ୱାରା ଏହା ସମ୍ପନ୍ନ ହେବ। ଏନେଇ ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ କର୍ତ୍ତୃପକ୍ଷ କେନ୍ଦ୍ରୀୟ ଚିଡ଼ିଆଖାନା ପ୍ରାଧିକରଣ (ସିଜେଡ)ରୁ ଅନୁମତି ପାଇବା ପରେ ଗଣନା ଆରମ୍ଭ କରିଛନ୍ତି। ଶିମିଳିପାଳ ଉତ୍ତର, ଦକ୍ଷିଣ, ରାଇରଙ୍ଗପୁର, କରଞ୍ଜିଆ, ଆନନ୍ଦପୁର ଓ କୁଳଡିହା ଆଦି ୭ଟି ବନଖଣ୍ଡର ୧୬ଟି ରେଞ୍ଜରେ ଥିବା ବିଟ୍ ଅଞ୍ଚଳରେ ଏହି ଗଣନା ଆରମ୍ଭ ହେବ। ଏହି ଗଣନା ୨୦୨୬ ମାର୍ଚ୍ଚରେ ଶେଷ ହେବ। ସମସ୍ତ ତଥ୍ୟ ଏନ୍‌ଟିସିଏକୁ ପଠାଇବା ପରେ ୨୦୨୭ରେ ବାଘ ଗଣନା ରିପୋର୍ଟ ପ୍ରକାଶ ପାଇବ ବୋଲି ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ କହିଛନ୍ତି। ପ୍ରତିଦିନ ସକାଳ ୯ରୁ ଅପରାହ୍ନ ୪ଟା ଯାଏ ବାଘ ଗଣନା ହେବ। କ୍ୟାମେରା ଟ୍ରାପିଂ, ବାଘଙ୍କ ପାଦଚିହ୍ନ (ପଗ୍ ମାର୍କ) ସହ ମଳ ନମୁନା ସଂଗ୍ରହ କରାଯାଇ ଡିଏ ସାମ୍ପଲିଂ କରାଯିବାର କାର୍ଯ୍ୟକ୍ରମ ରହିଛି। ରାଜ୍ୟରେ ମହାବଳ ବାଘ ସଂଖ୍ୟା ଶିମିଳିପାଳ ଅଭୟାରଣ୍ୟରେ ସର୍ବାଧିକ ରହିଛି। ଏହା ଦୁଇ ଗୁଣିତ ହେବ ବୋଲି





# ନୂଆପଡ଼ା ଓ ବିହାରର ବିଜୟ ଉତ୍ସବ ପାଳିଲା କେନ୍ଦୁଝର ବିଜେପି




**କେନ୍ଦୁଝର, ନ୍ୟୁଜ୍**

ନୂଆପଡ଼ା ଏବଂ ବିହାରର ପ୍ରଚଣ୍ଡ ବିଜୟର ଖୁସିରେ କେନ୍ଦୁଝର ବିଜେପି ପାଳିଲା ବିଜୟ ଉତ୍ସବ। ଶୁକ୍ରବାର ନୂଆପଡ଼ା ଏବଂ ବିହାରର ନିର୍ବାଚନ ଫଳାଫଳ ବିଜେପିକୁ ପ୍ରଚଣ୍ଡ ବିଜୟ ଦେଇଥିବାରୁ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ବିଜେପି କାର୍ଯ୍ୟକର୍ତ୍ତାଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଛି। ଏହି ବିଜୟ ଖୁସିକୁ ପ୍ରକଟ କରି ବିଜେପି ନେତା ଏବଂ କାର୍ଯ୍ୟକର୍ତ୍ତା ମାନେ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବାଣ ଫୁଟାଇ ମିଠା ବାଣ୍ଟି ବିଜୟ ଉତ୍ସବ ପାଳିଥିଲେ। ନୂଆପଡ଼ା ଉପନିର୍ବାଚନରେ ଭାରତୀୟ ଜନତା ପାର୍ଟିର ଅତ୍ୟନ୍ତ ଉଚ୍ଚକୋଟୀର ପ୍ରଦର୍ଶନ ଏବଂ ବିଜୟ ହାସଲ ଓଡ଼ିଶାର ରାଜନୈତିକ ଚିତ୍ରପଟରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି। ନୂଆପଡ଼ାବାସୀ ବିରୋଧୀ ଦଳମାନଙ୍କର ଅପପ୍ରଚାର ଓ ମିଥ୍ୟା ପ୍ରତିଶ୍ରୁତିକୁ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାଖ୍ୟାନ କରିଛନ୍ତି ଏବଂ ବିକାଶକୁ ସମର୍ଥନ କରି ଭାରତୀୟ ଜନତା ପାର୍ଟି ସପକ୍ଷରେ ଏକ ସ୍ପଷ୍ଟ ଜନାଦେଶ ଦେଇଛନ୍ତି ବୋଲି ଜିଲ୍ଲା ସଭାପତି ଶୁକଦେ ମହାନ୍ତ ପ୍ରକାଶ କରିଛନ୍ତି। ଏହି ଉତ୍ସବରେ କେନ୍ଦୁଝର ବିଜେପି ଜିଲ୍ଲା ସଭାପତି ଶୁକଦେବ ମହାନ୍ତ, ନଗର ସଭାପତି ଅସିତ ନନ୍ଦନ ମହାନ୍ତି, ପୂର୍ବତନ ଜିଲ୍ଲା ସଭାପତି ଅଶ୍ୱିନୀ ପଟ୍ଟନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା କିରଣବାଳା ନାୟକ, ବିରଜା ମିଶ୍ର, ଜିଲ୍ଲା ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା, ଜିଲ୍ଲା ଉପସଭାପତି ଗୋପୀନାଥ ରାମ, ସାଂସଦ ପ୍ରତିନିଧି ହରିହର ମହାନ୍ତ ଏବଂ ବରଦା ପ୍ରସାଦ ସାହୁ, ଶ୍ୟାମ ସୁନ୍ଦର ନାଏକ, ରଞ୍ଜନ ତ୍ରିପାଠୀ, ପ୍ରକାଶ ଚନ୍ଦ୍ର ସୂତ୍ରଧର, ଜିଲ୍ଲା ମିଡ଼ିଆ ସଂଯୋଜକ ବ୍ରଜକିଶୋର ରାୟ, ନଗର ମଣ୍ଡଳ ଉପସଭାପତି ପ୍ରଦୀପ ବେହେରା, ଦୁର୍ଯ୍ୟୋଧନ ସାହୁ, ମଞ୍ଜରୀ ମୁର୍ମୁ, ସାଧାରଣ ସମ୍ପାଦକ ରାଜେନ୍ଦ୍ର ପାତ୍ର, ସମ୍ପାଦକ ଦୁର୍ଗା ବାରିକ, ମନରଞ୍ଜନ ମିଶ୍ର, ସତ୍ୟନାରାୟଣ ବାରିକ, ନରଣପୁର ମଣ୍ଡଳ ସଭାପତି ରତିକାନ୍ତ ସାହୁ, ରବୀନ୍ଦ୍ର ମହାନ୍ତ, ଯୁବନେତା ଭାରତ ଭୂଷଣ କୁଅଁର, ପ୍ରିୟବ୍ରତ ଜେନା, ଜଗମୋହନ କର, ରୋହିତ ରଞ୍ଜନ ବାରିକ, ବିଷ୍ଣୁ ଦତ୍ତ ବାରିକ, ଟିକେଶ୍ୱର ଚନ୍ଦନ ଜେନା, ସୌମ୍ୟରଞ୍ଜନ ମହାନ୍ତ, ଅକ୍ଷୟ ମହାରଣା, ଜେମ୍ସ ମେହେନ, ସୁରଜ ବାରିକ, ବିଜୟ ପଣ୍ଡା, ସୁଶୀଲ ନାଏକ, ସମ୍ବିତ ପ୍ରଧାନ, ଦିବ୍ୟଜ୍ୟୋତି ନାୟକ, ସୁବ୍ରତ ପାତ୍ର, ଆଶୀର୍ବାଦ ନନ୍ଦ ତଥା ଶତାଧିକ କାର୍ଯ୍ୟକର୍ତ୍ତା ସାମିଲ୍ ହୋଇଥିଲେ।

# ରାଇଘରରେ ଗଡ଼ିଲା ସାଇବର କ୍ରାଇମ୍ ସଚେତନତା ରଥ

**ରାଇଘର, ନ୍ୟୁଜ୍ ବ୍ୟୁରୋ**



ପୋଲିସ ବିଭାଗ ପକ୍ଷରୁ ସାଇବର ଠକେଇ ଜନ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ସାଇବର ଅପରାଧ ରାଜ୍ୟରେ ଦିନକୁ ଦିନ ବୃଦ୍ଧି ପାଉଥିବାବେଳେ ଏହାକୁ ରୋକିବା ପାଇଁ ଜନ ସଚେତନତାର ବହୁଳ ଆବଶ୍ୟକତା ରହିଥିବାରୁ ରାଜ୍ୟ ପୋଲିସ ବିଭାଗ ପକ୍ଷରୁ ଆରମ୍ଭ ହୋଇଛି ସଚେତନତା ଅଭିମୁଖୀ ଅଭିଯାନ। ଏହି କ୍ରମରେ ନବରଙ୍ଗପୁର ଜିଲ୍ଲା ରାଇଘର ଅଞ୍ଚଳରେ ସାଇବର ଠକେଇ ସଚେତନତା ରଥ ବୁଲୁଥିବା ଦେଖିବାକୁ ମିଳିଛି। ଉକ୍ତ ରଥଟିକୁ ସାରା ଜିଲ୍ଲାରେ ଭ୍ରମଣ କରାଯାଉଛି। ପୋଲିସ ବିଭାଗ ପକ୍ଷରୁ ପଞ୍ଚାୟତ ସମିତି ମହାବିଦ୍ୟାଳୟକୁ ଉକ୍ତ ରଥକୁ ନେଇ ବିଦ୍ୟାଳୟରେ ଥିବା ଛାତ୍ରଛାତ୍ରୀ ମାନଙ୍କୁ ଅଜଣା କଲ୍ ରିସିଭ୍ ନକରିବା, ନିଜର ବ୍ୟାଙ୍କ ତଥ୍ୟ ଅଜଣା ବ୍ୟକ୍ତିଙ୍କୁ ନଦେବା ଓ ସାଇବର ଠକେଇରୁ ବଞ୍ଚିବାକୁ ହେଲେ ୧୯୩୦ ହେଲ୍ପ ଲାଇନ୍ ନଂରେ କଲ୍ କରିବାକୁ ଅନୁରୋଧ କରିଥିଲେ। ସାଇବର କ୍ରାଇମ୍‌ର ଅଭିଯୋଗ କରିବା ପାଇଁ ୧୯୩୦ ହେଲ୍ପ ଲାଇନ୍ ନମ୍ବର ଜାରୀ କରାଯାଇଛି। ସାଇବର କ୍ରାଇମ୍ ଠାରୁ ଦୂରେଇ ରହିବା ସହ ସତର୍କତା ମୂଳକ ପଦକ୍ଷେପ କିପରି ଗ୍ରହଣ କରିବେ ସେ ନେଇ ଜନ ସଚେତନତା ସହ ଜନ ସହଯୋଗୀତା ଦ୍ୱାରା କିପରି ଏହାକୁ ରୋକାଯିବ ସେ ନେଇ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କଲେଜର ଛାତ୍ରଛାତ୍ରୀ ଯୋଗଦେଇଥିବା ବେଳେ କାର୍ଯ୍ୟକ୍ରମରେ ରାଇଘର ଥାନା ଅଧିକାରୀ ରଘୁନାଥ ମାଝୀ, ଏଏସ୍ଆଇ ମନୋରଞ୍ଜନ ମିଶ୍ର, ସଂଗ୍ରାମ ସିଂ, କଲେଜର ସମସ୍ତ ଅଧକ୍ଷ, ଅଧାପକ, କର୍ମଚାରୀ ଏବଂ ସମସ୍ତ ପୋଲିସ କର୍ମଚାରୀଙ୍କ ଉପସ୍ଥିତିରେ ସାଇବର ଠକେଇ ସଚେତନତା ରଥକୁ ପୁରାତନ ବସ୍‌ଷ୍ଟାଣ୍ଡରେ ରଖି ଲୋକଙ୍କୁ ସାଇବର ଠକେଇରୁ କିପରି ବଞ୍ଚିତ ରହିବେ ତାହା ଭିଡିଓ ମାଧ୍ୟମରେ ଦେଖାଇଥିଲେ।

# ଭଉଣୀର ପ୍ରେମିକଙ୍କୁ ହତ୍ୟା ଘଟଣାରେ ୪ ଗିରଫ, ପୋଲିସର ତଦନ୍ତ ଜାରି

**ଧାମନଗର, ନ୍ୟୁଜ୍ ବ୍ୟୁରୋ**



ଆନନ୍ଦପୁର ପଞ୍ଚାୟତ ଉତ୍ତେଇପୁରରେ ଯୁବକଙ୍କୁ ପିଟି ପିଟି ହତ୍ୟା କରିବା ଅଭିଯୋଗରେ ଧାମନଗର ଥାନା ପୋଲିସ ୪ ଜଣଙ୍କୁ ଗିରଫ କରିଛି। ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ଉତ୍ତେଇପୁର ଗାଁ ମଧୁସ୍ମିତା ପାତ୍ର, ତାଙ୍କ ସ୍ୱାମୀ ମଦନ ପାତ୍ର, ମଧୁସ୍ମିତା ଭଉଣୀ ଜ୍ୱାଇଁ ତଥା ଚାନ୍ଦବାଲି ବ୍ଲକ ତେନ୍ତୁଳିଡିହ ପଞ୍ଚାୟତ ବଙ୍କଟା ଗାଁର ପ୍ରଶାନ୍ତ ବେହେରା ଓ ରମାକାନ୍ତ ବେହେରା। ଏହାସହ ମୃତ ସଞ୍ଜୟ ରାଉତଙ୍କ ସାନ ଭାଇ ଚାନ୍ଦବାଲି ବ୍ଲକ ତେନ୍ତୁଳିଡିହ ପଞ୍ଚାୟତ କଣ୍ଡିଆସାହିର ରାଜେନ୍ଦ୍ର ରାଉତଙ୍କ ଏତଲା ଆଧାରରେ କେଶ ନମ୍ବର ୪୩୦ରେ ମାମଲା ରୁଜୁ ସହ ଅଭିଯୁକ୍ତଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତାର ଧାରା ୧୦୩ (୧) ଓ ୩(୫)ରେ ଦଫା ଲଗାଇଛି। ଏହାପରେ ସାଇଣ୍ଟିଫିକ୍ ଟିମ୍ ଉପସ୍ଥିତିରେ ସମସ୍ତ ଅଭିଯୁକ୍ତଙ୍କୁ ଘଟଣାସ୍ଥଳକୁ ନେଇ ସିନ୍ ରିକ୍ରିଏସନ୍ କରିଛି ଧାମନଗର ଥାନା ପୋଲିସ ଟିମ୍। ସିନ୍ ରିକ୍ରିଏସନ୍ ପରେ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଉତ୍ତେଇପୁରର ଏଭଳି ଏକ ଘଟଣାକୁ ନେଇ ନାନା ପ୍ରଶ୍ନ ଉଠିଛି। ମାର୍ଗଶୀର ମାସ ଗୁରୁବାରରେ ଜଣେ ମହିଳା ଏମିତି ଉଗ୍ର ଓ ରକ୍ତମୁଖା ହେବାକୁ ନେଇ ଲୋକ ତୀବ୍ର ନିନ୍ଦା କରିଛନ୍ତି। ତାସହିତ ସରକାରଙ୍କ ଆମ୍ବୁଲାନ୍ସ ସେବା ଓ ପୋଲିସର ତତ୍ପରତା ନେଇ ମଧ ପ୍ରଶ୍ନ ଉଠିଛି। ଗୁରୁବାର ଅପରାହ୍ଣରେ ଏ ଘଟଣା ଘଟିବା ସମୟରେ ସ୍ଥାନୀୟ ଲୋକେ ସେଠାରେ ଉପସ୍ଥିତ ଥିଲେ। ବହୁ ଲୋକ ଥିଲେ ବି ମଧୁସ୍ମିତାଙ୍କ ହିଂସ୍ର ରୂପ ଦେଖି କେହି ସାହସ କରିନଥିଲେ ଘର ଭିତରକୁ ପଶିବାକୁ। ସମସ୍ତେ ଗାଁ ଦାଣ୍ଡରେ ଥିଲେ ବି କେହି ଘର ଭିତରେ ପଶି ସଞ୍ଜୟଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିନଥିଲେ। ତେବେ ପାଖ ଗାଁର ଯୁବକ ପ୍ରତାପ ବାରିକ ଓ ମୁନା ପତି ଖବରପାଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ଆହତ ସଞ୍ଜୟଙ୍କୁ ଡାକ୍ତରଖାନା ନେବା ଲାଗି ୧୧୨ ଓ ୧୦୮ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ ପ୍ରତାପ। ସେତେବେଳେ ଧାମନଗର ଥାନା କି ଡାକ୍ତରଖାନାରେ ଆମ୍ବୁଲାନ୍ସ ନଥିଲା। ତାପରେ ସେମାନେ ଭଣ୍ଡାରିପୋଖରୀ ଓ ଧୁଷୁରୀ ଥାନାକୁ ଫୋନ୍ କରିଥିଲେ। ହେଲେ କେଉଁଠାରେ ୧୧୨ କି ୧୦୮ ଆମ୍ବୁଲାନ୍ସ ନଥିଲା। ଏମିତିକି ଧାମନଗର ପୋଲିସକୁ ଫୋନ୍ କରିବାରୁ ଥାନା ଗାଡ଼ି ଓ ପାଟ୍ରୋଲିଂ ଭେହିକିଲ ସହ ନଳାଙ୍ଗ ପାଖ ଜାତୀୟ ରାଜପଥରେ ଥିବା ଜଣାଇଥିଲେ। ଆମ୍ବୁଲାନ୍ସ ନ ମିଳିବା ଓ ପୋଲିସ ବିଳମ୍ବରେ ପହଞ୍ଚିବା ବେଳକୁ ସଞ୍ଜୟଙ୍କ ଅବସ୍ଥା ସଂଗୀନ ହୋଇପଡ଼ିଥିଲା। ବିଳମ୍ବରେ ପହଞ୍ଚି ପୋଲିସ ସଞ୍ଜୟଙ୍କୁ ଉଦ୍ଧାର କରି ପ୍ରଥମେ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ପରେ ପରେ ତାଙ୍କୁ ଭଦ୍ରକ ଜିଲ୍ଲା ହସ୍ପିଟାଲ୍‌କୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସା ଆରମ୍ଭ ପୂର୍ବରୁ ଭଦ୍ରକରେ ସଞ୍ଜୟଙ୍କର ମୃତ୍ୟୁ ହୋଇଯାଇଥିଲା। ସଞ୍ଜୟଙ୍କ ପରିବାର ଲୋକଙ୍କ ଉପସ୍ଥିତିରେ ସଞ୍ଜୟଙ୍କର ଶବ ବ୍ୟବଚ୍ଛେଦ କରାଯାଇଥିଲା। ଅପରାହ୍ଣରେ ଗାଁରେ ଶେଷ କୃତ୍ୟ କରାଯାଇଥିବା ସୂଚନା ମିଳିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ସଞ୍ଜୟ ରାଉତ ଓ ମଧୁସ୍ମିତାଙ୍କ ସାନ ଭଉଣୀ ରୀନାରାଣୀଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିଲା। ହେଲେ ଦୁହେଁ ଭିନ୍ନ ଭିନ୍ନ ସ୍ଥାନରେ ବାହା ହୋଇଥିଲେ। ବିବାହ ପରେ ମଧ ଦୁହିଁଙ୍କ ମଧ୍ୟରେ ନିବିଡ଼ତା ରହିଥିଲା। ହେଲେ ଏଇ କିଛି ମାସ ହେଲା ଦୁହିଁଙ୍କ ସମ୍ପର୍କରେ ଫାଟ ଆସିଥିଲା। ସଞ୍ଜୟ ରୀନାଙ୍କୁ ହଇରାଣ କରୁଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ରୀନାଙ୍କ ସହ ମିଶି ମଧୁସ୍ମିତା ଷଡ଼ଯନ୍ତ୍ର କରିଥିଲେ। ସଞ୍ଜୟଙ୍କୁ ପାନେ ଦେବାକୁ ଚିନ୍ତା କରିଥିଲେ। ପୂର୍ବ ଯୋଜନା ମୁତାବକ ଗୁରୁବାର ଦିନ ରୀନାରାଣୀ ଫୋନ୍ କରି ସଞ୍ଜୟଙ୍କୁ ଉତ୍ତେଇପୁରରେ ଭଉଣୀଙ୍କ ଘରକୁ ଡାକିଥିଲେ। ପ୍ରେମିକାଙ୍କ ଫୋନ୍ ପାଇ ନିଜର କର୍ମସ୍ଥଳ ଅନୁଗୁଳରୁ ଛୁଟି ଆସିଥିଲେ ସଞ୍ଜୟ। ସଞ୍ଜୟ ପହଞ୍ଚିବା ପୂର୍ବରୁ ମଧୁସ୍ମିତାଙ୍କ ଘରେ ରୀନାଙ୍କ ସ୍ୱାମୀ ପ୍ରଶାନ୍ତ, ତାଙ୍କ ବଡ଼ ଭାଇ ରମାକାନ୍ତ, ଭାଇ ପ୍ରିୟବ୍ରତ ବେହେରା ଓ ଅନ୍ୟ ଜଣେ ଆସି ଉପସ୍ଥିତ ଥିଲେ। ସଞ୍ଜୟ ପହଞ୍ଚିବା ପରେ ତାଙ୍କୁ ଗୋଟିଏ ଘରେ ପୂରାଇ ମଧୁସ୍ମିତା, ପ୍ରଶାନ୍ତ, ରମାକାନ୍ତ ଓ ଅନ୍ୟମାନେ ନିସ୍ତୁକ ମାଡ଼ ମାରିଥିଲେ। ସଞ୍ଜୟଙ୍କ ଯୌନାଙ୍ଗକୁ ମାରି ଫଟାଇ ଦେଇଥିଲେ। ରଡରେ ପିଟି ତାଙ୍କ ମୁଣ୍ଡ ଫଟାଇଥିଲେ ଓ ଆଖିପତାରେ ଛୁରି ଭୁଷି ଦେଇଥିଲେ। ଏହାସହ ଆଣ୍ଠୁ ତଳକୁ ପିଟି ଦୁଇ ଗୋଡ଼କୁ ଚୁନା କରିଦେଇଥିଲେ। ପ୍ରବଳ ରକ୍ତସ୍ରାବ ହେବାରୁ ତାଙ୍କ ପିନ୍ଧା ପୋଷାକ ଓହ୍ଲାଇ ଆଉ ଗୋଟିଏ ପୋଷାକ ମଧ ପିନ୍ଧାଇ ଦେଇଥିଲେ। ଏପରିକି ଜାଳିଦେବା ଲାଗି ପେଟ୍ରୋଲ ଢାଳି ଦେଇଥିବା ମଧ ଅଭିଯୋଗ ହୋଇଛି।




# ସାଇବର ସଚେତନତା ଉପଲକ୍ଷେ ୱାକାଥନ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ସାଇବର ସଚେତନତା ଉପଲକ୍ଷେ ଜଗତସିଂହପୁର ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନର ମିଳିତ ସହଯୋଗରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡ଼ିଆ ଠାରୁ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ୍ ପର୍ଯ୍ୟନ୍ତ ଏକ ୱାକାଥନର ଆୟୋଜନ କରାଯାଇଥିଲା। ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସତ୍ୟବ୍ରତ ଦାଶ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଆଜୀଙ୍କ୍ୟ ମାଣେ ପ୍ରମୁଖ ଉପସ୍ଥିତ ରହି ଏହି ୱାକାଥନ୍‌ର ଉଦ୍‌ଘାଟନ କରିଥିଲେ। ପଦଯାତ୍ରା କରି ସାଇବର ସୁରକ୍ଷା ସଚେତନତା ବାର୍ତ୍ତା ସହ ସମସ୍ତେ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ୍‌ରେ ପହଞ୍ଚିଥିଲେ। ସେଠାରେ ଦୁଃଖୀରାମ ସ୍ୱାଇଁ କଳା ପ୍ରତିଷ୍ଠାନ ଦ୍ୱାରା ସାଇବର ସଚେତନତା ଧର୍ମି ନୁକକଡ ନାଟକ ପ୍ରଦର୍ଶିତ ହୋଇଥିଲା। ସାଇବର ସଚେତନତା ମାସ୍କଟ ସାଇରା ସମସ୍ତଙ୍କୁ ସଚେତନତା ବାର୍ତ୍ତା ଦେଇଥିଲେ। ଏହି ପଦଯାତ୍ରାରେ କ୍ରୀଡା ଛାତ୍ରଛାତ୍ରୀ, ବିଦ୍ୟାଳୟ ଓ କଲେଜ ଛାତ୍ରଛାତ୍ରୀ, ଜଗତିଂହପୁର ଜିଲ୍ଲାର ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ପୋଲିସ ଅଧିକାରୀ ଓ କର୍ମଚାରୀ, ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଭାଗ ନେଇଥିଲେ।

# ଅନ୍ ଲାଇନ୍ ସୁରକ୍ଷା ଓ ସାଇବର ଉତ୍ପୀଡ଼ନ ନେଇ ଜିଲ୍ଲାସ୍ତରୀୟ କର୍ମଶାଳା

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ବେଟି ବଚାଓ ବେଟି ପଢ଼ାଓ କାର୍ଯ୍ୟକ୍ରମ ଅଧିନରେ ସୁବର୍ଣ୍ଣପୁର ଜିଲ୍ଲା କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଅନ୍‌ଲାଇନ୍ ନିରାପତ୍ତା ବା ସୁରକ୍ଷା ଓ ସାଇବର ବୁଲିଙ୍ଗ ବା ସାଇବର ଉତ୍ପୀଡନ ଉପରେ ଜିଲ୍ଲା ସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏହି କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ସୁବର୍ଣ୍ଣପୁର ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ସୁବର୍ଣ୍ଣପୁର, ଅଞ୍ଜଳିନା ପ୍ରଧାନ, ଉପଆରକ୍ଷୀ ଅଧିକ୍ଷକ, ସୁବର୍ଣ୍ଣପୁର, ରେଣୁକା ସୁନା, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ସୁବର୍ଣ୍ଣପୁର, ଅନୂପମା ପଣ୍ଡା, ଜିଲ୍ଲା ମଙ୍ଗଳ ଅଧିକାରୀ, ସୁବର୍ଣ୍ଣପୁର, ଅଚ୍ୟୁତାନନ୍ଦ ସିଂହ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ସୁବର୍ଣ୍ଣପୁର, ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ସୁବର୍ଣ୍ଣପୁର, ଜିଲ୍ଲା ନିଯୋଜନ ଓ ଦକ୍ଷତା ବୃଦ୍ଧି ଅଧିକାରୀ, ସୁବର୍ଣ୍ଣପୁର, ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ସୁବର୍ଣ୍ଣପୁର, ଜିଲ୍ଲା ସମସ୍ତ ସମ୍ବନିତ ଶିଶୁ ବିକାଶ ପ୍ରକଳ୍ପ ଗୁଡିକର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ବୃନ୍ଦ, ମହିଳା ପରିଦର୍ଶିକା ବୃନ୍ଦ, ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ଝିଅମାନେ, ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀ ବୃନ୍ଦ, କିଶୋରୀ ବାଳିକାମାନେ ଉପସ୍ଥିତ ଥିଲେ। ଏହି ତାଲିମ୍ କାର୍ଯ୍ୟକ୍ରମ ବା କର୍ମଶାଳାରେ ଉପ ଆରକ୍ଷୀ ଅଧିକ୍ଷକ, ସୁବର୍ଣ୍ଣପୁର ରେଣୁକା ସୁନା ଓ ଆଶିଷ କୁମାର ଅଗ୍ରୱାଲ, କମ୍ପ୍ୟୁଟର ବିଜ୍ଞାନ ଓ ପ୍ରଯୁକ୍ତି ବିଜ୍ଞାନ ବିଭାଗର ମୁଖ୍ୟ, ରାଜ ମହାବିଦ୍ୟାଳୟ, ସୋନପୁର ଅନ୍‌ଲାଇନ୍ ନିରାପତ୍ତା ବା ସୁରକ୍ଷା ଓ ସାଇବର ଉତ୍ପୀଡନ/ସାଇବର ଅପରାଧ ଉପରେ ବିଶଦ ଭାବରେ ଅବଗତ କରାଇଥିଲେ। କିପରି ଏହି ସାଇବର ଉତ୍ପୀଡନ/ସାଇବର ଅପରାଧରୁ ରକ୍ଷା ପାଇପାରିବ ସେ ବିଷୟରେ ବିଶେଷକରି ଉପସ୍ଥିତ ଛାତ୍ରୀମାନଙ୍କୁ ସଚେତନ କରାଇଥିଲେ। ଏହି କର୍ମଶାଳାକୁ ବାସନ୍ତୀ ଭୋଇ, ସୁରକ୍ଷା ଅଧିକାରୀ, ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ, ସୁବର୍ଣ୍ଣପୁର ପରିଚାଳନା କରିଥିଲେ।

# ଜିଲ୍ଲାସ୍ତରୀୟ ଆର୍ଥିକ ସାକ୍ଷରତା କର୍ମଶାଳା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ବେଟୀ ବଚାଓ, ବେଟୀ ପଢାଓ ଯୋଜନା ଆନୁକୁଲ୍ୟରେ ଜିଲ୍ଲାସ୍ତରୀୟ ଆର୍ଥିକ ସାକ୍ଷରତା, ଅର୍ଥନୈତିକ ଅଧିକାର ଏବଂ ସାମାଜିକ, ରାଜନୈତିକ ଅଧିକାର ସଂପର୍କରେ କର୍ମଶାଳା ଡିଏସ୍‌ଡବ୍ଲ୍ୟୁ ସୁଷମା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଶାନ୍ତନୁ କୁମାର ଜେନା, ସିଡବ୍ଲୁସି ଅଧ୍ୟକ୍ଷା ସ୍ୱାଗତିକା ପାତ୍ର, ଅର୍ଥନୀତି ବିଭାଗର ଅଧାପକ ଦିପ୍ତୀରାୟ, ରାଜନୀତି ବିଜ୍ଞାନର ଅଧାପିକା ଆସିଆ ପ୍ରମୁଖ ଅତିଥି ଭାବେ ଯୋଗଦେଇ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ କିଶୋର, କିଶୋରୀ, କଲେଜର ଛାତ୍ରଛାତ୍ରୀ, ସ୍ୱୟଂସହାୟିକା ଗୋଷ୍ଠୀ ମହିଳା, ଆଶାକର୍ମୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଅଙ୍ଗନୱାଡୀ କର୍ମୀ ଜିଲ୍ଲାର ସମସ୍ତ ସୁପରଭାଇଜର, ସିଡିପିଓ, ପୋଗ୍ରାମ ଅଫିସର୍, ହବ୍‌ର କର୍ମକର୍ତ୍ତା ଉପସ୍ଥିତ ଥିଲେ। ହବ୍‌ର ଲଲାଟେନ୍ଦୁ ଭୋଇ, ରଜନୀକାନ୍ତ ବେହେରା ସଭାକୁ ପରିଚାଳନା କରିଥିବାବେଳେ ଭାରତୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲକ୍ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା-୨୦୨୫



**ଜଳେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ୍ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଶିଖରପୁର ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ସମ୍ମାନିତ ଅତିଥି ଭାବେ ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷ, ଜିଲ୍ଲା ପରିଷଦ ଉପସଭାପତି ଅନସୂୟା ପ୍ରଧାନ, ବ୍ଲକ୍ ଅଧ୍ୟକ୍ଷ ମାନସ କୁମାର ଜେନା, ବ୍ଲକ୍ ଉପାଧ୍ୟକ୍ଷା ସଞ୍ଜିତା ସେନାପତି, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ରବିନାରାୟଣ ପଟ୍ଟନାୟକ, ଜିଲ୍ଲା ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଅଜିତ ସାମଲ, ପ୍ରାକ୍ତନ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଜୀବନ କୃଷ୍ଣ ସାହୁ, ଜିଲ୍ଲା ମତ୍ସ୍ୟ ଅଧିକାରୀ ରେଶମା ସିଂ, ସ୍ଥାନୀୟ ସରପଞ୍ଚ ବିଦ୍ୟାଧର ମଲ୍ଲିକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସଫଳ ଚାଷୀ ଓ ଉଦ୍ୟୋଗୀମାନେ ସେମାନଙ୍କ ଅନୁଭୂତି ବଖାଣିଥିବା ବେଳେ ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ମେଳାରେ ଚାଷୀମାନଙ୍କ ସୂଚନା ପାଇଁ ବିଭିନ୍ନ ଘରୋଇ କମ୍ପାନୀ ପକ୍ଷରୁ ଷ୍ଟଲ୍ ପ୍ରଦର୍ଶନ ହୋଇଥିଲା। ଭୋଗରାଇ ବ୍ଲକ୍ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଚିନ୍ମୟ କୁମାର ସାହୁ, ଡା. ଶିଶିର କୁମାର ଲେଙ୍କା, ଭିଏଏସ୍ ଡା. ତ୍ରିଲୋଚନ ମହାପାତ୍ର, ରାଇବଣିଆ ଭିଏଏସ୍ ଶୁଭସ୍ମିତା ଦାସ, ଭିଏଏସ୍ ଡା. ସତ୍ୟନାରାୟଣ ମହାପାତ୍ର, ରଞ୍ଜିତ କୁମାର ଦାସ, ସାର୍ଥକ ଘୋଷ, ଅଜିତ କୁମାର ଗିରି, ସୁମନ ଶେଖର ସାହୁ, ସତ୍ୟାନନ୍ଦ ମହାଳିକ, ଶୁକଦେବ ସିଂହ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବ୍ଲକ୍ ମତ୍ସ୍ୟ ଅଧିକାରୀ ଡା. ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।

# ଆତ୍ମ ନିର୍ଭର ଓ ନିଶାମୁକ୍ତ ଭାରତ ଗଠନ ପାଇଁ ଶପଥପାଠ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**




ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ତଥା ଏକତା ଦିବସ ଅବସରରେ ସ୍ଥାନୀୟ ମିନି ଷ୍ଟାଡିୟମ୍ ଠାରୁ ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ଦେଇ ଲେଙ୍ଗୁ ମିଶ୍ର ଛକ, ଅଗ୍ରସେନ୍ ଛକ, ଭଟଲି ଛକ, ଗାନ୍ଧୀ ଛକ ଏବଂ ପ୍ରାଇଭେଟ୍ ବସ୍‌ଷ୍ଟାଣ୍ଡରୁ ମିନି ଷ୍ଟାଡିୟମ୍ ପର୍ଯ୍ୟନ୍ତ ଏକତା ପଦଯାତ୍ରା ଆୟୋଜିତ ହୋଇଯାଇଛି। ବରଗଡ ସାଂସଦ ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଐତିହାସିକ ପଦଯାତ୍ରାର ଶୁଭାରମ୍ଭ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ପଦ୍ମଶ୍ରୀ ଡ଼ ହଲଧର ନାଗ, ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ଆରକ୍ଷୀ ଅଧିକ୍ଷକ ପ୍ରହଲାଦ ସହାୟ ମିନା, ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା, ଉପଜିଲ୍ଲାପାଳ ବରଗଡ଼ ପ୍ରସନ୍ନ କୁମାର ପାଣ୍ଡେଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ କର୍ମଚାରୀ, ପୋଲିସ ବାହିନୀ, ମାଇ ଭାରତ ଭଲିୟୁଣ୍ଟର, ଛାତ୍ରଛାତ୍ରୀ, ଜିଲ୍ଲାର ସମସ୍ତ ଧାର୍ମିକ ଏବଂ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା ଯୋଗଦେଇ ଏକତା ପାଇଁ ପଦଯାତ୍ରା କରିବା ସହ ରାଷ୍ଟ୍ର ନିର୍ମାଣ ପାଇଁ ସଜାଗ ହେବା ପାଇଁ ସମସ୍ତଙ୍କୁ ଆହ୍ୱାନ୍ କରିଥିଲେ। ଜିଲ୍ଲା ପ୍ରଶାସନ ତଥା କ୍ରିଡା ଓ ଯୁବସେବା ବିଭାଗ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ମାଇଁ ଭାରତ ଆନୁକୂଲ୍ୟରେ ଆୟୋଜିତ ଏହି ପଦଯାତ୍ରାରେ ସାଂସଦ ଶ୍ରୀ ପୁରୋହିତ ଆତ୍ମନିର୍ଭର ଭାରତ ଏବଂ ନିଶାମୁକ୍ତ ଭାରତ ଗଠନ ନିମନ୍ତେ ସମସ୍ତଙ୍କୁ ଶପଥ ପାଠ କରାଇବା ସହ ଜିଲ୍ଲାର ବିଶିଷ୍ଟ ବ୍ୟକ୍ତି ବିଶେଷ, ସନ୍ଥ କବିର ପୁରସ୍କାର ପ୍ରାପ୍ତ ବୁଣାକାର, କ୍ରୀଡାବିତ ଓ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହଲାଦ ଖୋସଲା ମଞ୍ଚ ପରିଚାଳନା କରିଥିବା ବେଳେ ଜିଲ୍ଲା ସଂସ୍କୃତି ଅଧିକାରୀ ତାହିର ହୁସେନ, ଜିଲ୍ଲା କ୍ରିଡା ଅଧିକାରୀ ଅଜୟ କୁମାର ପଟ୍ଟନାୟକ ଏବଂ ମାଇ ଭାରତ ଜିଲ୍ଲା ୟୁଥ୍ ଅଫିସର କମଲସା ଦେଓ ମିଳିତ ଭାବେ ସମସ୍ତ ଆୟୋଜନ କରିଥିଲେ।

# ପ୍ରାଚୀର ପତ୍ର ଘାସ ଫୁଲ ଉନ୍ମୋଚିତ

**ବୀରମହାରାଜପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲାର ବୀରମହାରାଜପୁର ବ୍ଲକ ଅଧିନସ୍ଥ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାଗବର ଠାରେ ପବିତ୍ର ଶିଶୁ ଦିବସ ଅବସରରେ ଅନୁଷ୍ଠାନର ବାର୍ଷିକ ପ୍ରାଚୀର ପତ୍ର ଘାସ ଫୁଲର ପଞ୍ଚମ ସଂସ୍କରଣ ଉନ୍ମୋଚିତ ହୋଇଯାଇଛି। ପଣ୍ଡିତ ଜବାହରଲାଲ ନେହେରୁଙ୍କ ଜନ୍ମ ଦିନ ତଥା ଶିଶୁ ଦିବସ ପାଳନ ଅବସରରେ ଅନୁଷ୍ଠିତ ସାଧାରଣ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲକ୍ଷ୍ମୀନାରାୟଣ ସାହୁ ଅଧକ୍ଷତା କରିଥିବାବେଳେ ସମାଜସେବୀ ଅଶୋକ କୁମାର ପଣ୍ଡା ମୁଖ୍ୟଅତିଥି ଓ ଶିଶୁ ସାହିତ୍ୟିକ ସନ୍ତୋଷ କୁମାର ଅଦାବର ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଶିକ୍ଷକ ସୁରେନ୍ଦ୍ର କୁମାର ଓତା ସଭା ପରିଚାଳନା କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ସ୍ୱରଚିତ ଗଳ୍ପ କବିତା ସବୁକୁ ନେଇ ଅନୁଷ୍ଠାନର ବାର୍ଷିକ ପ୍ରାଚୀର ପତ୍ର ଘାସ ଫୁଲର ପଞ୍ଚମ ସଂସ୍କରଣ ଅତିଥିମାନଙ୍କ କରକମଳରେ ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ଅତିଥି ଗଣ ପଣ୍ଡିତ ଜବାହରଲାଲ ନେହେରୁଙ୍କ ବିଷୟରେ ଆଲୋଚନା କରିବା ସହିତ ଛାତ୍ରଛାତ୍ରୀଙ୍କ ସୃଜନଶୀଳତାର ଉଚ୍ଚ ପ୍ରଶଂସା କରି ଏହି ଅଭ୍ୟାସକୁ ଜାରି ରଖିବାକୁ ଉପଦେଶ ଦେଇଥିଲେ। ଶିକ୍ଷୟିତ୍ରୀ ମିନାକ୍ଷୀ ପ୍ରଧାନ ସହଯୋଗ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ଗୌରୀ କୁମୁରା ଧନ୍ୟବାଦ ଅର୍ପଣ କରିଥିଲେ।



# ଏସ୍‌ପିଙ୍କ ମାର୍ଗଦର୍ଶନରେ 'ସାଇବର ଗଟ୍ ଟ୍ୟାଲେଣ୍ଟ-୨୦୨୫' ଆୟୋଜିତ




**ରାଉରକେଲା, ନ୍ୟୁଜ୍ ବ୍ୟୁରୋ**

ଏସ୍‌ପି ନିତେଶ ୱାଧୱାନୀଙ୍କ ମାର୍ଗଦର୍ଶନରେ, ରାଉରକେଲା ପୋଲିସ ରାଜ୍ୟ ସରକାରଙ୍କ ସାଇବର ସୁରକ୍ଷା ଅଭିଯାନ-୨୦୨୫ ଅନ୍ତର୍ଗତ ଏକ ସୃଜନଶୀଳ ପଦକ୍ଷେପ ସାଇବର ଗଟ୍ ଟ୍ୟାଲେଣ୍ଟ - ୨୦୨୫ ଆୟୋଜନ କରିଥିଲା। ଯାହାର ଲକ୍ଷ୍ୟ ଯୁବପିଢ଼ିଙ୍କ ମଧ୍ୟରେ କଳା, ସୃଜନଶୀଳତା ଏବଂ ପ୍ରଦର୍ଶନ ମାଧ୍ୟମରେ ସାଇବର ସଚେତନତାକୁ ପ୍ରୋତ୍ସାହିତ କରିବା। ରାଉରକେଲାର ସିଭିକ୍ ସେଣ୍ଟରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସ୍କୁଲ ଏବଂ କଲେଜର ଛାତ୍ରଛାତ୍ରୀଙ୍କ ସହିତ ଜନସାଧାରଣଙ୍କ ସକ୍ରିୟ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ଅଂଶଗ୍ରହଣକାରୀମାନେ ଗୀତ, ନୃତ୍ୟ, ଷ୍ଟାଣ୍ଡ-ଅପ୍ କମେଡି, ଥିଏଟର ପ୍ଲେ, ନୁକ୍କଡ୍ ନାଟକ ଏବଂ ମିମିକ୍ରି ସମେତ ବିଭିନ୍ନ ବର୍ଗରେ ସେମାନଙ୍କର ପ୍ରତିଭା ପ୍ରଦର୍ଶନ କରିଥିଲେ - ସବୁକିଛି ସାଇବର ସଚେତନତାର ବିଷୟବସ୍ତୁ ଉପରେ କେନ୍ଦ୍ରିତ। ଅନେକ ପ୍ରଦର୍ଶନ ମଧ୍ୟରୁ, ବିଚାରକମାନେ ଶ୍ରେଷ୍ଠ ୫ ଅଭିନୟ ଚୟନ କରିଥିଲେ। ଯେଉଁମାନେ ସମାପନୀ ଉତ୍ସବରେ ପୁଣି ପ୍ରଦର୍ଶନ କରିବେ, ଯେଉଁଠାରେ ଚୂଡ଼ାନ୍ତ ବିଜେତା ଘୋଷଣା କରାଯିବ।

# ପ୍ରଥମ ଆଶେସ ପୂର୍ବରୁ ଅଷ୍ଟ୍ରେଲିଆକୁ ବଡ଼ ଝଟ୍‌କା



**ପର୍ଥ**

ହାମ୍‌ଷ୍ଟ୍ରିଙ୍ଗ ଇଞ୍ଜୁରୀ ପାଇଁ ଅଷ୍ଟ୍ରେଲିଆ ଫାଷ୍ଟ ବୋଲର ଜୋସ୍ ହାଜେଲ୍‌ଉଡ୍ ଆସନ୍ତା ଶୁକ୍ରବାର ପର୍ଥଠାରେ ଆରମ୍ଭ ହେବାକୁ ଥିବା ଇଂଲଣ୍ଡ ବିପକ୍ଷ ପ୍ରଥମ ଆଶେସ ଟେଷ୍ଟରେ ଖେଳିବେନାହିଁ।

ପ୍ରାଥମିକ ସ୍କାନ ପରେ ଆଘାତ ଗୁରୁତର ନୁହେଁ ବୋଲି କୁହାଯାଇଥିଲା। ମାତ୍ର ପରେ ଏକ ସ୍କାନ ଦ୍ୱାରା ଜଣାପଡ଼ିଥିଲା ଯେ, ସେ ଯନ୍ତ୍ରଣାରୁ ସମ୍ପୂର୍ଣ୍ଣ ମୁକ୍ତ ନୁହଁନ୍ତି। ପ୍ୟାଟ କମିନ୍ସଙ୍କ ପରେ ପର୍ଥ ଟେଷ୍ଟ ନ ଖେଳିବାରେ ସେ ଦ୍ୱିତୀୟ ଖେଳାଳି। ଅଷ୍ଟ୍ରେଲିଆର ଫାଷ୍ଟ ବୋଲିଂ ଆକ୍ରମଣ ଉପରେ ଏହା ପ୍ରଭାବ ପକାଇବ। ଫଳତଃ ବ୍ରେଣ୍ଡନ ଡଗେଟ୍‌ଙ୍କ ପାଇଁ ଏକ ଆଶେସ ଟେଷ୍ଟ ପଦାର୍ପଣର ସୁଯୋଗ ଦେଖା ଦେଇଛି।

ବୁଧବାର ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡରେ ଏକ ସିଫିଲ୍ଡ ସିଲ୍ଡ ଘରୋଇ ପ୍ରଥମ ଶ୍ରେଣୀ ମ୍ୟାଚ ଖେଳୁଥିବା ବେଳେ ହାଜେଲଉଡ୍ ଯନ୍ତ୍ରଣା ଅନୁଭବ କରିଥିଲେ। ହାଜେଲଉଡ୍ ବିମାନ ଯୋଗେ ସାଥୀ ଖେଳାଳିମାନଙ୍କ ସହ ପର୍ଥ ନ ଯାଇ ଘରେ ବିଶ୍ରାମ ନେବେ। ତେବେ ସେ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ଖେଳିବା ଲାଗି ଫିଟ୍ ହୋଇପାରିବେ କି ନା ତାହା ସ୍ପଷ୍ଟ ହୋଇପାରି ନାହିଁ।

# ନିର୍ଣ୍ଣାୟକ ମୋଡ଼ରେ କୋଲକାତା ଟେଷ୍ଟ: ଗୋଟିଏ ଦିନରେ ପଡ଼ିଲା ୧୬ ୱିକେଟ

**କୋଲକାତା**

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚାଲିଥିବା ପ୍ରଥମ ଟେଷ୍ଟ କ୍ରିକେଟ ମ୍ୟାଚ୍ ଦ୍ୱିତୀୟ ଦିନ ଶେଷ ସୁଦ୍ଧା ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଛି। ମ୍ୟାଚର ପ୍ରଥମ ଦିନରେ ୧୧ ୱିକେଟର ପତନ ଘଟିଥିବା ବେଳେ ଦ୍ୱିତୀୟ ଦିନ ୧୬ ୱିକେଟ ପତନ ଘଟିଛି। ଏଭଳି ଫଳାଫଳ ଉଭୟ ଦଳର ବୋଲରଙ୍କ ପତିଆରାକୁ ଦର୍ଶାଉଛି। ପ୍ରଥମ ଇନିଂସରେ ଦକ୍ଷିଣ ଆଫ୍ରିକା ୧୫୯ ରନ କରିଥିବା ବେଳେ ଭାରତୀୟ ଦଳ ୧୮୯ ରନରେ ଅଲଆଉଟ୍ ହୋଇଯାଇଛି। ଫଳରେ ୩୦ ରନରେ ପଛୁଆ ଥିବା ଦକ୍ଷିଣ ଆଫ୍ରିକା ତା'ର ଦ୍ୱିତୀୟ ଇନିଂସରେ ଦ୍ୱିତୀୟ ଦିନ ଶେଷ ପର୍ଯ୍ୟନ୍ତ ବ୍ୟାଟିଂ କରି ୭ ୱିକେଟ ହରାଇ ୯୩ ରନ କରିଛି। ଘରୋଇ ଦଳ ପାଇଁ ରବୀନ୍ଦ୍ର ଜାଡେଜା ୪ ଓ କୁଲଦୀପ ଯାଦବ ୨ ୱିକେଟ ଅକ୍ତିଆର କରିଛନ୍ତି। ଭ୍ରମଣକାରୀ ଦଳ ବର୍ତ୍ତମାନ ୬୩ ରନରେ ଆଗୁଆ ଥିବା ବେଳେ ହାତରେ ୩ ୱିକେଟ ସୁରକ୍ଷିତ ରଖିଛି। ଷ୍ଟମ୍ପ ଅପସାରଣ ବେଳକୁ ଟେମ୍ବା ବାଭୁମା ୨୯ ଓ କର୍ବିନ ବୋଷ୍ଟ ୧ ରନରେ ଅପରାଜିତ ରହିଛନ୍ତି।



ଦ୍ୱିତୀୟ ଦିନ ତଥା ଶନିବାର ଭାରତୀୟ ଦଳ ତା'ର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୩୭/୧ରୁ ବ୍ୟାଟିଂ ଆରମ୍ଭ କରିଥିଲା। ପୂର୍ବ ଦିନର ଦୁଇ ଅପରାଜିତ ବ୍ୟାଟର ଲୋକେଶ ରାହୁଲ ଓ ୱାଶିଂଟନ ସୁନ୍ଦର ଧୈର୍ଯ୍ୟର ସହ ବ୍ୟାଟିଂ କରି ଦ୍ୱିତୀୟ ଉଇକେଟରେ ୫୭ ରନ ଯୋଡ଼ିଥିଲେ।

ରାହୁଲ ୩୯ (୪ ଚୌକା ଓ ୧ ଛକା) ଓ ସୁନ୍ଦର ୨୯ (୨ ଚୌକା ଓ ୧ ଛକା) ରନ କରି ପାଭିଲିଅନ ଫେରିଥିଲେ। ଅଧିନାୟକ ଶୁବମନ ଗିଲ(୪) ରିଟାୟର୍ଡ ଆଉଟ୍ ହୋଇଥିଲେ। ଏହାପରେ ଦଳ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଏକଦା ୧୩୨ ରନରେ ୩ ୱିକେଟ ହରାଇଥିବା ଭାରତୀୟ ଦଳ ପରବର୍ତ୍ତୀ ୫୭ ରନ ମଧ୍ୟରେ ବଳକା ୭ ୱିକେଟ ହରାଇଥିଲା।

ଫଳରେ ଭାରତୀୟ ଦଳ ୧୮୯ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ ଉପ ଅଧିନାୟକ ରିଷଭ ପନ୍ତ ଓ ରବୀନ୍ଦ୍ର ଜାଡେଜା ୨୭ ଲେଖାଏ ରନ କରିଥିବା ବେଳେ ଧ୍ରୁବ ଜୁରେଲ ୧୪ ଓ ଅକ୍ଷର ପଟେ ୧୬ ରନ କରିଥିଲେ। ବୋଲିଂରେ ଭ୍ରମଣକାରୀ ଦଳ ପକ୍ଷରୁ ସିମନ ହାର୍ମର ୪ ଓ ମାର୍କୋ ଜାନସେନ ୩ ଉଇକେଟ ନେଇଥିବା ବେଳେ କେଶଭ ମହାରାଜ ଓ କର୍ବିନ ବୋଷ୍ଟ ଗୋଟିଏ ଲେଖାଏ ୱିକେଟ ହାତେଇଥିଲେ।

# ସିଏସ୍‌କେରେ ଯୋଗ ଦେବା ପରେ ସଞ୍ଜୁ ସାମସନଙ୍କ ପ୍ରତିକ୍ରିୟା

**ନୂଆଦିଲ୍ଲୀ**

ଆଗାମୀ ଇଣ୍ଡିଆନ ପ୍ରିମିୟର ଲିଗରେ ଚେନ୍ନାଇ ସୁପର କିଙ୍ଗ୍ସରେ ଏମଏସ ଧୋନୀଙ୍କ ସହ ସଞ୍ଜୁ ସାମସନ ଖେଳିବେ। ବିସିସିଆଇ ଏହା ଆନୁଷ୍ଠାନିକ ଭାବରେ ଘୋଷଣା କରିଛି, ଯାହା ପରେ ସଞ୍ଜୁ ସାମସନ ଦୁଇଟି ପୋଷ୍ଟ କରିଛନ୍ତି। ପ୍ରଥମଟି ରାଜସ୍ଥାନ ରୟାଲ୍ସ ଛାଡିବା ବିଷୟରେ ଥିଲା, ଏବଂ ଦ୍ୱିତୀୟଟି ଚେନ୍ନାଇ ସୁପର କିଙ୍ଗ୍ସରେ ଯୋଗଦେବା ବିଷୟରେ । ନିଲାମ ପୂର୍ବରୁ ଏକ ବାଣିଜ୍ୟ ଚୁକ୍ତି ମାଧ୍ୟମରେ ସଞ୍ଜୁ ସାମସନ ରାଜସ୍ଥାନ ରୟାଲ୍ସରୁ ଚେନ୍ନାଇ ସୁପର କିଙ୍ଗ୍ସରେ ଯୋଗ ଦେଇଥିଲେ। ସିଏସ୍‌କେରେ ତାଙ୍କର ଦରମା ପୂର୍ବ ସିଜନରେ ରାଜସ୍ଥାନ ରୟାଲ୍ସରେ ତାଙ୍କ ଦରମା ସହିତ ସମାନ। ସିଏସ୍‌କେରେ ଯୋଗ ଦେଇଥିବା ରବିନ୍ଦ୍ର ଜାଡେଜା ଏବଂ ସାମ କୁରାନଙ୍କୁ ରାଜସ୍ଥାନ ରୟାଲ୍ସରେ ଟ୍ରେଡ ହୋଇଛନ୍ତି। ସଞ୍ଜୁ ସାମସନ ସୋସିଆଲ ମିଡିଆରେ ଏକ ଫଟୋ ପୋଷ୍ଟ କରିଛନ୍ତି। ଯେଉଁଥିରେ ସେ ଏକ ହଳଦିଆ ରିଷ୍ଟବ୍ୟାଣ୍ଡ (ଉଝକ ର ରଙ୍ଗ ମଧ୍ୟ) ପିନ୍ଧିଛନ୍ତି। କ୍ୟାପସନରେ, ସେ ଲେଖିଛନ୍ତି, "ଭନାକାମ" ଏବଂ ଏକ ହଳଦିଆ ହୃଦୟ ସେୟାର କରିଛନ୍ତି। ଏହା ଉଲ୍ଲେଖନୀୟ ସେ ଭନାକାମ ଏକ ତାମିଲ ଶବ୍ଦ, ଯାହାର ଅର୍ଥ ହିନ୍ଦୀରେ 'ନମସ୍ତେ'।

# ଜାଡେଜା ସିଏସ୍‌କେ ଛାଡି ଯିବାରେ ଧୋନୀଙ୍କ ହାତ !

**ନୂଆଦିଲ୍ଲୀ**

ଚେନ୍ନାଇ ସୁପର କିଙ୍ଗ୍ସ ସହିତ ଏମଏସ ଧୋନୀଙ୍କର ଏକ ଅତୁଟ ସମ୍ପର୍କ ରହିଛି। ସେ ୨୦୦୮ ରେ ଆଇପିଏଲ ଆରମ୍ଭ ହେବା ପରଠାରୁ ସିଏସ୍‌କେ ପାଇଁ ଖେଳିଛନ୍ତି। ଦୁଇ ବର୍ଷର ବାସନ୍ଦ ପରେ ଯେତେବେଳେ ଚେନ୍ନାଇ ଦଳ ଇଣ୍ଡିଆନ ପ୍ରିମିୟର ଲିଗକୁ ଫେରିଥିଲେ, ସେତେବେଳେ ଧୋନୀ ଏକ କାର୍ଯ୍ୟକ୍ରମରେ କାନ୍ଦି ପକାଇଥିଲେ। ପ୍ରାୟତଃ ପଚରାଯାଏ: କ'ଣ ଧୋନିଙ୍କର ସିଏସ୍‌କେ ଦଳ ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଅଛି, ସେ ସମସ୍ତ ପ୍ରମୁଖ ନିଷ୍ପତ୍ତି ନିଅନ୍ତି, ଏବଂ କ'ଣ ରବିନ୍ଦ୍ର ଜାଡେଜାଙ୍କୁ ରାଜସ୍ଥାନ ରୟାଲ୍ସକୁ ପଠାଇବାରେ ତାଙ୍କର ମଧ୍ୟ ହାତ ଥିଲା ? ଏଠାରେ ଆପଣ ଏହି ପ୍ରଶ୍ନର ଉତ୍ତର ପାଇବେ।

ଏମଏସ ଧୋନୀଙ୍କ ଭଲ ବନ୍ଧୁ ଏବଂ ସାଥୀ କ୍ରିକେଟର ସୁରେଶ ରୈନା ଆଇପିଏଲ୍ ୨୦୨୫ସମୟରେ ଏହି ବିଷୟରେ କହିଥିଲେ। ସୁରେଶ ରୈନା ଷ୍ଟାର ସ୍ପୋର୍ଟସରେ କହିଥିଲେ, "ଲୋକେ କୁହନ୍ତି ଯେ ଏମଏସ ଧୋନୀ ଚୂଡ଼ାନ୍ତ ନିଷ୍ପତ୍ତି ନିଅନ୍ତି। ସତ କହିବାକୁ ଗଲେ, ମୁଁ ଆଜି ପର୍ଯ୍ୟନ୍ତ କେବେ ନିଲାମରେ ଯୋଗ ଦେଇନାହିଁ ଏବଂ ଦଳ ସମ୍ପର୍କରେ ଆଲୋଚନାରେ ସାମିଲ ହୋଇନାହିଁ। ମୁଁ କେବଳ ଏତିକି କହିପାରିବି ଯେ ଧୋନୀଙ୍କୁ ମ୍ୟାନେଜମେଣ୍ଟରୁ ଫୋନ ଆସିଥାଇପାରେ ଯେ କୌଣସି ନିର୍ଦ୍ଦିଷ୍ଟ ଖେଳାଳିଙ୍କୁ ସାମିଲ କରାଯିବା ଉଚିତ କି ନାହିଁ, କିନ୍ତୁ ତାଙ୍କର ଅଧିକ ସମ୍ପୃକ୍ତି ନାହିଁ।



ରାଇନା ଏହା ମଧ୍ୟ ପ୍ରକାଶ କରିଥିଲେ ଯେ ମ୍ୟାନେଜମେଣ୍ଟ ପ୍ରମୁଖ ନିଷ୍ପତ୍ତି ନେଇଥାଏ। ପୂର୍ବତନ ଭାରତୀୟ କ୍ରିକେଟରଙ୍କ ଅନୁଯାୟୀ, ଧୋନୀଙ୍କୁ ପଚରାଯାଇପାରିବ ଯେ ସେ କେଉଁ ୪-୫ ଜଣ ଖେଳାଳିଙ୍କୁ ରଖିବାକୁ ଚାହାଁନ୍ତି। କିଛି ଖେଳାଳିଙ୍କୁ ବଜାୟ ରଖାଯାଏ, ଯେତେବେଳେ ଅନ୍ୟ ଖେଳାଳିଙ୍କ ସମ୍ପର୍କରେ ନିଷ୍ପତ୍ତି ଉଚ୍ଚ ଅଧିକାରୀମାନେ ନିଅନ୍ତି।

ରବିନ୍ଦ୍ର ଜାଡେଜା ଏବଂ ସାମ କୁରାନ ଏବେ ରାଜସ୍ଥାନ ରୟାଲ୍ସ ପାଇଁ ଖେଳିବେ। ସେମାନଙ୍କ ସ୍ଥାନରେ ସିଏସକେ ସଞ୍ଜୁ ସାମସନଙ୍କୁ ସେମାନଙ୍କ ଦଳରେ ସାମିଲ କରିଛି। ରବିନ୍ଦ୍ର ଜାଡେଜାଙ୍କ ରାଜସ୍ଥାନ ଦଳକୁ ସ୍ଥାନାନ୍ତରରେ ଏମ୍‌ଏସ୍ ଧୋନୀଙ୍କ ହାତ ଥିଲା କି ନାହିଁ ତାହା କୌଣସି ନିଶ୍ଚିତତା ନାହିଁ, କିନ୍ତୁ କ୍ରିକବଜ ଅନୁଯାୟୀ, ଧୋନୀ ସବୁଜ ସଙ୍କେତ ଦେବା ପରେ ହିଁ ସିଏସ୍‌କେ ମ୍ୟାନେଜମେଣ୍ଟ ବାଣିଜ୍ୟ ପ୍ରକ୍ରିୟା ଆରମ୍ଭ କରିଥିଲା।

# ଭାରତ ୧୮୯ ରନରେ ଅଲ୍‌ଆଉଟ୍: ରାହୁଲଙ୍କୁ ଛାଡ଼ି ସମସ୍ତେ ଫ୍ଲପ୍

**କୋଲକାତା**

ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତର ପ୍ରଥମ ଇନିଂସ ଶେଷ ହୋଇଛି। ପ୍ରଥମ ଇନିଂସରେ ଭାରତ ୧୮୯ ରନ କରିଛନ୍ତି। ଫଳରେ ଟିମ୍‌ଇଣ୍ଡିଆ ଦକ୍ଷିଣ ଆଫ୍ରିକା ଉପରେ ୩୦ ରନର ସାମାନ୍ୟ ଅଗ୍ରଣୀ ନେଇଛି। ଭାରତୀୟ ଅଧିନାୟକ ଶୁବମନ ଗିଲ ବ୍ୟାଟିଂ କରୁଥିବା ସମୟରେ ଆହତ ହୋଇ ରିଟାୟାର୍ଡ ହର୍ଟ ହୋଇଥିଲେ। ସେ ଆଉ ବ୍ୟାଟିଂ କରିପାରି ନ ଥିଲେ, ଫଳରେ ଭାରତର ପ୍ରଥମ ଇନିଂସ ନଅ ଉଇକେଟ ହରାଇ ଶେଷ ହୋଇଥିଲା। ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସରେ ୧୫୯ ରନ କରିଥିଲା।

ଭାରତ ପକ୍ଷରୁ କେଏଲ ରାହୁଲ ସର୍ବାଧିକ ୩୯ ରନ କରିଥିଲେ।



ୱାଶିଂଟନ ସୁନ୍ଦର ୨୯ ରନ କରିଥିଲେ। ରାହୁଲ ଏବଂ ୱାଶିଂଟନ ଦ୍ୱିତୀୟ ଉଇକେଟ ପାଇଁ ଅର୍ଦ୍ଧଶତକୀୟ ଭାଗୀଦାରି କରିଥିଲେ। ଭାରତ ପକ୍ଷରୁ ରିଷଭ ପନ୍ତ ୨୭, ରବିନ୍ଦ୍ର ଜାଡେଜା ୨୭, ଅକ୍ଷର ପଟେଲ ୧୪, ଧ୍ରୁବ ଜୁରେଲ ୧୪, ଯଶସ୍ୱୀ ଜୟସ୍ୱାଲ ୧୨, କୁଲଦୀପ ଯାଦବ ୧, ମହମ୍ମଦ ସିରାଜ ୧, ଏବଂ ଜସପ୍ରୀତ ବୁମରା ଅପରାଜିତ ୧ ରନ କରିଥିଲେ। ଗିଲ ଚାରି ରନ କରିବା ପରେ ରିଟାୟାର୍ଡ ହର୍ଟ ହୋଇଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ସାଇମନ ହାମର୍ର୍ ଚାରି ୱିକେଟ ନେଇଥିଲେ। ମାର୍କୋ ଜାନସେନ ୩ଟି ୱିକେଟ ନେଇଥିଲେ। କେଶବ ମହାରାଜ ଏବଂ କର୍ବିନ ୱାଶ ପ୍ରତ୍ୟେକ ଗୋଟିଏ ଉଇକେଟ ନେଇଥିଲେ।

# ୨ ଭିନ୍ନ ଡିଜାଇନ୍ ଜୋତା ପିନ୍ଧି ପଡ଼ିଆକୁ ଆସିଲେ ପନ୍ତ: ଭାଙ୍ଗିଦେଲେ ସେହ୍ୱାଗଙ୍କ ବଡ଼ ରେକର୍ଡ

**କୋଲକାତା**

ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜ ପାଇଁ ରିଷଭ ପନ୍ତ ଟିମ ଇଣ୍ଡିଆକୁ ଫେରିଛନ୍ତି। ପୂର୍ବରୁ ସେ ପାଦରେ ଆଘାତ ଯୋଗୁ ବାହାରେ ଥିଲେ। ଦଳକୁ ଫେରିବା ପରେ, ପନ୍ତ କୋଲକାତାର ଇଡେନ ଗାର୍ଡେନରେ ତାଙ୍କର ପ୍ରଥମ ଇନିଂସ ପାଇଁ ପଡ଼ିଆକୁ ଓହ୍ଲାଇବା ସମୟରେ ଦୁଇଟି ଭିନ୍ନ ଡିଜାଇନ ଜୋତା ପିନ୍ଧିଥିବାର ଦେଖାଯାଇଥିଲା। ପନ୍ତଙ୍କ ଦୁଇଟି ଭିନ୍ନ ଡିଜାଇନ ଜୋତା ପିନ୍ଧିଥିବାର ଏକ ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ସେ ଇଡେନ ଗାର୍ଡେନରେ ତାଙ୍କର ପ୍ରଥମ ଇନିଂସ ସମୟରେ ବୀରେନ୍ଦ୍ର ସେହ୍ୱାଗଙ୍କ ରେକର୍ଡ ମଧ୍ୟ ଭାଙ୍ଗି ଦେଇଥିଲେ।

ଶୁବମନ ଗିଲ ରିଟାୟାରଡ ହର୍ଟ ହେବା ପରେ ରିଷଭ ପନ୍ତ ବ୍ୟାଟିଂ କରିବାକୁ ଆସିଥିଲେ। ସେ ପଡ଼ିଆକୁ ଓହ୍ଲାଇବା ମାତ୍ରେ ତାଙ୍କ ଜୋତା ଆଲୋଚନାର ବିଷୟ ପାଲଟିଥିଲା। ରିଷଭ ପନ୍ତଙ୍କ ଜୋତା ମଧ୍ୟରୁ ଗୋଟିଏ ଆଗ କଳା ଥିଲା, ଯେତେବେଳେ ଅନ୍ୟଟି ଧଳା ଥିଲା। ପନ୍ତ ଯେଉଁ ପାଦରୁ ସୁସ୍ଥ ହୋଇ ଫେରିଥିଲେ ସେହି ପାଦରେ କଳା ଜୋତା ପିନ୍ଧିଥିଲେ। ସମ୍ଭବତଃ ପନ୍ତଙ୍କ ପାଦକୁ ମନରେ ରଖି ଜୋତା ଡିଜାଇନ କରାଯାଇଥିଲା।



ଇଡେନ ଗାର୍ଡେନରେ ଦୁଇଟି ଡିଜାଇନର ଜୋତା ପିନ୍ଧି ଖେଳିଥିବା ରିଷଭ ପନ୍ତ ମଧ୍ୟ ବୀରେନ୍ଦ୍ର ସେହ୍ୱାଗଙ୍କ ଏକ ପ୍ରମୁଖ ରେକର୍ଡ ଭାଙ୍ଗିଛନ୍ତି। କୋଲକାତା ଟେଷ୍ଟର ପ୍ରଥମ ଇନିଂସରେ ରିଷଭ ପନ୍ତ ୨୪ ବଲ ସାମ୍ନା କରି ୨୭ ରନ କରିଥିଲେ, ଏଥିରେ ଦୁଇଟି ଚୌକା ଏବଂ ଦୁଇଟି ଛକା ସାମିଲ ଥିଲା। ଏହି ଇନିଂସ ମଧ୍ୟରେ ରିଷଭ ପନ୍ତ ବୀରେନ୍ଦ୍ର ସେହ୍ୱାଗଙ୍କୁ ପଛରେ ପକାଇ ଏକ ଭାରତୀୟ ରେକର୍ଡ ସ୍ଥାପନ କରିଥିଲେ।

ରିଷଭ ପନ୍ତ ଟେଷ୍ଟ କ୍ରିକେଟରେ ସର୍ବାଧିକ ଛକାରେ ବୀରେନ୍ଦ୍ର ସେହ୍ୱାଗଙ୍କ ରେକର୍ଡ ଭାଙ୍ଗିଛନ୍ତି। ସେହ୍ୱାଗ ଟେଷ୍ଟ କ୍ରିକେଟରେ ୯୦ ଛକା ମାରିଥିଲେ। କୋଲକାତା ଟେଷ୍ଟ ପୂର୍ବରୁ ରିଷଭ ପନ୍ତ ୯୦ ଛକା ସହିତ ସେହ୍ୱାଗଙ୍କ ରେକର୍ଡର ସମକକ୍ଷ ମଧ୍ୟ ହୋଇଥିଲେ। ପନ୍ତ ଇଡେନ ଗାର୍ଡେନରେ ତାଙ୍କ ଇନିଂସର ପ୍ରଥମ ଛକା ମାରି ସେହ୍ୱାଗଙ୍କ ରେକର୍ଡ ଭାଙ୍ଗିଛନ୍ତି। ବର୍ତ୍ତମାନ ତାଙ୍କର ଟେଷ୍ଟରେ ମୋଟ ୯୨ ଛକା ଅଛି, ଯାହା ଏକ ନୂତନ ଭାରତୀୟ ରେକର୍ଡ।

## ଗୁରୁକୂଳ ଇଣ୍ଟରନ୍ୟାସନାଲ୍ ପବ୍ଲିକ୍ ସ୍କୁଲରେ ଶିଶୁ ଦିବସ

# ବିଜ୍ଞାନ ମେଳା ଓ ସାମାଜିକ ବିଜ୍ଞାନ ମେଳା ଉଦ୍‌ଯାପିତ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ଗୁଡ୍‌ସେଡ୍ ରୋଡ୍‌ସ୍ଥିତ ଗୁରୁକୂଳ ଇଣ୍ଟରନ୍ୟାସନାଲ୍ ପବ୍ଲିକ୍ ସ୍କୁଲରେ ଶିଶୁ ଦିବସ, ବିଜ୍ଞାନ ମେଳା ଓ ସାମାଜିକ ବିଜ୍ଞାନ ମେଳା ଉତ୍ସାହପୂର୍ଣ୍ଣ ପରିବେଶରେ ପାଳନ ହୋଇଥିଲା । ଗୁରୁକୂଳ ଇଣ୍ଟରନ୍ୟାସନାଲ୍ ପବ୍ଲିକ୍ ସ୍କୁଲରେ ଶିଶୁ ଦିବସ ଉତ୍ସବ ଗମ୍ଭୀରତା ଓ ଆନନ୍ଦମୟ ପରିବେଶରେ ପାଳିତ ହେଲା । ପଣ୍ଡିତ ଜବହାରଲାଲ ନେହେରୁଙ୍କ ଜୟନ୍ତି ଅବସରରେ ଶିଶୁମାନଙ୍କ ପାଇଁ ବିଶେଷ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା । ସ୍କୁଲର ସଭାପତି ପ୍ରଶାନ୍ତ ମହାପାତ୍ର, ସମ୍ପାଦିକା ଅନିତା କୁମାରୀ ପାଢ଼ୀ ଓ ପ୍ରଧାନଶିକ୍ଷକ ସୁନୀଲ୍ ବଡ଼ପଣ୍ଡା ଉତ୍ସବରେ ଉପସ୍ଥିତ ହୋଇ ଶିଶୁମାନଙ୍କୁ ଆଶୀର୍ବାଦ ଓ ଶୁଭେଚ୍ଛା ଜଣାଇଥିଲେ । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସ୍ୱାଗତ ସଙ୍ଗୀତ, ନୃତ୍ୟ, ଭାଷଣ, କବିତା ପାଠ ଓ ବିବିଧ ସାଂସ୍କୃତିକ ପ୍ରଦର୍ଶନ ଆୟୋଜିତ ହୋଇଥିଲା । ଶିଶୁମାନଙ୍କ ଦ୍ୱାରା ପ୍ରଦର୍ଶିତ କାର୍ଯ୍ୟକ୍ରମ ଅଭିଭାବକ ଓ ଶିକ୍ଷକମାନଙ୍କୁ ମନମୋହିତ କରିଦେଇଥିଲା । ଶିଶୁ ଦିବସର ସମସ୍ତ କାର୍ଯ୍ୟକ୍ରମ ସାଂସ୍କୃତିକ ବିଭାଗ ମୁଖ୍ୟ ଏନ୍ ବିଷ୍ଣୁ ପ୍ରିୟା ନେତୃତ୍ୱରେ ସମ୍ପାଦିତ ହୋଇଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ବିଦ୍ୟାଳୟରେ ଛାତ୍ରଛାତ୍ରୀ ମାନେ ବିଜ୍ଞାନ ମେଳାରେ ଯୋଗ ଦେଇଥିଲେ । ବିଜ୍ଞାନ ମେଳାରେ ୧୮୦ ରୁ ୨୦୦ ପର୍ଯ୍ୟନ୍ତ ପ୍ରୋଜେକ୍ଟ ପ୍ରଦର୍ଶନ କରିଥିଲେ । ବିଭିନ୍ନ ଶ୍ରେଣୀର ଛାତ୍ରଛାତ୍ରୀମାନେ ନିଜର ବୈଜ୍ଞାନିକ ଉଦ୍ଭାବନ, ମଡ଼େଲ୍, ପ୍ରୟୋଗ ଏବଂ ନବୀନ ଧାରଣାମାନଙ୍କୁ ପ୍ରଦର୍ଶନ କରିଥିଲେ । ପରିବେଶ ସୁରକ୍ଷା, ସୌର ଉର୍ଜା, ସ୍ମାର୍ଟ ସିଟି, ଜଳ ସଂଚୟ, ରୋବୋଟିକ୍ସ ଇତ୍ୟାଦି ବିଷୟରେ ଆକର୍ଷଣୀୟ ପ୍ରଦର୍ଶନୀ ଦର୍ଶକମାନଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଥିଲା । ସମ୍ପୂର୍ଣ୍ଣ ବିଜ୍ଞାନ ମେଳା ବିଜ୍ଞାନ ବିଭାଗର ମୁଖ୍ୟ ରଞ୍ଜିତ ପଣ୍ଡାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକାରୀ ହୋଇଥିଲା । ସଭାପତି ଛାତ୍ରଛାତ୍ରୀମାନଙ୍କ ସୃଜନଶୀଳତା, ପ୍ରୟାସ ଓ ଟାଲେଣ୍ଟକୁ ସ୍ତୁତି କରିବା ସହ ଭବିଷ୍ୟତରେ ଏପରି କାର୍ଯ୍ୟକ୍ରମ ଉନ୍ନତି ପାଇଁ ସ୍କୁଲ ପକ୍ଷରୁ ସମସ୍ତ ସହଯୋଗ ଦିଆଯିବ ବୋଲି କହିଥିଲେ । ଏହି ଦୁଇଟି କାର୍ଯ୍ୟକ୍ରମ ସଫଳ କରିବାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସହଯୋଗ କରିଥିଲେ ।



# ବ୍ୟାସନଗର ପୌରାଞ୍ଚଳରେ ୧୧ ବିଦ୍ୟାଳୟର ୨୫ ଶ୍ରେଣୀଗୃହ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

**ବ୍ୟାସନଗର, ନ୍ୟୁଜ୍‌ବ୍ୟୁରୋ**

ଶୁକ୍ରବାର ବିଧାୟକ ଆକାଶ ଦାସନାୟକଙ୍କ କରକମଳରେ ଯାଜପୁର ଜିଲ୍ଲାର ବ୍ୟାସନଗର ପୌରପରିଷଦରେ ୧୧ ଗୋଟି ବିଦ୍ୟାଳୟରେ ୨୫ ଗୋଟି ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ପ୍ରଥମେ ବିଧାୟକ ସକାଳ ୧୦.୩୦ ମିନିଟ୍ ସମୟରେ ମେହେର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଉମାପଦା ଠାରେ ୨ ଗୋଟି ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ନିମନ୍ତେ ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରି ଏକ ବିଶାଳ ପଟୁଆରରେ ୧୦ ଗୋଟି ବିଦ୍ୟାଳୟରେ ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଓଡିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଏହି ନିର୍ମାଣ କାର୍ଯ୍ୟ ଚାଲୁ ହେଉଅଛି । ଯାଜପୁର ଜିଲ୍ଲା ଖଣିଜ ପାଣ୍ଠିରୁ ଏହି ସବୁ ବିଦ୍ୟାଳୟର ଉନ୍ନତିକରଣ ନିମନ୍ତେ ଅର୍ଥ ବ୍ୟୟବରାଦ ହୋଇଅଛି । ଏକ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ନିମନ୍ତେ ୧୫ ଲକ୍ଷ ଟଙ୍କା ଅର୍ଥ ମଞ୍ଜୁର ହୋଇଅଛି । ପ୍ରତ୍ୟେକ ଶ୍ରେଣୀଗୃହର ଆସବାବପତ୍ର ନିମନ୍ତେ ୪ ଲକ୍ଷ ଟଙ୍କା ଅର୍ଥ ମଞ୍ଜୁର ହୋଇଅଛି । ପ୍ରତ୍ୟେକ ବିଦ୍ୟାଳୟ ନିମନ୍ତେ ଖେଳସାମଗ୍ରୀ ପ୍ରଦାନ ନିମନ୍ତେ ୨ ଲକ୍ଷ ଟଙ୍କା ଅର୍ଥ ମଞ୍ଜୁର ହୋଇଅଛି । ବିଦ୍ୟୁତ ସରଞ୍ଜାମ ନିମନ୍ତେ ପ୍ରତ୍ୟେକ ଶ୍ରେଣୀଗୃହ ନିମନ୍ତେ ୧ ଲକ୍ଷ ୩୭ ହଜାର ଟଙ୍କା ଅର୍ଥ ମଞ୍ଜୁର ହୋଇଅଛି । ସେହି ଅନୁପାତରେ ଯେଉଁ ବିଦ୍ୟାଳୟରେ ଏକ ଗୋଟି ଶ୍ରେଣୀଗୃହ ନିର୍ମାଣ ହେବାକୁ ସ୍ଥିର କରାଯାଇଅଛି ସେଥିପାଇଁ ୨୧ ଲକ୍ଷ ୧୧ ହଜାର ଟଙ୍କା ଅନୁଦାନ ଦିଆଯାଇଅଛି । ଯେଉଁ ବିଦ୍ୟାଳୟରେ ୨ ଗୋଟି ଶ୍ରେଣୀଗୃହ ନିର୍ମାଣ ହେବାକୁ ସ୍ଥିର କରାଯାଇଅଛି । ସେଥିପାଇଁ ୪୦ ଲକ୍ଷ ୨୨ ହଜାର ଟଙ୍କା ଅନୁଦାନ ଦିଆଯାଇଅଛି । ଯେଉଁ ବିଦ୍ୟାଳୟରେ ୪ ଗୋଟି ଶ୍ରେଣୀଗୃହ ନିର୍ମାଣ ହେବାକୁ ସ୍ଥିର କରାଯାଇଅଛି ସେଥିପାଇଁ ୭୮ ଲକ୍ଷ ୪୪ ହଜାର ଟଙ୍କା ଅନୁଦାନ ଦିଆଯାଇଅଛି । (୧) ମେହେର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଉମାପଦାରେ ୨ ଗୋଟି ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ନିମନ୍ତେ ୪୦ ଲକ୍ଷ ୨୨ ହଜାର ଅର୍ଥ ମଞ୍ଜୁର ହୋଇଅଛି । ସାପଗଡିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୪ ଗୋଟି ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ନିମନ୍ତେ ୭୮ ଲକ୍ଷ ୪୪ ହଜାର ଟଙ୍କା ଅର୍ଥ ମଞ୍ଜୁର ହୋଇଅଛି । ଯୋଡାବର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ୨ ଗୋଟି ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ନିମନ୍ତେ ୪୦ ଲକ୍ଷ ୨୨ ହଜାର ଅର୍ଥ ମଞ୍ଜୁର ହୋଇଅଛି । ସାତକଣିଆ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ୨ ଗୋଟି ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ନିମନ୍ତେ ୪୦ ଲକ୍ଷ ୨୨ ହଜାର ଅର୍ଥ ମଞ୍ଜୁର ହୋଇଅଛି । ରମ୍ପାସ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୨ ଗୋଟି ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ନିମନ୍ତେ ୪୦ ଲକ୍ଷ ୨୨ ହଜାର ଅର୍ଥ ମଞ୍ଜୁର ହୋଇଅଛି । ଓ.ଏମ୍.ସି. କଲୋନୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୨ ଗୋଟି ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ନିମନ୍ତେ ୪୦ ଲକ୍ଷ ୨୨ ହଜାର ଅର୍ଥ ମଞ୍ଜୁର ହୋଇଅଛି । ପାଇକିରାପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ୨ ଗୋଟି ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ନିମନ୍ତେ ୪୦ ଲକ୍ଷ ୨୨ ହଜାର ଅର୍ଥ ମଞ୍ଜୁର ହୋଇଅଛି । କୁସୁନପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ୨ ଗୋଟି ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ନିମନ୍ତେ ୪୦ ଲକ୍ଷ ୨୨ ହଜାର ଅର୍ଥ ମଞ୍ଜୁର ହୋଇଅଛି । ଜାବରା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ୧ ଗୋଟି ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ନିମନ୍ତେ ୨୧ ଲକ୍ଷ ୧୧ ହଜାର ଟଙ୍କା ଅର୍ଥ ମଞ୍ଜୁର ହୋଇଅଛି । ଧବଳଗିରି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୪ ଗୋଟି ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ନିମନ୍ତେ ୭୮ ଲକ୍ଷ ୪୪ ହଜାର ଟଙ୍କା ଅର୍ଥ ମଞ୍ଜୁର ହୋଇଅଛି । ବିନାୟକ ବିହାର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ୨ ଗୋଟି ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ନିମନ୍ତେ ୪୦ ଲକ୍ଷ ୨୨ ହଜାର ଅର୍ଥ ମଞ୍ଜୁର ହୋଇଅଛି । ଏହି ଭିତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ବ୍ୟାସନଗର ମଣ୍ଡଳ ସଭାପତି ଅଚ୍ୟୁତାନନ୍ଦ ଦାସ , ବିଜେପି ର ବରିଷ୍ଠ ନେତା ଶିଶିର କୁମାର ରାଉତ, ରଶ୍ମିତା ରାଉତ, ବ୍ୟାସଦେବ ମହିଳା ମୋର୍ଚ୍ଚା ସଭାନେତ୍ରୀ, ଶ୍ରୀ ଜିତେନ୍ଦ୍ର କୁମାର ବେହୁରା, ବ୍ୟାସଦେବ ଯୁବମୋର୍ଚ୍ଚା ସଭାପତି, ନିରଞ୍ଜନ ଘଡାଇ, ପ୍ରଶାନ୍ତ ବୋଇତାଇ, ଅଯୋଧ୍ୟା ଜେନା, ସ୍ୱର୍ଣ୍ଣପ୍ରଭା ନାୟକ, ଦୀପ୍ତିମୟୀ କୁଅଁର, ଆଶା ମହାନ୍ତି, ସଂଗୀତା ପ୍ରଧାନ, ରାଣୀ ସାମଲ, ନିବେଦିତା ଜେନା, ଗୀତା ନାୟକ, କାଉନସିଲର ଅଶୋକ କୁମାର ରାଉତ, ମଣିନ୍ଦ୍ର କୁମାର ସାହୁ, ଭରତ ଓଝା, ଟୁନିଆ ନାୟକ, ବିଶ୍ୱନାଥ ସେଠୀ, କୃଷ୍ଣଚନ୍ଦ୍ର ରାଉତ, ତାରିଣୀ ପ୍ରସାଦ ଦାସ, ଅଜିତ ସାମଲ, ଧନେଶ୍ୱର ବାରିକ, ପ୍ରିୟବ୍ରତ ରାଉତ, ଦୀନବନ୍ଧୁ ନାୟକ, ପ୍ରଦୀପ ମହାନ୍ତି, ଗୌରାଙ୍ଗ ସାହୁ, ଅଭିରାମ ରାଉତରାୟ, ଅଶୋକ ବାରିକ, ସୁବ୍ରତ ସେଠୀ, ଚନ୍ଦନ ପରିଡା, ସନ୍ଦିପ ପରିଡା, ରାକେଶ ଜେନା, ପ୍ରିୟବ୍ରତ ସାହୁ, ଚନ୍ଦନ ଜେନା, ଅଜିତ ପରିଡା, ଗୌରହରି ଦାସ, କଳିଙ୍ଗ ପହି, ମଇଉଦ୍ଦିନ୍ ଅନସାରୀ, ବାବାଜୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

# ୩୦ତମ ନାସନାଲ ସାଇକ୍ଲିଂ ଚ୍ୟାମ୍ପିଅନସିପ୍-୨୦୨୫ ପ୍ରସ୍ତୁତି ବୈଠକ

**ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ**

ଜିଲ୍ଲାପାଳ ସମ୍ବଲପୁର ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ୩୦ତମ ନାସନାଲ ସାଇକ୍ଲିଂ ଚାମ୍ପିଅନସିପ୍ ୨୦୨୫ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି । ଏହି ଜାତୀୟ କ୍ରୀଡାର ଆୟୋଜନ ଓଡିଶା ସାଇକ୍ଲିଙ୍ଗ ଏସୋସିଏସନ୍ ଦ୍ୱାରା ଏବଂ କ୍ରୀଡା ଓ ଯୁବ ସେବା ବିଭାଗ, ଓଡିଶା ସରକାର ଓ ଜିଲ୍ଲା ପ୍ରଶାସନ, ସମ୍ବଲପୁର ମିଳିତ ସହଯୋଗରେ ଆୟୋଜିତ ହେବ। ଏହି ଚାମ୍ପିଅନସିପ୍ ୩ ରୁ ୬ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ଆୟୋଜିତ ହେବ, ଯେଉଁଠାରେ ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ଅଂଶଗ୍ରହଣକାରୀ ଯୋଗଦେବେ। ପ୍ରାୟ ୯୦୦ରୁ ୧୦୦୦ ପର୍ଯ୍ୟନ୍ତ ପ୍ରତିଭାଗୀ ଏଥିରେ ଅଂଶଗ୍ରହଣ କରିବେ। ସାଇକ୍ଲଥନ୍ ରୁଟ୍ ନକ୍ସାପାଲି ଓଭରବ୍ରିଜ୍ ରୁ ବିପିସିଏଲ ପେଟ୍ରୋଲ ପମ୍ପ, ଝାଙ୍କରପାଲି ପର୍ଯ୍ୟନ୍ତ ହେବ । ଆଜିର ବୈଠକରେ ବିଭିନ୍ନ ବିଭାଗର ଦାୟିତ୍ୱ ଓ କାର୍ଯ୍ୟବିଭାଗ, ନିବାସ ବ୍ୟବସ୍ଥା, ସୁରକ୍ଷା, ଲଜିଷ୍ଟିକ୍ସ, ମିଡିଆ କଭରେଜ୍, ଟ୍ରାଫିକ୍ ବ୍ୟବସ୍ଥାପନ ଓ ସ୍ଥାନ ପ୍ରସ୍ତୁତି ବିଷୟରେ ଆଲୋଚନା ହୋଇଥିଲା। ସମ୍ବଲପୁର ଜିଲ୍ଲାପାଳ ଅନ୍ତର୍ବିଭାଗୀୟ ସମନ୍ୱୟ ଓ ଯଥାର୍ଥ ପ୍ରସ୍ତୁତି ମାଧ୍ୟମରେ ଏହି ଆୟୋଜନକୁ ଜାତୀୟ ସ୍ତରରେ ସଫଳ କରିବା ଓ ସମ୍ବଲପୁରକୁ ଜାତୀୟ କ୍ରୀଡା ମଞ୍ଚରେ ପ୍ରତିଷ୍ଠିତ କରିବା ଉପରେ ପ୍ରୟାସ କରିବାକୁ କହିଥିଲେ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୬ ନଭେମ୍ବର ୨୦୨୫ ରବିବାର





# ନଭେମ୍ବର ୧୬ରୁ ୩୦ ପର୍ଯ୍ୟନ୍ତ ପାଳନ ହେବ ସଡ଼କ ଦୁର୍ଘଟଣାଜନିତ ଶୂନ ମୃତାହତ ପକ୍ଷ: ମନ୍ତ୍ରୀ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ସଡ଼କ ଦୁର୍ଘଟଣା ଓ ଏଥିରେ ମୃତ୍ୟୁ ସଂଖ୍ୟା ହ୍ରାସ ପାଇଁ ରାଜ୍ୟ ସରକାର ନିରନ୍ତର ପ୍ରୟାସ ଜାରି ରଖିଛନ୍ତି। ବ୍ୟାପକ ଜନସଚେତନତା ମାଧ୍ୟମରେ ଏହି ସଂଖ୍ୟା ହ୍ରାସ କରିହେବ ଓ ଏଥିପାଇଁ ନଭେମ୍ବର ୧୬ ରୁ ୩୦ ଯାଏଁ ଶୂନ ମୃତାହତ ପକ୍ଷ ପାଳନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଏଥିନେଇ ସାରା ରାଜ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି ସମୟରେ ଚାରିଟି 'ଇ' ଯଥା- ଏନଫୋର୍ସମେଣ୍ଟ, ଇଂଜିନିୟରିଂ, ଏଜୁକେସନ ଓ ଏମର୍ଜେନ୍ସି କେୟାରକୁ ପ୍ରାଧାନ୍ୟ ଦିଆଯିବ ବୋଲି ଇସ୍ପାତ ଓ ଖଣି ଏବଂ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ସୂଚନା ଦେଇଛନ୍ତି । ଶନିବାର ଏ ସମ୍ପର୍କରେ ଅନୁଷ୍ଠିତ ବୈଠକରେ ମନ୍ତ୍ରୀ ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଏବଂ ପରିବହନ କମିଶନର ଅମିତାଭ ଠାକୁରଙ୍କ ସହ ଆଲୋଚନା କରିବା ସହ ଶୂନ ମୃତାହତ ପକ୍ଷ ପାଳନକୁ ସଫଳ କରିବା ନେଇ ବିଭିନ୍ନ ପରାମର୍ଶ ଦେଇଥିଲେ । ସୂଚନାଥାଉକି, ସଡ଼କ ଦୁର୍ଘଟଣା ଜନିତ ଶୂନ ମୃତାହତ ପାଳନ ସମୟରେ ସଡ଼କ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଶୂନ ସହନଶୀଳତା ନୀତି ଅବଲମ୍ବନ କରାଯିବ । ସାରା ରାଜ୍ୟରେ ଯାଞ୍ଚ ପ୍ରକ୍ରିୟାକୁ କଡାକଡି କରାଯିବ । ଏଥିପାଇଁ ସମସ୍ତ ଜିଲ୍ଲା ପ୍ରଶାସନକୁ ବିଭାଗ ପକ୍ଷରୁ ଏକ ମାର୍ଗଦର୍ଶିକା ପ୍ରଦାନ କରାଯାଇଛି । ଜିଲ୍ଲା ପ୍ରଶାସନ, ପୋଲିସ ପ୍ରଶାସନ ଏବଂ ଅନ୍ୟ ବିଭାଗ ସହ ମିଳିତ ଭାବରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଦ୍ୱାରା ଏନଫୋର୍ସମେଣ୍ଟ କାର୍ଯ୍ୟକ୍ରମ ବ୍ୟାପକ କରାଯିବ । ବିଶେଷକରି, ଜନଗହଳି ସ୍ଥାନ, ଟ୍ରାଫିକ ପଏଣ୍ଟ, ଶିକ୍ଷାନୁଷ୍ଠାନ, ବଡ ବଡ଼ ମଲ୍ ଓ ବଜାର ଆଦି ସ୍ଥାନରେ ଟିମ୍ ମୁତୟନ ରହିବେ । ସଡ଼କରେ ବେପରୁଆ ଗାଡ଼ି ଚାଳନା କରି ନିଜ ସହ ଅନ୍ୟ ମାନଙ୍କ ପାଇଁ ବିପଦ ସୃଷ୍ଟି କରୁଥିବା ଓ ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ ମୋଟର ଯାନ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସେହିଭଳି ଚିହ୍ନଟ ହୋଇଥିବା ଦୁର୍ଘଟଣାପ୍ରବଣ ରାସ୍ତା ଉପରେ ମଧ୍ୟ ବିଶେଷ ନଜର ରହିବ । କିଭଳି ସେଠାରେ ଦୁର୍ଘଟଣାକୁ ହ୍ରାସ କରାଯାଇପାରିବ ସେଥିପାଇଁ ମଧ୍ୟ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗ ପକ୍ଷରୁ ଜିଲ୍ଲା ପ୍ରଶାସନଙ୍କୁ କୁହାଯାଇଛି । ରାସ୍ତା ଇଞ୍ଜିନିୟରିଂ ସଂସ୍ଥା ମାନେ ଏ ଦିଗରେ ସକ୍ରିୟ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଛି । ତ୍ରୁଟି ଗୁଡ଼ିକୁ ସଂଶୋଧନ କରିବା, ରାସ୍ତାରେ ସାଇନେଜ୍ ଲଗାଇବା ଭଳି ବିଷୟକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି । ଜନସାଧାରଣଙ୍କୁ ସଡ଼କ ସୁରକ୍ଷା ନିୟମ ପ୍ରତି ଅବଗତ କରିବା ଏବଂ ସେମାନଙ୍କ ଜୀବନ ରକ୍ଷା ପାଇଁ ଏହାର ପାଳନର ଅନିବାର୍ଯ୍ୟତା ସଂପର୍କରେ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରାଯିବ । ଏଥିପାଇଁ ଉଭୟ ସରକାରୀ ଓ ବେସରକାରୀ ସଂସ୍ଥା ସହଭାଗିତାରେ ଉଦ୍ୟମ ହେବ । ଏତଦବ୍ୟତୀତ ସଡ଼କ ଦୁର୍ଘଟଣାଗ୍ରସ୍ତଙ୍କୁ ତ୍ୱରିତ ସହାୟତା ପହଞ୍ଚାଇ ଜୀବନ ରକ୍ଷା ପାଇଁ ମଧ୍ୟ ଜନସାଧାରଣଙ୍କୁ ଉତ୍ସାହିତ କରାଯିବ। ପୂର୍ବ ବର୍ଷମାନଙ୍କରେ ଶୂନ ମୃତାହତ ସପ୍ତାହ ପାଳନ କରାଯାଇଛି । ସେ ସମୟରେ ରାଜ୍ୟରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ଉଲ୍ଲେଖନୀୟ ଭାବେ ହ୍ରାସ ପାଇଥିଲା। ଏହାକୁ ଦୃଷ୍ଟିରେ ବିଭାଗ ଚଳିତ ଥର ଏହି କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବାକୁ ଶୂନ ମୃତାହତ ପକ୍ଷ ପାଳନ ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଯାହାର ଲକ୍ଷ୍ୟ ହେଉଛି, ସଡ଼କ ଦୁର୍ଘଟଣା ଓ ତଦଜନିତ ମୃତ୍ୟୁ ସଂଖ୍ୟା ହ୍ରାସ କରିବା । ଏହି ପକ୍ଷ ନଭେମ୍ବର ୧୬ରୁ ୩୦ ଯାଏ ପାଳନ କାରାଯିବ । ବିକଶିତ ଓଡ଼ିଶା ଗଠନରେ ସଡ଼କ ଦୁର୍ଘଟଣା ହ୍ରାସକୁ ଏକ ପ୍ରମୁଖ ଲକ୍ଷ୍ୟ ଭାବରେ ସରକାର ରଖିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ "ସୁରକ୍ଷିତ ଭାବେ ଘରକୁ ଫେରନ୍ତୁ" ବା "କମ୍ ହୋମ୍ ସେଫ୍"କୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଯାଉଛି । ପ୍ରତିଟି ଜୀବନ ମୂଲ୍ୟବାନ। ଗୋଟିଏ ବି ମୃତ୍ୟୁ, ବହୁତ ଅଧିକ । ତେଣୁ ପ୍ରତିଟି ଜୀବନ ରକ୍ଷା ପାଇଁ ସଡ଼କ ସୁରକ୍ଷାକୁ ଏକ ସାମୂହିକ ଦାୟିତ୍ୱ ଭାବେ ଗ୍ରହଣ କରିବାକୁ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀ ଜେନା ରାଜ୍ୟର ସମସ୍ତ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି ।

# ନୂଆପଡ଼ା ବିଜୟ ପରେ ମହାପ୍ରଭୁଙ୍କ ଆଶୀର୍ବାଦ ନେଲେ ଜୟ ଢୋଲକିଆ



**ପୁରୀ, ନ୍ୟୁଜ ବ୍ୟୁରୋ**
ମହାପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ ନେଲେ ଜୟ ଢୋଲକିଆ। ନୂଆପଡ଼ା ଉପନିର୍ବାଚନରେ ବିଜେପି ବିପୁଳ ସଂଖ୍ୟାରେ ଭୋଟ ହାତେଇ ବିଜୟ ହାସଲ କରିବା ପରେ ଶନିବାର ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ ସହ ସାନିଧ ଲାଭ କରିଛନ୍ତି ଜୟ ଢୋଲକିଆ। ପୂରା ପରିବାର ସହ ବିଜେପିର ନବନିର୍ବାଚିତ ନୂଆପଡ଼ା ବିଧାୟକ ଜୟ ଢୋଲକିଆ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ପରେ ମା' ଲକ୍ଷ୍ମୀ, ମା' ବିମଳା ଓ ଅନ୍ୟାନ୍ୟ ପାର୍ଶ୍ୱ ଦେବଦେବୀଙ୍କ ଦର୍ଶନ କରିବା ସହିତ ପୂଜାର୍ଚ୍ଚନା କରିଥିଲେ। ଶ୍ରୀମନ୍ଦିର ସିଂହଦ୍ୱାର ଠାରେ ଜୟ ଢୋଲକିଆ ପହଞ୍ଚିବା ପରେ ସେବାୟତ ଓ ବିଜେପିର ନେତା ଏବଂ କର୍ମୀମାନେ ତାଙ୍କୁ ସ୍ୱାଗତ କରିଥିଲେ। ମହାପ୍ରଭୁଙ୍କ ଦର୍ଶନ ସାରି ଫେରିବା ପରେ ଜୟ ଢୋଲକିଆ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, 'ମହାପ୍ରଭୁଙ୍କ ଆଶୀର୍ବାଦରୁ ଏତେ ବଡ଼ ବିଜୟ ହାସଲ କରିପାରିଛୁ। ନୂଆପଡ଼ାବାସୀଙ୍କର ହେଉଛି ଏହି ବିଜୟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିଜେପିର ସମସ୍ତ ନେତା ଓ କର୍ମକର୍ତ୍ତାଙ୍କ ଯୋଗୁଁ ଏହି ବିଜୟ ହୋଇଛି। ବାପା ରାଜେନ୍ଦ୍ର ଢୋଲକିଆଙ୍କ ଅଧୁରା ସ୍ୱପ୍ନ ପୁରଣ କରିବା ପାଇଁ ମହାପ୍ରଭୁ ମତେ ଶକ୍ତି ପ୍ରଦାନ କରନ୍ତୁ, ସେନେଇ ପ୍ରାର୍ଥନା କରିଛି।' ଜୟ ଢୋଲକିଆଙ୍କ ଦର୍ଶନ ସମୟରେ ପୁରୀ ସାଂସଦ ସମ୍ବିତ ପାତ୍ର, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଏବଂ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ସାମିଲ୍ ଥିଲେ। ୧୦ ବର୍ଷର ବ୍ୟବଧାନ ପରେ ପୁଣି ନୂଆପଡ଼ାରେ ଫୁଟିଲା ପଦ୍ମ । ବିଜେପିକୁ ବିଜୟର ସ୍ୱାଦ ଚଖାଇଛନ୍ତି ଜୟ ଢୋଲକିଆ । ନୂଆପଡ଼ା ବିଜେଡିର ଗଡ଼ ଭାବେ ପରିଚିତ ଥିବା ବେଳେ ମୋଦି ଲହର ଆଗରେ କାମ ଦେଲାନି ବିଜେଡି ରଣନୀତି । କାମ ଦେଲାନି ନବୀନଙ୍କ ଡବଲ ରାଲି । ଗଡ ବଞ୍ଚାଇବାରେ ଫେଲ୍ ମାରିଲେ ବିଜେଡି ସୁପ୍ରିମୋ । ଚିତପଟାଙ୍ଗ ମାରିଲା କଂଗ୍ରେସ । ୮୩୭୪୮ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହେଲେ ବିଜେପି ପ୍ରାର୍ଥୀ ଜୟ ଢୋଲକିଆ । କଂଗ୍ରେସ ପ୍ରାର୍ଥୀ ଦ୍ୱିତୀୟ ସ୍ଥାନ ଓ ବିଜେଡି ପ୍ରାର୍ଥୀ ତୃତୀୟ ସ୍ଥାନରେ ରହିଛନ୍ତି ।

# ଏକତା ପଦଯାତ୍ରାରେ ଯୋଗ ଦେଲେ କ୍ରୀଡ଼ା ସଂସ୍କୃତି ମନ୍ତ୍ରୀ



**ଗୁଣପୁର, ନ୍ୟୁଜ ବ୍ୟୁରୋ**
ଗୁଣୁପୁର - ସର୍ଦାର ବଲଭାଇ ପଟେଲଙ୍କ ୧୫୦ ତମ ଜନ୍ମ ବାର୍ଷିକି ଅବସରରେ ଗୁଣପୁର ଠାରେ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାରଙ୍କ କ୍ରୀଡ଼ା ସଂସ୍କୃତି ଓ ଉଚ ଶିକ୍ଷା ବିଭାଗ ମନ୍ତ୍ରୀ ସୁର୍ଯବଂଶୀ ସୁରଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ଏକତା ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କୁ ନେଇ ଏକ ବିରାଟ ପଦଯାତ୍ରା ଆୟୋଜିତ ହୋଇଥିଲା । ଉକ୍ତ ପଦଯାତ୍ରାଟି ସ୍ଥାନୀୟ ଗୁଣପୁର ମହାବିଦ୍ୟାଳୟ ନିକଟରୁ ବାହାରି ସହର ପରିକ୍ରମା କରି ସ୍ଥାନୀୟ ଜଗନ୍ନାଥ ମନ୍ଦିର ନିକଟରେ ପହଞ୍ଚିଥିଲା । ପରେ ବଡଦାଣ୍ଡରେ ଛାତ୍ର ଛାତ୍ରୀଙ୍କୁ ନେଇ ଆୟୋଜିତ ସାଧାରଣ ସଭାରେ ମାନ୍ୟବର କ୍ରୀଡାମନ୍ତ୍ରୀ ଯୋଗ ଦେଇ ସରଦାର ବଲଭାଇ ପଟେଲଙ୍କ ସ୍ମୃତି ଚାରଣ କରିବା ସହ ଦେଶ ଗଢିବାରେ ବଲଭାଇ ପଟେଲଙ୍କ ଅବଦାନ ବିଷୟରେ ଉପସ୍ଥିତ ଛାତ୍ର ଛାତ୍ରୀଙ୍କୁ ଅବଗତ କରାଇଥିଲେ । ଆୟୋଜିତ ସାଧାରଣ ସଭାରେ ରାୟଗଡ଼ା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣୀ , ଗୁଣପୁର ଉପଜିଲ୍ଲାପାଳ ଧୁଧାଲ ଅଭିଶେଖ ଦିଲୀପ ,ଗୁଣପୁର ପୌର ପରିଷଦ ଅଧକ୍ଷ୍ୟା ମମତା ଗୌଡ଼ ଓ ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ, ବ୍ଲକ ଅଧକ୍ଷା ଝିଲି ଶବର ପ୍ରମୁଖ ମଂଚାସୀନ ହୋଇଥିଲେ। ମନ୍ତ୍ରୀଙ୍କ ଗ୍ରସ୍ତକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

# ରାଜଭବନରେ ଜନ ଜାତୀୟ ଗୌରବ ଦିବସ ଏବଂ ଉତରାଖଣ୍ଡ ଓ ଝାଡ଼ଖଣ୍ଡରେ ପ୍ରତିଷ୍ଠା ଦିବସ ପାଳିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଯେ କୌଣସି ଆହ୍ୱାନର ମୁକାବିଲା କରି ଦେଶର ଏକତା ବଜାୟ ରଖିବାକୁ ମାନ୍ୟବର ରାଜ୍ୟପାଳ ଡ.ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି। ଚଳିତ ନଭେମ୍ବର ୧୫ ତାରିଖ ଅପରାହ୍ନରେ ରାଜଭବନରେ ନ୍ୟୁ ଅଭିଷେକ ହଲ ଠାରେ ଜନଜାତୀୟ ଗୌରବ ଦିବସ, ଉତ୍ତରାଖଣ୍ଡ ଓ ଝାଡ଼ଖଣ୍ଡର ପ୍ରତିଷ୍ଠା ଦିବସ ପାଳନ ଅବସରରେ ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି । ଏହି ସମାରୋହରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ଜନଜାତି ଗୌରବ ଦିବସ ଝାଡ଼ଖଣ୍ଡର ମହାନ ଆଦିବାସୀ ନେତା ଏବଂ ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ସାହସିକ ବଳିଦାନ ଏବଂ ପ୍ରେରଣାଦାୟକ ଐତିହ୍ୟକୁ ମନେ ପକାଇବା ପାଇଁ ଉତ୍ସର୍ଗୀକୃତ ଏକ ଦିନ। ବିର୍ସା ମୁଣ୍ଡା ବ୍ରିଟିଶ ଅତ୍ୟାଚାର ବିରୁଦ୍ଧରେ ଆଦିବାସୀଙ୍କ ମନରେ ଚେତନା ଜାଗ୍ରତ କରିଥିଲେ ଏବଂ ଆତ୍ମସମ୍ମାନ, ମର୍ଯ୍ୟାଦା ଏବଂ ଆଦିବାସୀ ଅଧିକାରର ସୁରକ୍ଷା ପାଇଁ ସଂଗ୍ରାମ କରିଥିଲେ। ତାଙ୍କ ଜୀବନ ପ୍ରତ୍ୟେକ ଭାରତୀୟଙ୍କୁ ନ୍ୟାୟ ଏବଂ ସମାନତା ବଜାୟ ରଖିବା ପାଇଁ ପ୍ରେରଣା ଦେଇ ଆସୁଛି। ଜନଜାତି ଗୌରବ ଦିବସ ପାଳନ ପାଇଁ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟିକୋଣକୁ ରାଜ୍ୟପାଳ ପ୍ରଶଂସା କରି ଆଦିବାସୀ ସମ୍ପ୍ରଦାୟର ଅଜ୍ଞାତ ନାୟକମାନଙ୍କୁ ସମ୍ମାନ ଜଣାଇବା ପାଇଁ ଜନଜାତି ଗୌରବ ଦିବସ ପାଳନ କରାଯାଉଛି ବୋଲି କହିଥିଲେ। କେନ୍ଦ୍ର ସରକାରଙ୍କ ଦ୍ୱାରା ଏହି ଦିବସକୁ ସାରା ଦେଶରେ ପାଳନ କରିବାର ପଦକ୍ଷେପ ଭାରତର ଆଦିବାସୀ ଐତିହ୍ୟ ପାଇଁ ଗର୍ବ ସୃଷ୍ଟି କରିବାକୁ ଏବଂ ଦେଶ ଗଠନରେ ଆମର ଆଦିବାସୀ ଭାଇ ଭଉଣୀମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକାର କରିବାକୁ ପ୍ରତିଫଳିତ କରେ ବୋଲି କହିଥିଲେ। ଉତ୍ତରାଖଣ୍ଡ ଏବଂ ଝାଡ଼ଖଣ୍ଡ ରାଜ୍ୟର ପ୍ରତିଷ୍ଠା ଦିବସ ପାଳନ ପରିପ୍ରେକ୍ଷୀରେ ରାଜ୍ୟପାଳ ଉପରୋକ୍ତ ଦୁଇ ରାଜ୍ୟର ଅଧିବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ନିଜ ଉଦବୋଧନରେ ରାଜ୍ୟପାଳ କହିଥିଲେ ଯେ ଦେବଭୂମି ଉତ୍ତରାଖଣ୍ଡ ହେଉଛି ଦିବ୍ୟ ପର୍ବତ ଏବଂ ପବିତ୍ର ନଦୀଗୁଡ଼ିକର ଏକ କ୍ଷେତ୍ର। ବରଫ ଆଚ୍ଛାଦିତ ହିମାଳୟଠାରୁ କେଦାରନାଥ, ବଦ୍ରିନାଥ, ଗଙ୍ଗୋତ୍ରୀ ଏବଂ ଯମୁନୋତ୍ରୀର ପବିତ୍ର ମନ୍ଦିର ପର୍ଯ୍ୟନ୍ତ ଉତ୍ତରାଖଣ୍ଡର ପ୍ରତ୍ୟେକ କୋଣ ଆଧ୍ୟାତ୍ମିକତା ଏବଂ ପ୍ରାକୃତିକ କୃପାକୁ ପ୍ରତିବିମ୍ବିତ କରେ। ଏହାର ଗଡ଼ୱାଲି ଏବଂ କୁମାଓନି ସଂସ୍କୃତି ସରଳତା, ଭକ୍ତି ଏବଂ ପ୍ରକୃତି ସହିତ ସମନ୍ୱୟକୁ ମୂର୍ତ୍ତିମନ୍ତ କରେ। ଏହି ରାଜ୍ୟର ସଙ୍ଗୀତ, କଳା ଏବଂ ପର୍ବତ ପ୍ରକୃତି ପ୍ରତି ସେମାନଙ୍କର ଗଭୀର ସମ୍ମାନ ଏବଂ ମାନବ କଲ୍ୟାଣ ପ୍ରତି ବିଶ୍ୱାସକୁ ପ୍ରକାଶ କରେ ବୋଲି ରାଜ୍ୟପାଳ କହିଥିଲେ। ଝାଡଖଣ୍ଡ ରାଜ୍ୟ ସମ୍ପର୍କରେ ରାଜ୍ୟପାଳ କହିଥିଲେ ଯେ ଜଙ୍ଗଲର ଭୂମି ଝାଡ଼ଖଣ୍ଡ ଖଣିଜ ସମ୍ପଦ, ଅନନ୍ୟ ସବୁଜିମା ଏବଂ ଏକ ସ୍ପନ୍ଦନଶୀଳ ଆଦିବାସୀ ଐତିହ୍ୟରେ ଆଶୀର୍ବାଦପ୍ରାପ୍ତ। ଏହା ବିର୍ସା ମୁଣ୍ଡାଙ୍କ ଜନ୍ମସ୍ଥାନ ଯାହାଙ୍କ ଅଦମ୍ୟ ସଂଗ୍ରାମ ଭାରତର ସ୍ୱାଧୀନତା ଆନ୍ଦୋଳନକୁ ଆକାର ଦେଇଥିଲା। ଏହାର ସମୃଦ୍ଧ ପରମ୍ପରା, ଛଉ ଏବଂ ପାଇକ ପରି ଆଦିବାସୀ ନୃତ୍ୟ ଏବଂ ପ୍ରକୃତି ସହିତ ଘନିଷ୍ଠ ସମ୍ପର୍କ ପ୍ରକୃତି କୋଳରେ ଜୀବନ ଜୀଇଁବାର ଏବଂ ସାଂସ୍କୃତିକ ଗର୍ବର ଏକ ମଡେଲ କରିଛି ବୋଲି କହିଥିଲେ। ଏହି ଅବସରରେ ରାଜ୍ୟପାଳ ଉତ୍ତରାଖଣ୍ଡ ଏବଂ ଝାଡ଼ଖଣ୍ଡର ସମସ୍ତ ଲୋକଙ୍କୁ ଯେଉଁମାନେ ଓଡ଼ିଶାକୁ ନିଜର ଦ୍ୱିତୀୟ ଘର କରିଛନ୍ତି ସେମାନଙ୍କୁ କୃତଜ୍ଞତା ଜଣାଇ ଥିଲେ ଓ ସେମାନେ ସମାଜରେ ସୁନ୍ଦର ଭାବର ମିଶି ସ୍ଥାନୀୟ ପରମ୍ପରା ଏବଂ ମୂଲ୍ୟବୋଧକୁ ଗ୍ରହଣ କରିବା ସହିତ ସେମାନଙ୍କର ପରମ୍ପରା ଏବଂ ମୂଲ୍ୟବୋଧକୁ ବାଣ୍ଟି ଏକ ଭାରତ ଶ୍ରେଷ୍ଠ ଭାରତର ପ୍ରକୃତ ଭାବନାକୁ ପ୍ରତିପାଦନ କରିଛନ୍ତ ବୋଲି କହିଥିଲେ। ରାଜଭବନରେ ଅନ୍ୟ ରାଜ୍ୟର ପ୍ରତିଷ୍ଠା ଦିବସ ପାଳନ ସାଂସ୍କୃତିକ ଆଦାନପ୍ରଦାନକୁ ଉତ୍ସାହିତ କରେ, ପରସ୍ପରର ବିବିଧତାର ପ୍ରଶଂସା ମାଧ୍ୟମରେ ଦେଶର ଏକତାକୁ ପ୍ରତିଫଳିତ କରେ ବୋଲି ରାଜ୍ୟପାଳ କହିବା ସହିତ ଏହା ଭାରତର ସର୍ବଶ୍ରେଷ୍ଠ ଶକ୍ତି ଯେଉଁଥିରେ ବିବିଧତା ମଧ୍ୟରେ ଏକତା ନିହିତ ରହିଛି ବୋଲି କହିଥିଲେ। ପୁଣି ରାଜ୍ୟପାଳ କହିଥିଲେ ଯେ ଓଡ଼ିଶା ଏକତାର ଏକ ଉଜ୍ଜ୍ୱଳ ଉଦାହରଣ ଭାବରେ ଠିଆ ହୋଇଛି। କଳିଙ୍ଗ ଯୁଦ୍ଧ ପରେ ଉଭା ହୋଇଥିବା ଶାନ୍ତିର କାଳଜୟୀ ବାର୍ତ୍ତାଠାରୁ ଆରମ୍ଭ କରି ପୁରୀର ପ୍ରଭୁ ଜଗନ୍ନାଥଙ୍କ ଆଧ୍ୟାତ୍ମିକ ଐତିହ୍ୟ, କୋଣାର୍କର ସ୍ଥାପତ୍ୟ ମହିମା ଏବଂ ରାଜ୍ୟର ସ୍ପନ୍ଦନଶୀଳ ଲୋକ ସଂସ୍କୃତି ଓ ଆଦିବାସୀ ସଂସ୍କୃତି ପର୍ଯ୍ୟନ୍ତ ରାଜ୍ୟ ପରମ୍ପରା ଏବଂ ପ୍ରଗତି ମଧ୍ୟରେ, ମାନବତା ଏବଂ ପ୍ରକୃତି ସମନ୍ୱୟକୁ ପ୍ରତିଫଳିତ କରେ। ଓଡ଼ିଶାବାସୀ ସବୁବେଳେ ଅନ୍ୟମାନଙ୍କୁ ଖୋଲା ହୃଦୟରେ ସ୍ୱାଗତ କରି ଆସୁଛନ୍ତି ଯାହା ବିଶ୍ୱ ଗୋଟିଏ ପରିବାର ବୋଲି ବିଶ୍ୱାସକୁ ପ୍ରତିଫଳିତ କରୁଛି। ଆମର ବିବିଧତା ଆମର ଦୁର୍ବଳତା ନୁହେଁ, ଏହା ଆମର ସର୍ବୋତ୍ତମ ସୌନ୍ଦର୍ଯ୍ୟ ଏବଂ ଆମର ଅନନ୍ତ ଶକ୍ତି ବୋଲି ରାଜ୍ୟପାଳ କହିବା ସହିତ ଏକ ଭାରତ ଶ୍ରେଷ୍ଠ ଭାରତର ଆତ୍ମାକୁ ଅଧିକ ରୁଦ୍ଧିମନ୍ତ କରିବାକୁ ଆହ୍ୱାନ ଜଣାଇଥିଲେ। ରାଜ୍ୟର ପ୍ରଥମ ମହିଳା ଡ. ଜୟଶ୍ରୀ କମ୍ଭମପାଟି ଏହି ସମାରୋହରେ ଉପସ୍ଥିତ ଥିଲେ। ଏହି ଅବସରରେ ଉତ୍ତରାଖଣ୍ଡର ରାଜ୍ୟପାଳ ଲେଫ୍ଟନାଣ୍ଟ ଜେନେରାଲ (ରିଟାୟର୍ଡ) ଗୁରମିତ୍ ସିଂହଙ୍କ ଭିଡିଓ ବାର୍ତ୍ତା ପ୍ରଦର୍ଶିତ ହୋଇଥିଲା।

# ଭଗବାନ ବିର୍ସା ମୁଣ୍ଡାଙ୍କ ସଂଘର୍ଷର ଇତିଗାଥା ସ୍ମୃତି ଚାରଣ କଲେ ସାଂସଦ

**ବାଲେଶ୍ୱର, ନ୍ୟୁଜ**
ସ୍ଥାନୀୟ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ ଠାରେ ଧରତୀ ଆବା ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଅବସରରେ ଜିଲ୍ଲା ସ୍ତରୀୟ ଜନଜାତି ଗୌରବ ଦିବସ -୨୦୨୫ ପାଳିତ ହୋଇଯାଇଛି । ଏହି ଜନଜାତି ଗୌରବ ଦିବସକୁ ଭାରତ ସରକାରଙ୍କ ଜନଜାତି କଲ୍ୟାଣ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଗୁଜୁରାଟର ଦେଡିଆପଦା ଠାରେ ଆୟୋଜିତ ସମାବେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ ଦେଇ ସମବେତ ଜନଜାତି ଭାଇ ଭଉଣୀମାନଙ୍କୁ ଉତ୍ସାହିତ କରିବା ସହିତ ଉଦବୋଧନ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲ୍ଲା ସ୍ତରରେ ନୀଳଗିରିସ୍ଥିତ ଇଣ୍ଡୋର ଷ୍ଟାଡିୟମ୍ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗ ଦେଇ ଥିବା ବେଳେ ସମ୍ମାନୀୟ ଅତିଥି ଭାବେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ଅନ୍ୟାନ୍ୟ ବରେଣ୍ୟ ଅତିଥି ମାନଙ୍କ ମଧ୍ୟରେ ନୀଳଗିରି ପୌର ପରିଷଦ ଅଧ୍ୟକ୍ଷ ମହେନ୍ଦ୍ର ନାଥ ବେହେରା, ସମ୍ମାନନୀୟ ବାଲେଶ୍ୱର ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୁଧାକର ନାୟକ, ଜିଲ୍ଲା ମଙ୍ଗଳ ଅଧିକାରୀ ଦେବାଶିଷ ସ୍ୱାଇଁ, ତହସିଲଦାର ସୋନମ ଦାସ ପ୍ରମୁଖ ମଞ୍ଚାସିନ ଥିଲେ। ଏହି କାର୍ଯ୍ୟକ୍ରମରେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶୈଳେନ୍ଦ୍ର ଶତପଥୀ ଅତିଥି ପରିଚୟ, ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ପରେ ମୁଖ୍ୟ ଅତିଥି ସମେତ ସମସ୍ତ ଅତିଥି ବୃନ୍ଦ ଜଗନ୍ନାଥଙ୍କ ଫଟୋ ନିକଟରେ ଧୂପ ଦୀପ ଜଳାଇ ସହ ଧରତୀ ଆବା ଭଗବାନ ବିର୍ସା ମୁଣ୍ଡାଙ୍କ ଫଟୋ ଚିତ୍ର ନିକଟରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ସମେତ ଅନ୍ୟାନ୍ୟ ବରେଣ୍ୟ ଅତିଥି ଗଣ ଭଗବାନ ବିର୍ସା ମୁଣ୍ଡାଙ୍କ ସଂଘର୍ଷ ଏବଂ ସଂଗ୍ରାମର ଇତିଗାଥା ସ୍ମୃତି ଚାରଣ କରିଥିଲେ। ଶୈଶବରେ ଶିକ୍ଷାରୁ ବଞ୍ଚିତ ହେବା ପରେ ଅନ୍ୟାୟ, ତ୍ୟାଚାର, ଶୋଷଣ, ଲୁଣ୍ଠନକାରି ଜମିଦାର,ସାହୁକାରଙ୍କ ବିରୋଧରେ ସ୍ୱର ଉତ୍ତୋଳନ ନିମନ୍ତେ ନିଜ ସମ୍ପ୍ରଦାୟର ଲୋକଙ୍କ ମଧ୍ୟରେ ଏକତାର ବୀଜ ବୁଣିଥିଲେ। ବ୍ରିଟିଶ ଶାସନ ବିରୋଧ ରେ ଦେଶ ମାତୃକାର ରକ୍ଷା , ନିଜର ଜଳ, ଜମି, ଜଙ୍ଗଲ ଅଧିକାର ପାଇଁ ଲଢେଇ କରି ୨୫ ବର୍ଷ ବୟସରେ ବ୍ରିଟିଶ୍ ଶାସନର ଅକଥନୀୟ ଅତ୍ୟାଚାର ଏବଂ ନିର୍ଯାତନାର ଶିକାର ହୋଇ ମୃତ୍ୟୁ ବରଣ କରିଥିଲେ। ସେହି ଅମର ସହିଦଙ୍କୁ ସମ୍ମାନ ନିମନ୍ତେ ଆଜିର ଏହି ଦିବସ ପାଳନ କରାଯାଉଥିବା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଜନଜାତି ଗୌରବ ଦିବସ କାର୍ଯ୍ୟକ୍ରମରେ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁଜୁରାଟର ଦେଡିଆପଦା ଠାରେ ଅନୁଷ୍ଠିତ ସମାବେଶ ରେ ଯୋଗ ଦେଇ ସମବେତ ଜନଜାତି ସମୁହଙ୍କୁ ଉଦବୋଧନ ଦେଇଥିଲେ।୨୦୧୪ ମସିହାରୁ ଏହି ଜନଜାତି ଗୌରବ ଦିବସ ପାଳନ ହୋଇ ଆସୁଥିବା ଜନଜାତି ସମୂହଙ୍କ କଲ୍ୟାଣ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ । ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, କ୍ରିଡ଼ା ପ୍ରଭୃତି ସମସ୍ତ କ୍ଷେତ୍ରରେ ଗୁରୁତ୍ୱ ଦେଇ ସମାଜର ମୂଖ୍ୟ ସ୍ରତରେ ସାମିଲ କରିବା ସରକାରଙ୍କ ଲକ୍ଷ୍ୟ ବୋଲି କହିବା ସହିତ ବିଭିନ୍ନ ଜନଜାତି ବର୍ଗର ଲଢୁଆ ବୀର ସଂଗ୍ରାମୀ ମାନଙ୍କ ଭୂମିକା ସଂପର୍କରେ ଅବଗତ କରିଥିଲେ। ଏହି ଜନଜାତି ଗୌରବ ଦିବସ ସେହି ସଂଗ୍ରାମୀମାନଙ୍କ ସମ୍ମାନ ଅର୍ଥେ ପାଳନ କରାଯାଉଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ଜନଜାତି କଲ୍ୟାଣ ନିମନ୍ତେ ଛାତ୍ରାବାସ, ଶିକ୍ଷାନୁଷ୍ଠନ ଶିଳାନ୍ୟାସ ଏବଂ ବିଭିନ୍ନ ଜନ କଲ୍ୟାଣ ଯୋଜନା ଘୋଷଣା କରିଥିଲେ। ପରେ ପରେ ଜିଲ୍ଲା ସ୍ତରୀୟ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ସମେତ ଅନ୍ୟାନ୍ୟ ବରେଣ୍ୟ ଅତିଥି ଗଣ ସରକାରଙ୍କ ତରଫରୁ ଜନଜାତି ବର୍ଗର ଯୋଗ୍ୟ ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା ବଣ୍ଟନ କରାଯାଇଥିଲା। ଶେଷରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ମଙ୍ଗଳ ଅଧିକାରୀ ଦେବାଶିଷ ସ୍ୱାଇଁ ସମାବେଶ ସଫଳତା ନିମନ୍ତେ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଜନଜାତି ଗୌରବ ଦିବସ ବା ଧରତୀ ଆବା ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ ତମ ସମାରୋହରେ ନୀଳଗିରିର ବିଭିନ୍ନ ପ୍ରାନ୍ତରୁ ବିଭିନ୍ନ ଜନଜାତି ସମ୍ପ୍ରଦାୟର ଭାଇ ଭଉଣୀ ଯୋଗ ଦେଇଥିଲେ।

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା** CAD-2322
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧ ୦୦୧
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ : (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org.
ପତ୍ର ସଂଖ୍ୟା : ୧୭୦ ତା.୨୪.୦୯.୨୦୨୫
**ବିଜ୍ଞାପନ**
ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ-ବିଇ-୧୬ (BE-16), ବାସନ୍ତୀ ହାଉସିଂ ସ୍କିମ୍, ରାଉରକେଲା ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀମତୀ ରଜନୀ ରାଣୀ ସାହୁ, ସ୍ୱାମୀ-ଶ୍ରୀ ରବିନାରାୟଣ ସାହୁ, ସା-ଘୋଲେପୁର, ପୋ-ଘୋଲେପୁର, ଥାନା-ବାଙ୍କି, ଜିଲ୍ଲା-କଟକଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀମତୀ ରଜନୀ ରାଣୀ ସାହୁ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ନରେନ୍ଦ୍ର କୁମାର ସାହୁ, ପିତା-୰ ବାଉରୀବନ୍ଧୁ ସାହୁ, ସା-ଅଗରସ୍ୱସାନ, ପୋ-ଅମରେସ୍ୱର, ଥାନା-ନିମାପଡା, ଜିଲ୍ଲା-ପୁରୀଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।
ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି / ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ।
ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୧୩୪୫ କୋଟିର...

ନେତୃତ୍ୱ ନେଇଥିଲେ। ବ୍ରିଟିଶ୍ ଶାସନ ଓ ସ୍ଥାନୀୟ ଜମିଦାରଙ୍କ ଶୋଷଣ ଓ ଅତ୍ୟାଚାରରେ ନିଷ୍ପେଷିତ ଲୋକମାନଙ୍କ ସାମାଜିକ ଓ ଆର୍ଥିକ ଅଧିକାର ପାଇଁ ଲଢେଇ ଜାରି ରଖିଥିଲେ। ବିର୍ସା ମୁଣ୍ଡାଙ୍କ ବିଦ୍ରୋହ ଝାଡଖଣ୍ଡ, ଓଡିଶା, ବିହାର, ପଶ୍ଚିମ ବଙ୍ଗ ଏବଂ ମଧ୍ୟପ୍ରଦେଶ ପର୍ଯ୍ୟନ୍ତ ବ୍ୟାପୀ ଏକ ବିରାଟ ଆଦିବାସୀ ଆନ୍ଦୋଳନର ରୂପ ନେଇଥିଲା। ସେ ପୁଣି କହିଥିଲେ, ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରେରଣାଦାୟୀ ଉଦ୍ୟମରେ ଆଜି ମହାନ୍ ଜନଜାତି ନାୟକ ଭଗବାନ ବିର୍ସା ମୁଣ୍ଡାଙ୍କ ଜନ୍ମ ଦିବସକୁ ସାରା ଦେଶରେ ଜନଜାତି ଗୌରବ ଦିବସ ଭାବେ ପାଳନ କରାଯାଉଛି। ଏହି ଉତ୍ସବ ଭଗବାନ ବିର୍ସା ମୁଣ୍ଡାଙ୍କ ବୀରତ୍ୱ, ତ୍ୟାଗ ଓ ସାହସ ନିମନ୍ତେ ଉତ୍ସର୍ଗୀକୃତ। ସେ ଆହୁରି କହିଥିଲେ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନୀତି ହେଉଛି ସବ୍‌କା ସାଥ୍ ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ଓ ସବ୍‌କା ପ୍ରୟାସ । ଜନଜାତି ସମ୍ପ୍ରଦାୟଙ୍କ ସଶକ୍ତିକରଣ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅନେକ ଯୁଗାନ୍ତକାରୀ ପଦକ୍ଷପ ଗ୍ରହଣ କରିଛନ୍ତି। ପିଏମ୍ ଜନ୍‌ମନ୍ ଯୋଜନା, ଧରତୀ ଆବା ଜନଭାଗିଦାରୀ ଅଭିଯାନ, ଆଦିକର୍ମ ଯୋଗୀ ଅଭିଯାନ ଭଳି ବିଭିନ୍ନ ଯୋଜନା ମାଧ୍ୟମରେ ଜନଜାତି ବର୍ଗଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାର ଉଦ୍ୟମ ଜାରିରହିଛି। ମୁଖ୍ୟମନ୍ତ୍ରୀ କହିଥିଲେ, ଜନଜାତି ସମ୍ପ୍ରଦାୟଙ୍କ ସର୍ବାଙ୍ଗୀନ ବିକାଶ ଲାଗି ରାଜ୍ୟ ସରକାର ଅନେକ ପଦକ୍ଷପ ଗ୍ରହଣ କରିଛନ୍ତି। ଜଙ୍ଗଲ ଜମି ଅଧିକାର ପ୍ରଦାନ ବଳରେ ସେମାନଙ୍କୁ ସଶକ୍ତ କରାଯାଉଛି। ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ମାଧ୍ୟମରେ ଜନଜାତି ପରିବାର ଗୁଡିକୁ ଜୀବନ ଜୀବିକାରେ ସହାୟତା ପ୍ରଦାନ କରି ସେମାନଙ୍କୁ ସଶକ୍ତ କରାଯାଉଛି। ଜନଜାତି ଛାତ୍ରଛାତ୍ରୀଙ୍କ ସ୍କୁଲ ଡ୍ରପଆଉଟ୍ ହାର ରୋକିବା ପାଇଁ ଶହୀଦ ମାଧୋ ସିଂ ହାତଖର୍ଚ୍ଚ ଯୋଜନାରେ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ମୋଦୀଙ୍କ ନେତୃତ୍ୱରେ ଜନଜାତି ସଶକ୍ତିକରଣର ସବୁଠାରୁ ବଡ ଉଦାହରଣ ହେଉଛନ୍ତି ଦେଶର ମହାମହିମ ରାଷ୍ଟ୍ରପତି ଓ ସେ ନିଜେ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଓଡିଶା ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ ପ୍ରମୁଖ ଉପସ୍ଥିତ ଥିଲେ। ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର କମିଶନର ତଥା ଶାସନ ସଚିବ ବି. ପରମେଶ୍ୱରନ୍ ସ୍ୱାଗତ ଭାଷଣ ଦେଇଥିଲେ। ଜିଲ୍ଲାପାଳ ସୁନ୍ଦରଗଡ ଡ. ଶୁଭଙ୍କର ମହାପାତ୍ର, ରାଉରକେଲା ମୁନିସପାଲ କମିଶନର ଅମ୍ରିତପାଲ କୌର ଉପସ୍ଥିତ ଥିଲେ।

## ପ୍ରକାଶ ପାଇଲା...

କୃତକାର୍ଯ୍ୟ ହୋଇଥିବା ବେଳେ ପାସ୍ ହାର ୪୭.୧୭ପ୍ରତିଶତ ରହିଛି । ସେହିପରି ପେପର-୨ରେ ୩୫ହଜାର ୧୬୫ କୃତକାର୍ଯ୍ୟ ହୋଇଛନ୍ତି। ପାସ୍ ହାର ୭୮.୩୫ପ୍ରତିଶତ ରହିଛି । ମୋଟ ୪୮ହଜାର ୧୫୩ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ୬୬.୫୦ପ୍ରତିଶତ ପାସ ରହିଥିବା ବିଏସଇ ପକ୍ଷରୁ ସୂଚନା ଦିଆଯାଇଛି । ପରୀକ୍ଷାର୍ଥୀ ମାନେ www.bseodisha.ac.inରେ ଫଳାଫଳ ଦେଖିପାରିବେ ।

## ଦୁର୍ଘଟଣାରେ ମୃତକଙ୍କ...

ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ତାଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଏଥିସହ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି।

## ଦିଲ୍ଲୀ ବିସ୍ଫୋରଣରେ...

ମାମଲା ରୁଜୁ ହେବା ପରେ ଜାତୀୟ ମେଡିକାଲ କମିଶନ ଶୁକ୍ରବାର ଦିନ ମୁଜାଫର ଅହମ୍ମଦ, ଡାକ୍ତର ଆଦିଲ୍ ଅହମ୍ମଦ ରାଠର, ଡାକ୍ତର ମୁଜାମ୍ମିଲ ସକିଲ୍ ଏବଂ ଡାକ୍ତର ଶାହିନ ସଇଦଙ୍କ ନାଁ କାଟି ଦିଆଯାଇଛି । କମିଶନଙ୍କ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଏହି ଡାକ୍ତରମାନେ ନା ଅଭ୍ୟାସ କରିପାରିବେ ନା କୌଣସି ରୋଗୀଙ୍କ ଚିକିତ୍ସା କରିପାରିବେ । ଦିଲ୍ଲୀ ବୋମା ବିସ୍ଫୋରଣରେ ସମ୍ପୃକ୍ତ ଏହି ଆତଙ୍କବାଦୀ ଡାକ୍ତରମାନେ କୋର୍ଟ ଦ୍ୱାରା ଦୋଷୀ ସାବ୍ୟସ୍ତ ହେବା ପରେ ପୁଣି ଥରେ ଡାକ୍ତର ହୋଇପାରିବେ ।

## ୧୯ରେ ମିଳିବ...

କରାଯାଉଛି। ୨୦୧୯ ଫେବୃଆରୀ ୨୪ରେ ଆରମ୍ଭ ହୋଇଥିବା ଏହି ଯୋଜନାରେ ବର୍ତ୍ତମାନ ସୁଦ୍ଧା ୩.୭୦ ଲକ୍ଷ କୋଟି ଟଙ୍କା ପ୍ରଦାନ କରାଯାଇସାରିଲାଣି।

## ୨ ଦୁର୍ଦ୍ଧାନ୍ତ ସମେତ...

ସଦସ୍ୟ କୋୟାଦି ସମ୍ଭାୟା ଓରଫ ଆଜାଦ୍ ଏବଂ ଅନ୍ୟ ଜଣେ ହେଲେ ମାଓ ସଂଗଠନର ଟେକନିକାଲ୍ ଟିମ୍‌ର ସଦସ୍ୟ ଆପ୍ପାସ ନାରାୟଣ ଓରଫ ରମେଶ। ଏହି ଦୁଇ ନକ୍ସଲ ଗତ ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ମାଓ ସଂଗଠନରେ କାମ କରୁଥିଲେ। ଆଜାଦ୍ ଏବଂ ତେଲେଙ୍ଗାନା ଏରିଆ କମିଟିର ସଚିବ ଦାମୋଦର ମଧ୍ୟରେ ରହିଥିବା ଅନ୍ତର୍ଦ୍ୱନ୍ଦ୍ୱ ହିଁ ଆତ୍ମସମର୍ପଣ କରିବାକୁ ସେମାନଙ୍କୁ ବାଧ୍ୟ କରିଥିଲା।

## ଦାରିଙ୍ଗବାଡ଼ି ...

ଶନିବାର ଖୋଲିଥିବାରୁ ପଶ୍ଚିମବଙ୍ଗରୁ ପ୍ରାୟ ୩୦ ପର୍ଯ୍ୟଟକ ଇକୋ ରିଟ୍ରିଟ୍‌ରେ ରାତ୍ରିଯାପନ କରିଛନ୍ତି। ଏଥିସହ ଦାରିଙ୍ଗବାଡ଼ିର ମଜା ନେଉଛନ୍ତି। ସେହିପରି ଅନ୍ୟ ହୋଟେଲ ଗୁଡ଼ିକରେ ମଧ୍ୟ ରାଜ୍ୟ ଏବଂ ରାଜ୍ୟ ବାହାରୁ ବହୁ ପର୍ଯ୍ୟଟକ ଦାରିଙ୍ଗବାଡ଼ିରେ ରହି ଶୀତର ମଜା ନେଉଛନ୍ତି। ମିଳିଥିବା ସୂଚନାନୁଯାୟୀ, ଫୁଲବାଣୀ ସହରରେ ୯.୫ ଡିଗ୍ରୀ ତାପମାତ୍ରା ରହିଛି।

## ନୂଆପଡ଼ାର ନୂଆ ...

ବିଧାୟକ ଓ ମୁଁ ତାଙ୍କ ସହିତ ବ୍ୟକ୍ତିଗତ ସମ୍ପର୍କରେ ଥିଲି । ରାଜନୀତି ଓ ବ୍ୟକ୍ତିଗତ ସମ୍ପର୍କର ସବୁବେଳେ ଭିନ୍ନ । ନୂଆପଡ଼ାବାସୀଙ୍କୁ ଆମେ ଅନେକ ପ୍ରକଳ୍ପ ଭେଟି ଦେଇଛୁ । ଆମ ଦଳରେ ପ୍ରତିଟି ବ୍ୟକ୍ତି ସ୍ୱାଧୀନ ଭାବେ କାମ କରୁଛନ୍ତି । କିନ୍ତୁ ସ୍ୱର୍ଗତ ରାଜୁ ଢୋଲକିଆ ବିଜେଡିରେ ଥିବା ବେଳେ ନୂଆପଡ଼ାବାସୀଙ୍କ ଅସୁବିଧାକୁ ତାଙ୍କ ମୁଖ୍ୟମନ୍ତ୍ରୀଙ୍କୁ କହିପାରୁନଥିଲେ । ଆଜି ସେ କାର୍ଯ୍ୟ ପୂରଣ କରିବାକୁ ତାଙ୍କ ପୁଅ ଜୟ ଅଣ୍ଟା ଭିଡିଛନ୍ତି । ଆମ ଦଳ ସେ ସୁଯୋଗ ଦେବ । ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବିଜେପି ରାଜ୍ୟ ସଭାପତିଙ୍କ ସମେତ ମନ୍ତ୍ରୀ, ବିଧାୟକ ଓ ନେତୃମଣ୍ଡଳୀ ଉପସ୍ଥିତ ଥିଲେ।

# ଶହୀଦ ବିର୍ସା ମୁଣ୍ଡାଙ୍କ ଜୟନ୍ତୀରେ ଶ୍ରଦ୍ଧାଂଜଳି ଜ୍ଞାପନ କଲେ ନବୀନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଶହୀଦ ବିର୍ସା ମୁଣ୍ଡାଙ୍କ ଜୟନ୍ତୀରେ ତାଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଏନେଇ ସୋସିଆଲ ମିଡିଆ ଏକ୍ସରେ ନବୀନ କହିଛନ୍ତି ଯେ, ବିପ୍ଳବୀ ସ୍ୱାଧୀନତା ସଂଗ୍ରାମୀ ତଥା ଜନନାୟକ ଶହୀଦ ବିର୍ସା ମୁଣ୍ଡାଙ୍କ ଜୟନ୍ତୀରେ ମୋର ଶ୍ରଦ୍ଧାଞ୍ଜଳି ଜଣାଉଛି। ମାଟି ମା'ର ସେବାରେ ତାଙ୍କ ତ୍ୟାଗ ଅମୂଲ୍ୟ। ଆଦିବାସୀଙ୍କ ସ୍ୱାର୍ଥ ସୁରକ୍ଷାଠୁ ନେଇ ସ୍ୱାଭିମାନର ଲଢ଼େଇରେ ସେ ଚିର ଆଦର୍ଶ। ସେହିପରି ହ୍ୟୁମାନ ସାଗରଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଏନେଇ ସୋସିଆଲ ମିଡିଆ ଏକ୍ସରେ ନବୀନ କହିଛନ୍ତି ଯେ, ପ୍ରସିଦ୍ଧ ଗାୟକ ହ୍ୟୁମାନ ସାଗର ହସ୍ପିଟାଲରେ ଭର୍ତ୍ତି ହୋଇଥିବା ବୋଲି ଶୁଣି ଚିନ୍ତିତ । ତାଙ୍କର ଶୀଘ୍ର ଏବଂ ସଂପୂର୍ଣ୍ଣ ସୁସ୍ଥତା ପାଇଁ ପ୍ରାର୍ଥନା କରୁଛି।

E-Mail ID-rwd.padampur@yahoo.co.in
Ph. No. 9437255440
O-1452

**Government of Odisha "e" Procurement Notice**
**Bid Identification No: Online- 14-OF 2025-26**

| | |
|---|---|
| 1. Name of the work | : Building and Road works (As per Annexure-'A') |
| 2. Amount put to Bid Excluding GST | : As per Annexure-'A' |
| 3. Class of contractor | : "D" "C" & "B" |
| 5. Date & Time of availability of bid document in the portal | : From Dt. 18.11.2025 at 10.00 A.M. |
| 6. Last date & Time for receipt of bids in the portal | : Dt. 27.11.2025up to 05:00 P.M. |
| 7. Last date of seeking clarification | : Dt. 26.11.2025 up to 5.00 P.M |
| 8. Date & Time of technical bid opening | : Dt. 28.11.2025 at 11.00 A.M. |
| 10. Name and address of the Officer Inviting Bid | : Executive Engineer, R.W.Division, Padampur, At/Po-Padampur, Dist-Bargarh, Pin- 768036 |

(1) Other details can be seen from **DTCN** available in website www.tendersodisha.gov.in
(2) Corrigendum if any shall only be published in the above website

**Executive Engineer,**
**Rural Works Division, Padampur**

**Government of Odisha**
**e-Procurement Notice**
E.Mail-rw boudh@yahoo.co.in
O-1410
**Bid Identification No. Online tender/07/S.E.RW BOUDH/2025-26**
**NATIONAL COMPETITIVE BIDDING THROUGH e-procurement**

Name of the work: - Building works - **62 Nos**
1. Estimated cost: - Rs. 1.68 to 2.61 lakh (approximately)
2. Period of completion:-01(One) calendar Month
3. Date & Time of availability of Bid documents in the portal:- From 17.11.2025, 10.00AM to 27.11.2025, 5.00 PM
4. Last date/Time for receipt of bids in the portal: - 27.11.2025 up to 5.00 PM
5. Last date/Time for seeking of Tender clarification: - 26.11.2025 up to 5.00 PM
6. Date & Time of opening of Tender / Bid: -28.11.2025 at 11.00 AM
7. Name & Address of the officer inviting Bid: - Executive Engineer, R.W Division, Boudh.

**Further details, corrigendum(s) etc can be seen from the e-procurement portal "Https://www.tendersorissa.gov.in"**

**Executive Engineer**
**R.W. Division, Boudh**

ଭୁବନେଶ୍ୱର
୧୬ ନଭେମ୍ବର, ରବିବାର, ୨୦୨୫
RNI Regd. No. : 52640/94
Postal Regd. No. : BN/60/25-27

## ଶ୍ରୀମନ୍ଦିରକୁ ବିପଦ ବେଆଇନ ଲଜ୍ ଓ ହୋମ୍ ଷ୍ଟେ

# ନାହିଁ ଟ୍ରେଡ ଲାଇସେନ୍ସ, ଭୟଙ୍କର ଅଘଟଣ ଆଶଙ୍କା

**ପୁରୀ, ୧୫/୧୧ନ୍ୟୁଜ ବ୍ୟୁରୋ**

ଦିଲ୍ଲୀ ଲାଲକିଲ୍ଲା ନିକଟ ଆତଙ୍କବାଦୀ ବିସ୍ଫୋରଣ ପରେ ଏବେ ସାରା ଦେଶରେ ହାଇ ଆଲର୍ଟ। ପର୍ଯ୍ୟଟନ ସହର ପୁରୀକୁ ପ୍ରତିଦିନ ହଜାର ହଜାର ଲୋକଙ୍କ ଆଗମନ ହେଉଥିବାରୁ ଆତଙ୍କବାଦ କାର୍ଯ୍ୟକଳାପ ଆଶଙ୍କାକୁ ଦୃଷ୍ଟିରେ ରଖାଯାଇ ଶ୍ରୀମନ୍ଦିର ସମେତ ସମଗ୍ର ପୁରୀ ଜିଲ୍ଲାରେ ହାଇ ଆଲର୍ଟ ଜାରି କରାଯାଇଛି । ସବୁ ଆଡ଼େ ପୋଲିସ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ହେଲେ ବର୍ତ୍ତମାନ ସ୍ଥିତିରେ ଶ୍ରୀମନ୍ଦିର ଓ ପୁରୀ ସହର ପାଇଁ ବଡ ବିପଦ ହେଉଛି ବେଆଇନ ଲଜିଂ। ଶ୍ରୀମନ୍ଦିର ଚାରିପାଖରେ ଥିବା ସାହି ଗୁଡ଼ିକରେ ଛତୁ ଫୁଟିଲା ଭଳି ବେଆଇନ ଲଜିଂ ତଥା ହୋମ୍ ଷ୍ଟେ ରହିଛି । ଏହି ଲଜିଂ ତଥା ହୋମ୍ ଷ୍ଟେ ଗୁଡ଼ିକର ପୁରୀ ପୌରପଳିକା ପ୍ରଦାନ କରୁଥିବା ଟ୍ରେଡ୍ ଲାଇସେନ୍ସ ନାହିଁ । ବେଆଇନ ଭାବେ ଖୁଲମ ଖୁଲା ଯାତ୍ରୀଙ୍କୁ ଲଜିଂରେ ରଖାଯାଉଛି। ରହୁଥିବା ଯାତ୍ରୀଙ୍କ ଠାରୁ କୌଣସି ପରିଚୟ ପତ୍ର ରଖାଯାଉନାହିଁ। କେଉଁ ଯାତ୍ରୀ କେଉଁ ସ୍ଥାନରୁ ଆସିଛନ୍ତି କୌଣସି ସୂଚନା ରଖାଯାଉନାହିଁ। ଯାହାକି ଶ୍ରୀମନ୍ଦିର ସମେତ ପୁରୀ ସହର ପାଇଁ ବଡ ବିପଦ ସୃଷ୍ଟି କରୁଛି ବୋଲି ଅଭିଯୋଗ ହୋଇଛି ।

ପୁରୀ ଏସ୍‌ପି ପ୍ରତୀକ ସିଂ ନିଜ ପ୍ରତିକ୍ରିୟାରେ କୁହନ୍ତି, 'ପୁରୀରେ ଥିବା ସବୁ ହୋଟେଲ, ଲଜ ମାଲିକଙ୍କ ସହ ଆମର ବୈଠକ ହୋଇଛି । ଯାହା ନିୟମ



ରହିଛି ତାହା ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ରହୁଥିବା ଯାତ୍ରୀଙ୍କ ସମ୍ପୂର୍ଣ୍ଣ ଠିକଣା ଓ ପରିଚୟ ଦେଇ ରଖିବା ପାଇଁ କୁହାଯାଇଛି। କୌଣସି ସନ୍ଦିଗ୍ଧ ବ୍ୟକ୍ତି ନଜରକୁ ଆସିଲେ ପୋଲିସକୁ ଖବର ଦେବାକୁ କୁହାଯାଇଛି । ମଝିରେ ଥିବା ଆମ ପୋଲିସ ଟିମ୍ ମଧ୍ୟ ସରପ୍ରାଏଜ୍ ଭିଜିଟ କରି ଚେକ୍ କରୁଛନ୍ତି। ତେବେ ବିନା ପଞ୍ଜୀକରଣରେ ହୋଇଥିବା ଲଜ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ହୋମ ଷ୍ଟେ ଓ ଲଜ୍‌କୁ ନେଇ ଏକ ନୂଆ ଏସଓପି ଆଣିବାକୁ ଚିନ୍ତା କରାଯାଉଛି । ଏନେଇ ଖୁବ୍ ଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ଏସ୍‌ପି କହିଛନ୍ତି।

# ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗର ପ୍ୟାଭିଲିୟନ ଉଦ୍‌ଘାଟିତ

**ନୂଆଦିଲ୍ଲୀ, ୧୫/୧୧**

କେନ୍ଦ୍ରୀୟ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ରାଷ୍ଟ୍ରମନ୍ତ୍ରୀ ଜିତିନ ପ୍ରସାଦ ଶନିବାର ୪୪ତମ ଇଣ୍ଡିଆ ଇଣ୍ଟରନ୍ୟାସନାଲ ଟ୍ରେଡ୍ ଫେୟାରରେ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗର ପ୍ୟାଭିଲିୟନ ଉଦ୍‌ଘାଟନ କରିଛନ୍ତି। ଭାରତ ମଣ୍ଡପ ସ୍ଥିତ ଏହି ପ୍ୟାଭିଲିୟନରେ ବିପୁଳ ସଂଖ୍ୟକ ଲୋକ ଆସିଛନ୍ତି ଏବଂ ଡିଜିଟାଲ୍ ଇଣ୍ଡିଆରୁ ଆରମ୍ଭ କରି କୃତ୍ରିମ ବୁଦ୍ଧିମତ୍ତା ପର୍ଯ୍ୟନ୍ତ ଅନେକ ନୂତନ ଅଭିଜ୍ଞତା ଦେଖିଛନ୍ତି। ମନ୍ତ୍ରଣାଳୟ ଅନୁସାରେ, ପ୍ୟାଭିଲିୟନକୁ ତିନୋଟି ଭାଗରେ ପ୍ରସ୍ତୁତ କରାଯାଇଛି: ଡିଜିଟାଲ୍ ଇଣ୍ଡିଆ, ଇଣ୍ଡିଆ ଏଆଇ ଏବଂ ମାଇଗଭ୍ ଜୋନ୍, ଯେଉଁମାନେ ଭାରତର ଡିଜିଟାଲ୍ କ୍ଷମତା ଏବଂ ଏଆଇର ସୁରକ୍ଷିତ ଓ ଲାଭଦାୟକ ବ୍ୟବହାରର ଛବି ଦେଖାଉଛନ୍ତି। ସବୁଠାରୁ ବଡ଼ ଆକର୍ଷଣ 'ଇଣ୍ଡିଆ ଏଆଇ ଜୋନ୍' ଅଟେ। ଏହି ଜୋନ୍ ୨୦୨୬ରେ ହେବାକୁ ଥିବା 'ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍' ର ତୟାରିର ଅଂଶ ଅଟେ ଏବଂ ଏଥିରେ ଭାରତର କାର୍ଯ୍ୟରୁ ପ୍ରଭାବ ପର୍ଯ୍ୟନ୍ତର ଯାତ୍ରାକୁ ଦେଖାଯାଇଛି। ମନ୍ତ୍ରୀ ଜିତିନ ପ୍ରସାଦ ଏଆଇ ମିଶନ୍‌ର ଅନୁଭବ କ୍ଷେତ୍ରର ଦର୍ଶନ କରିଥିଲେ ଏବଂ ଇଣ୍ଟରଏକ୍ଟିଭ୍ ସ୍କ୍ରିନ୍ ମାଧ୍ୟମରେ ଏଆଇ କୋଷ, ବାସ୍ତବିକ ଏଆଇ ଅନୁପ୍ରୟୋଗ, ଭବିଷ୍ୟତ୍ କୌଶଳ, ଷ୍ଟାର୍ଟଅପ୍, କମ୍ପ୍ୟୁଟ୍ କ୍ଷମତା ଏବଂ ସୁରକ୍ଷିତ ଏଆଇପରି ମୁଖ୍ୟ ପଦକ୍ଷେପଗୁଡିକୁ ଦେଖିଛନ୍ତି। ସେ ଯୁବକ ଏବଂ ଇଣ୍ଡିଆ ଏଆଇ ଟିମ୍ ସହିତ ଆଲୋଚନା କରି ସେମାନଙ୍କୁ ନବୀନତା ଜାରି ରଖିବାକୁ ଉତ୍ସାହିତ କରିଛନ୍ତି । ପ୍ୟାଭିଲିୟନରେ 'ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍ ୨୦୨୬' ସହ ସମ୍ବନ୍ଧିତ ଅନେକ ମୁଖ୍ୟ ପଦକ୍ଷେପ ମଧ୍ୟ ପ୍ରଦର୍ଶିତ କରାଯାଇଛି।

## ଜୟନ୍ତୀ ଅବସରରେ ଶହୀଦ ବିର୍ସା ମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି

# ଭବିଷ୍ୟତ ପିଢ଼ିଙ୍କ ନିମନ୍ତେ ଆଲୋକବର୍ତ୍ତିକା ପାଲଟିଛନ୍ତି ବିର୍ସା

**ଭୁବନେଶ୍ୱର, ୧୫/୧୧**
**ନ୍ୟୁଜ ବ୍ୟୁରୋ**



ଊନବିଂଶ ଶତାବ୍ଦୀର ଶେଷଭାଗରେ ଭାରତର ପୂର୍ବାଞ୍ଚଳ ଘଞ୍ଚ ଜଙ୍ଗଲ ମଧ୍ୟରେ ଯେଉଁ ବିପ୍ଳବର ସ୍ୱର ଝଙ୍କୃତ ହୋଇଥିଲା ତାହା ହିଁ ଥିଲା ବ୍ରିଟିଶ ରାଜ ପ୍ରତିଷ୍ଠା ବିରୁଦ୍ଧରେ ପ୍ରତିବାଦର ସ୍ୱର। ଏହି ଆନ୍ଦୋଳନର ମୁଖ୍ୟ ସୂତ୍ରଧର ମହାନ ବିପ୍ଳବୀ ବିର୍ସା ମୁଣ୍ଡା ୧୮୭୫ ମସିହା ନଭେମ୍ବର ୧୫ ତାରିଖ ଦିନ ଜନ୍ମ ଗ୍ରହଣ କରିଥିଲେ। ବ୍ରିଟିଶ ଶାସନର ଦାସତ୍ୱରୁ ମୁକ୍ତି ପାଇବା ନିମନ୍ତେ ବିପ୍ଳବୀ ବିର୍ସା ମୁଣ୍ଡାମାନଙ୍କୁ ସଂଗଠିତ କରିବା ନିମନ୍ତେ କାର୍ଯ୍ୟ ଆରମ୍ଭ କଲେ । ସେତେବେଳେ ଜାଗିରିଦାର, ଜମିଦାର ଓ ଠିକାଦାରମାନେ ମୁଣ୍ଡା ତଥା ଆଦିବାସୀମାନଙ୍କ ଉପରେ ଅତ୍ୟାଚାର କରିବା ସହିତ ବିଭିନ୍ନ ଭାବରେ ଶୋଷଣ କରୁଥିଲେ ଏବଂ ଭୟଭୀତ କରି ରଖିଥିଲେ। ଏହିଭଳି ଏକ ସନ୍ଧିକ୍ଷଣରେ ମହାନ ବିପ୍ଳବୀ ତଥା ସ୍ୱାଧୀନଚେତା ବିର୍ସା ମୁଣ୍ଡାଙ୍କର ଆବିର୍ଭାବ ଘଟିଥିଲା। ସେ ମୁଣ୍ଡା ସମ୍ପ୍ରଦାୟର ନେତୃତ୍ୱ ନେବା ସଙ୍ଗେ ସଙ୍ଗେ ବ୍ରିଟିଶ ଶାସନର ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ସଂଗ୍ରାମ କରିବାକୁ ସେମାନଙ୍କୁ ପ୍ରବର୍ତ୍ତାଇ ଥିଲେ। ବିର୍ସା ମୁଣ୍ଡା ମାତ୍ର ୨୫ ବର୍ଷ ବୟସରେ ଶହୀଦ ହୋଇଥିଲେ। ବିର୍ସାଙ୍କ ସହ ହାତ ମିଳାଇ ଦେଶ ପାଇଁ ହଜାର ହଜାର ସଂଖ୍ୟକ ସଂଗ୍ରାମୀ ମୃତ୍ୟୁବରଣ କରିଥିଲେ । ଆଜି ବିର୍ସାଙ୍କୁ ସମ୍ମାନ କରାଯାଉଛି ଏବଂ ସେ 'ବିର୍ସା ଭଗବାନ' ଭାବେ ଓଡ଼ିଶା ଏବଂ ବିଭିନ୍ନ ରାଜ୍ୟରେ ଆଦିବାସୀ ସମ୍ପ୍ରଦାୟଙ୍କ ମଧ୍ୟରେ ପୂଜା ପାଉଛନ୍ତି। ଆମେ ଭାରତୀୟମାନେ ଗର୍ବିତ ଯେ ଆମ ମାତୃଭୂମିରେ ଏପରି ଜଣେ ତେଜସ୍ୱୀ ବୀର ସନ୍ତାନ ଭୂମିଷ୍ଠ ହୋଇଥିଲେ।

ଗୋତି ତଥା କ୍ରୀତଦାସ ପ୍ରଥା ବିରୁଦ୍ଧରେ ଜଣେ ଯୋଦ୍ଧା ଭାବେ ଅଦମ୍ୟ ସାହସ ଓ ପ୍ରଶଂସନୀୟ ଉତ୍ସାହର ମୂର୍ତ୍ତିମନ୍ତ ପ୍ରତୀକ ଭାବେ ବିର୍ସା ଗଣା ହୁଅନ୍ତି । ଆଜି ସେ ଆଦିବାସୀମାନଙ୍କ ନିମନ୍ତେ ଗୌରବମୟ ପରିଚିତ ଓ ଭବିଷ୍ୟତ ପିଢ଼ିଙ୍କ ନିମନ୍ତେ ଆଲୋକବର୍ତ୍ତିକା। ଏହି ପରିପ୍ରେକ୍ଷୀରେ ଶନିବାର ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଶହୀଦ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ଓଡ଼ିଶା ବିଧାନସୌଧ ସମ୍ମୁଖରେ ଥିବା ଶହୀଦଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ବିଧାୟକ ବାବୁ ସିଂ, ଇରାଶିଷ ଆଚାର୍ଯ୍ୟ, ହିମାଂଶୁ ଶେଖର ସାହୁ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ବିଧାସଭାର ସଚିବ ସତ୍ୟବ୍ରତ ରାଉତ, ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

# ଗ୍ଲୋବାଲ୍ ସିକ୍ୟୁରିଟି ଇନ୍‌ଷ୍ଟିଚ୍ୟୁଟ୍‌ର ମୁଖ୍ୟ ଜୋନାଥନ ଗ୍ରାନଫ୍‌ଙ୍କୁ କିସ୍ ଜୀବନବ୍ୟାପୀ ସାଧନା ପୁରସ୍କାର

**ଭୁବନେଶ୍ୱର, ୧୫ ।୧୧**
**ନ୍ୟୁଜ ବ୍ୟୁରୋ**



ବିଶ୍ୱ ଶାନ୍ତି, ପରମାଣୁ ନିରସ୍ତ୍ରୀକରଣ ଓ ଆଇନର ଶାସନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଗ୍ଲୋବାଲ୍ ସିକ୍ୟୁରିଟି ଇନ୍‌ଷ୍ଟିଚ୍ୟୁଟ୍‌ର ସଭାପତି ଜୋନାଥନ୍ ଗ୍ରାନଫ୍‌ଙ୍କୁ ଶନିବାର କିସ୍ ଜୀବନବ୍ୟାପୀ ସାଧନା ପୁରସ୍କାର ପ୍ରଦାନ କରାଯାଇଛି। କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ତାଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ। ଗ୍ରାନଫ୍ ହେଉଛନ୍ତି ଜଣେ ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଆଇନଜ୍ଞ ଏବଂ ସେ ଦୀର୍ଘ ଦଶନ୍ଧୀ ଧରି ପରମାଣୁ ନିରସ୍ତ୍ରୀକରଣ ସପକ୍ଷରେ ବିଶ୍ୱବ୍ୟାପୀ ଅଭିଯାନ ଚଳାଇ ଆସୁଛନ୍ତି। ଏ ନେଇ ସେ ଆମେରିକା ସଂସଦ, ବ୍ରିଟେନ୍ ସଂସଦ ଓ କାନାଡ଼ା ସଂସଦରେ ନିଜର ଯୁକ୍ତି ଉପସ୍ଥାପନ କରିଛନ୍ତି। ଗ୍ରାନଫ୍ ନୋବେଲ୍ ଶାନ୍ତି ପୁରସ୍କାର ବିଜେତାଙ୍କ ବିଶ୍ୱ ସମ୍ମିଳନୀର ବରିଷ୍ଠ ପରାମର୍ଶଦାତା ଭାବେ କାମ କରିବା ସହ ଅନେକ ଆନ୍ତର୍ଜାତିକ ବୋର୍ଡରେ ବିଭିନ୍ନ ପଦବୀରେ ରହିଛନ୍ତି। ଆଇନ୍ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସକାଶେ ତାଙ୍କୁ ଆମେରିକା ବାର୍ ଆସୋସିଏସନ୍ ୨୦୨୦ରେ ଜୀବନ ବ୍ୟାପୀ ସାଧନା ସମ୍ମାନରେ ସମ୍ମାନିତ କରିଥିଲେ। ଏହି ସମ୍ମାନ ଗ୍ରହଣ କରି ଗ୍ରାନଫ୍ କିସ୍‌ର ଉଚ୍ଚ ପ୍ରଶଂସା କରିଥିଲେ। ସେ ତାଙ୍କ ଅଭିଭାଷଣରେ କିସ୍‌କୁ ଶିକ୍ଷା ଓ ଶୃଙ୍ଖଳା କ୍ଷେତ୍ରରେ ଏକ ଅସାଧାରଣ ଅନୁଷ୍ଠାନ ଭାବେ ଅଭିହିତ କରିଥିଲେ। ସେ କହିଲେ, ସେ ସାରା ଜୀବନ ବିବେକ ସହ ସମନ୍ୱୟ ରଖି ବଞ୍ଚିବାକୁ ଚେଷ୍ଟା କରିଆସିଛନ୍ତି । ଜନଜାତି ସମ୍ପ୍ରଦାୟର ପିଲାମାନେ ସେମାନଙ୍କ ଭବିଷ୍ୟତ ଗଠନ ପାଇଁ କିସ୍ ଓ କିଟ୍ ପ୍ରତି କୃତଜ୍ଞ ରହିବାକୁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଗ୍ରାନଫ୍ ତାଙ୍କ ଭାଷଣରେ ଡ. ଅଚ୍ୟୁତ ସାମନ୍ତଙ୍କ ପରିଚାଳିତ ଆର୍ଟ ଅଫ୍ ଗିଭିଂ ସମ୍ପର୍କରେ ଉଲ୍ଲେଖ କରି କହିଲେ, ଏହା ହେଉଛି ଦୟା ଓ ପ୍ରେମର ଏକ ଆନ୍ଦୋଳନ। ଆର୍ଟ ଅଫ୍ ଗିଭିଂ ଜୀବନ ସହିତ ଜ୍ଞାନର ବିକଶିତ କରିଥାଏ। ଗ୍ରାନଫ୍ ଏକବିଂଶ ଶତାବ୍ଦୀର ଆହ୍ୱାନ ଭାବେ ଜଳବାୟୁ ସଙ୍କଟ, ପରିବେଶ ଅବକ୍ଷୟ ଓ ଗଣବିନାଶର ଅସ୍ତ୍ର ଉପରେ ରୋକ ଲଗାଇବା ନେଇ ଗୁରୁତ୍ୱାରୋପ କରିଥିଲେ। ଗ୍ରାନଫ୍‌ଙ୍କୁ ଏହି ସମ୍ମାନ ପ୍ରଦାନ କରି କିସ୍ ନିଜକୁ ଧନ୍ୟ ମନେକରୁଛି ବୋଲି କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କିସ୍ ବିଶ୍ୱବିଦ୍ୟାଳୟ କୁଳସଚିବ ଡ. ପ୍ରଶାନ୍ତ କୁମାର ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ବହୁ ସଂଖ୍ୟାରେ କିଟ୍ ଓ କିସ୍‌ର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

## ଆୟଠୁ ଅଧିକ ସମ୍ପତ୍ତି ଠୁଳ ଅଭିଯୋଗ

# ପାରାଦୀପ ବନ୍ଦରର ମୁଖ୍ୟ ଯନ୍ତ୍ରୀଙ୍କ ବଢ଼ିଲା ଅଡୁଆ, ତଦନ୍ତ କରିବ ସିବିଆଇ

**ଭୁବନେଶ୍ୱର,୧୫/୧୧**
**ନ୍ୟୁଜ ବ୍ୟୁରୋ**




ଆୟଠୁ ଅଧିକ ସମ୍ପତ୍ତି ଠୁଳ କରିବା ଅଭିଯୋଗରେ ସିବିଆଇ ପଞ୍ଝାରେ ପଡ଼ିଥିବା ପାରାଦୀପ ବନ୍ଦରର ମୁଖ୍ୟ ଯାନ୍ତ୍ରିକ ଯନ୍ତ୍ରୀ ସରୋଜ କୁମାର ଦାସଙ୍କ ଅଡୁଆ ବଢ଼ିଛି। ୩ ବର୍ଷ ତଳେ ନୂଆଦିଲ୍ଲୀ ସିବିଆଇ ଅଧିକାରୀଙ୍କ ଯାଞ୍ଚ ବେଳେ ତାଙ୍କର ୧ କୋଟି ୩୧ ଲକ୍ଷ ଟଙ୍କାର ଆୟଠୁ ଅଧିକ ସମ୍ପତ୍ତି ଠାବ ହୋଇଥିଲା। ଏହି ମାମଲାର ତଦନ୍ତଭାର ଭୁବନେଶ୍ୱର ସିବିଆଇ ନେଇଛି । ସିବିଆଇ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି । ସିବିଆଇ ସୂତ୍ରରୁ ପ୍ରକାଶ ଯେ ସରୋଜ ୧୯୮୯ ମସିହାରୁ ପାରାଦୀପ ବନ୍ଦରରେ ଚାକିରି କରୁଛନ୍ତି। ଏହା ଭିତରେ ସେ ଭାରତର ଅନ୍ୟାନ୍ୟ ବନ୍ଦରରେ ମଧ୍ୟ ଯନ୍ତ୍ରୀ ଭାବେ କାର୍ଯ୍ୟ କରିଛନ୍ତି। ୨୦୧୯ ମସିହା ଜାନୁଆରୀରେ ମୁଖ୍ୟ ଯାନ୍ତ୍ରିକ ଯନ୍ତ୍ରୀ ଭାବେ ସେ ପୁଣି ପାରାଦୀପକୁ ଫେରିଥିଲେ। ୨୦୨୨ ଅଗଷ୍ଟ ଯାଏ ସରୋଜ ପାରାଦୀପରେ ଚାକିରି କରିଥିଲେ। ଏହି ଚାକିରି କାଳ ଭିତରେ ସେ ଏସବୁ କଳାଟଙ୍କା ଠୁଳ କରିଛନ୍ତି । କିଛି ବେନାମୀ ସମ୍ପତ୍ତି ମଧ୍ୟ ସଞ୍ଚିଛନ୍ତି। ୨୦୨୨ ମସିହା ଅଗଷ୍ଟ ମାସରେ ସିବିଆଇ ଦିଲ୍ଲୀ ଶାଖାର ଏସି-୧ ପକ୍ଷରୁ ତାଙ୍କ କଳା ସାମ୍ରାଜ୍ୟରେ ଚଢ଼ଉ କରାଯାଇଥିଲା। ଯାଞ୍ଚ ବେଳେ ସରୋଜ ଓ ତାଙ୍କ ପରିବାର ଲୋକଙ୍କ ହେପାଜତରୁ ପୁଳା ପୁଳା ସୁନା ଅଳଙ୍କାର ଓ ନଗଦ ଟଙ୍କା ସହ ବିଭିନ୍ନ କ୍ଷେତ୍ରରେ କରିଥିବା ନିବେଶର ପ୍ରମାଣ ମିଳିଥିଲା। ସେ ଆୟଠୁ ୩୩୭.୪୫ ପ୍ରତିଶତ ଅଧିକ ସମ୍ପତ୍ତି ଠୁଳ କରିଥିବା ସିବିଆଇ ଦର୍ଶାଇଥିଲା। ଗତ ସେପ୍ଟେମ୍ବର ୧୫ ତାରିଖରେ ତାଙ୍କ ବିରୋଧରେ ଆୟଠୁ ଅଧିକ ସମ୍ପତ୍ତି ଠୁଳ କରିଥିବା ନେଇ ପୁଣି ଅଭିଯୋଗ ହୋଇଥିଲା। ପ୍ରାଥମିକ ତଦନ୍ତରୁ ତାଙ୍କ ବିରୋଧରେ ପ୍ରମାଣ ମିଳିବାରୁ ଏହାର ତଦନ୍ତଭାର ଭୁବନେଶ୍ୱର ଶାଖାକୁ ଦିଆଯାଇଛି। ସିବିଆଇ ପକ୍ଷରୁ ଆରସି ୩୬(ଏ)/୨୫ରେ ଏକ ବିଧିବଦ୍ଧ ମାମଲା ରୁଜୁ କରାଯାଇଛି। ଏହି ମାମଲାର ତଦନ୍ତକାରୀ ଅଧିକାରୀ ଭାବେ ଇନ୍‌ସପେକ୍ଟର ଅନିଲ ମାନ ସରୋଜଙ୍କ ସମ୍ପତ୍ତିର ଛାନଭିନ୍ କରିବେ ।

## ପୂର୍ବାଞ୍ଚଳ ମେନୋପଜ୍ ସମ୍ମିଳନୀ ଉଦ୍‌ଘାଟିତ

# ସଚେତନତା ହିଁ ସଶକ୍ତିକରଣର ପ୍ରଥମ ପାହାଚ : ରାଜ୍ୟପାଳ

**ଭୁବନେଶ୍ୱର, ୧୫/୧୧**
**ନ୍ୟୁଜ ବ୍ୟୁରୋ**




ସଚେତନତା ହିଁ ସଶକ୍ତିକରଣର ପ୍ରଥମ ପାହାଚ ଏବଂ ପ୍ରକୃତ ସଶକ୍ତିକରଣ ହିଁ ମହିଳାଙ୍କୁ ମର୍ଯ୍ୟାଦା ପ୍ରଦାନ କରେ ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି କହିଛନ୍ତି। ଶନିବାର ଭୁବନେଶ୍ୱରଠାରେ ଓଡ଼ିଶା ମେନୋପଜ୍ ସୋସାଇଟି ଏବଂ ଓଡ଼ିଶା ଅବଷ୍ଟେଟ୍ରିସିଆନ୍ସ ଆଣ୍ଡ ଗାଇନେକୋଲୋଜିଷ୍ଟସ ଆସୋସିଏସନ (ଏଓଜିଓ)ଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ପୂର୍ବାଞ୍ଚଳ ମେନୋପଜ୍ ସମ୍ମିଳନୀ ୨୦୨୫କୁ ଉଦ୍‌ଘାଟନ କରି ରାଜ୍ୟପାଳ ଏହା କହିଛନ୍ତି। ଏହି ଅବସରରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଛନ୍ତି ଯେ, ମେନୋପଜ୍ ମହିଳାଙ୍କ ଦ୍ୱାରା ଅନୁଭବ କରାଯାଉଥିବା ଏକ ପ୍ରାକୃତିକ ଜୈବିକ ପରିବର୍ତ୍ତନ ହେଲେ ମଧ୍ୟ କଳଙ୍କ ଆଶଙ୍କା, ନୀରବତା ଏବଂ ଭୁଲ ବୁଝାମଣା ଯୋଗୁଁ ଏହା ପ୍ରାୟତଃ ଏଡ଼ାଇ ଦିଆଯାଇଥାଏ। ମେନୋପଜ୍ ସମ୍ବନ୍ଧରେ ଖୋଲାଖୋଲି ଆଲୋଚନା କରି ମହିଳାମାନଙ୍କୁ ବୈଜ୍ଞାନିକ ଜ୍ଞାନ ଏବଂ ସହାନୁଭୂତିଶୀଳ ଯତ୍ନ ପ୍ରଦାନ କରୁଥିବା ଡାକ୍ତର, ଗବେଷକ ଏବଂ ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ପ୍ରୟାସକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ରାଜ୍ୟପାଳ ଏହା ମଧ୍ୟ କହିଥିଲେ ଯେ, ଭାରତରେ ୪୫ ବର୍ଷରୁ ଅଧିକ ବୟସର ୧୩୦ନିୟୁତରୁ ଅଧିକ ମହିଳା ଅଛନ୍ତି ଯେଉଁମାନେ ମେନୋପଜ୍ ପରେ ସେମାନଙ୍କ ଜୀବନର ଏକ ତୃତୀୟାଂଶ ଭାଗ ଜୀବନ ଅତିବାହିତ କରନ୍ତି। ଏହି ପରିବର୍ତ୍ତିତ ଜନସଂଖ୍ୟାଗତ ପରିବର୍ତ୍ତନ ନୂତନ ଚ୍ୟାଲେଞ୍ଜ ଆଣିଥାଏ ଓ ବିଶେଷତଃ ସୁସ୍ଥ ଓ ଯତ୍ନଶୀଳ ସ୍ୱାସ୍ଥ୍ୟସେବା ପରିଧି ବଢ଼ାଇବାକୁ ନିଶ୍ଚିତ କରିବାରେ ଏକ ସୁଯୋଗ ପ୍ରଦାନ କରୁଛି। ମେନୋପଜର ବ୍ୟାପକ ପ୍ରଭାବକୁ ଗୁରୁତ୍ୱ ଦେଇ ରାଜ୍ୟପାଳ କହିଛନ୍ତି ଯେ ଏହା କେବଳ ଶାରୀରିକ ସ୍ୱାସ୍ଥ୍ୟ ନୁହେଁ ବରଂ ଭାବନାତ୍ମକ ଏବଂ ସାମାଜିକ ସୁସ୍ଥତାକୁ ମଧ୍ୟ ଏହା ପ୍ରଭାବିତ କରେ। ଅଷ୍ଟିଓପୋରୋସିସ୍, ହୃଦରୋଗ ଏବଂ ମାନସିକ ସ୍ୱାସ୍ଥ୍ୟ ଭଳି ଚିକିତ୍ସା ସମସ୍ୟା ଉପରେ ଧ୍ୟାନ ଦେବା ଆବଶ୍ୟକ ହେଲେ ମଧ୍ୟ ପରିବାର, କାର୍ଯ୍ୟକ୍ଷେତ୍ର ଏବଂ ସମାଜ ଏହି ପର୍ଯ୍ୟାୟରେ ମହିଳାମାନଙ୍କ ଭାବନାତ୍ମକ ଆବଶ୍ୟକତାକୁ ଚିହ୍ନଟ କରି ସମର୍ଥନ କରିବା ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ। ସମ୍ବେଦନଶୀଳତା ଏବଂ ବୁଝାମଣା ଏ କ୍ଷେତ୍ରରେ ଅର୍ଥପୂର୍ଣ୍ଣ ପରିବର୍ତ୍ତନ ଆଣିପାରେ ବୋଲି ରାଜ୍ୟପାଳ କହିଥିଲେ। ବ୍ୟାପକ ସଚେତନତା ସୃଷ୍ଟି ପାଇଁ ଆହ୍ୱାନ ଦେଇ ରାଜ୍ୟପାଳ ଭାରତୀୟ ମେନୋପଜ୍ ସୋସାଇଟିକୁ ଦେଶବ୍ୟାପୀ ଅଭିଯାନର ନେତୃତ୍ୱ ନେବାକୁ ପରାମର୍ଶ ଦେଇଥିଲେ ଯାହା ଦ୍ୱାରା ସମାଜର ପ୍ରତ୍ୟେକ ବର୍ଗ ମେନୋପଜକୁ ଉତ୍ତମ ଭାବେ ବୁଝିପାରିବେ। ମେନୋପଜକୁ ଏକ ଅନ୍ତ ଭାବରେ ନୁହେଁ ବରଂ ଶକ୍ତି, ଜ୍ଞାନ ଏବଂ ଉଦ୍ଦେଶ୍ୟ ଦ୍ୱାରା ଚିହ୍ନିତ ଜୀବନର ଏକ ନୂଆ ପର୍ଯ୍ୟାୟ ଭାବେ ଦେଖାଯିବା ଉଚିତ୍ ବୋଲି ସେ କହିଛନ୍ତି। ଓଡ଼ିଶା ମେନୋପଜ୍ ସୋସାଇଟି, ଏଓଜିଓ ଏବଂ ଅନ୍ୟ ଆୟୋଜକମାନଙ୍କୁ ଅଭିନନ୍ଦନ ଜଣାଇ ରାଜ୍ୟପାଳ କହିଛନ୍ତି ଯେ ସମ୍ମିଳନୀର ଥିମ୍ 'ମେନୋପଜରେ ଜ୍ଞାନ ଏବଂ ଯତ୍ନର ଅଗ୍ରଗତି' ସମୟୋଚିତ ଏବଂ ପ୍ରଭାବଶାଳୀ ଉପରେ ଆଲୋକପାତ କରି ଡିଜିଟାଲ ସ୍ୱାସ୍ଥ୍ୟ, ଟେଲିମେଡିସିନ୍ ଏବଂ ମାନସିକ ସୁସ୍ଥତା ଉପରେ ଧ୍ୟାନ କେନ୍ଦ୍ରିତ କରିବା ପଦକ୍ଷେପକୁ ସ୍ୱାଗତ କରି ରାଜ୍ୟପାଳ କହିଛନ୍ତି ଯେ ବିଶେଷ କରି ଗ୍ରାମାଞ୍ଚଳରେ ଏହି ଭଳି ଅଭିନବ ପଦକ୍ଷେପ ସ୍ୱାସ୍ଥ୍ୟ ଯତ୍ନର ଉପଲବ୍ଧତାକୁ ଉନ୍ନତ କରିପାରିବ। ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ ମେନୋପଜ୍ ସୋସାଇଟିର ଅଧ୍ୟକ୍ଷା ଅନିତା ଶାହା, ଓଡ଼ିଶା ମେନୋପଜ୍ ସୋସାଇଟିର ସଭାପତି ଅଭୟ କୁମାର ପଟ୍ଟନାୟକ, ଓଡ଼ିଶା ଅବଷ୍ଟେଟ୍ରିସିଆନ୍ସ ଆଣ୍ଡ ଗାଇନେକୋଲୋଜିଷ୍ଟସ ଆସୋସିଏସନର ଅଧ୍ୟକ୍ଷା ଡ. ସୁଜାତା ମିଶ୍ର ଏହି ଅବସରରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଆୟୋଜକ ଅଧ୍ୟକ୍ଷ ଡ. ଏଚ.ପି. ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଆୟୋଜକ ସମ୍ପାଦକ ଡ. ମୃତ୍ୟୁଞ୍ଜୟ ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

## ରୋଗୀଙ୍କ ସୁରକ୍ଷାକୁ ନେଇ ଉଠିଲା ପ୍ରଶ୍ନ

# କ୍ୟାପିଟାଲ ହସ୍ପିଟାଲର ନାହିଁ ଅଗ୍ନି ନିରାପତ୍ତା ଏନ୍‌ଓସି

**ଭୁବନେଶ୍ୱର ୧୫/୧୧**
**ନ୍ୟୁଜ ବ୍ୟୁରୋ**

କ୍ୟାପିଟାଲ ହସ୍ପିଟାଲ-ପିଜିଆଇଏମ୍‌ଇଆରକୁ ମିଳିନି ଅଗ୍ନି ନିରାପତ୍ତା ଏନ୍‌ଓସି । ରାଜଧାନୀର ପ୍ରମୁଖ ସରକାରୀ ହସ୍ପିଟାଲରେ ରୋଗୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ହେଲେ ରୋଗୀଙ୍କ ସୁରକ୍ଷା ପାଇଁ ଅଗ୍ନି ନିରାପତ୍ତା ସମ୍ପର୍କିତ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଛି। ହସ୍ପିଟାଲରେ ଦୈନିକ ଅଗ୍ନି ନିରାପତ୍ତା ଅଡିଟ୍ କରାଯାଉଛି। ଆଉ ନିଆଁ ମୁକାବିଲା ଲାଗି ସମସ୍ତ ଅଗ୍ନି ନିର୍ବାପକ ବ୍ୟବସ୍ଥା ରହିଛି ବୋଲି କହିଛନ୍ତି ହସ୍ପିଟାଲ କର୍ତ୍ତୃପକ୍ଷ। ସୂଚନା ଅନୁଯାୟୀ, ହସ୍ପିଟାଲରେ କ୍ୟୁଏସ୍ ସଂସ୍ଥା ପକ୍ଷରୁ ଫାୟାର ସେଫ୍ଟି ସୁପରଭାଇଜର ନିଯୁକ୍ତ କରାଯାଇଛି। ସୁପରଭାଇଜର ପ୍ରତି ମାସରେ କେଉଁ ସ୍ଥାନରେ ନିୟମିତ ଯାଞ୍ଚ କରାଯିବ, ସେନେଇ କାର୍ଯ୍ୟସୂଚୀ ପ୍ରସ୍ତୁତ କରୁଛନ୍ତି। ସେମାନେ ନିୟମିତ ୱାର୍ଡରେ ଯାଞ୍ଚ କରୁଛନ୍ତି । ଆଉ ଫାୟାର ଡ୍ରିଲ୍ କରାଯାଉଛି । ପିଜିଆଇଏମ୍‌ଇଆର ପକ୍ଷରୁ ନୂଆ ବିଲ୍ଡିଂରେ ଅଗ୍ନି ନିରାପତ୍ତା ପାଇଁ କର୍ମଚାରୀ ନିଯୁକ୍ତି ମଧ୍ୟ ହୋଇଛନ୍ତି । ବିଭିନ୍ନ ୱାଟର ପମ୍ପ ଓ ସବ୍ ଷ୍ଟେସନ ନିୟମିତ ଯାଞ୍ଚ ହେଉଛି। ପ୍ରତି ମାସରେ ଅଗ୍ନି ନିରାପତ୍ତା ବିଭାଗରୁ ଅଫିସର ଆସି ଅଗ୍ନି ନିରାପତ୍ତା ସମ୍ପର୍କିତ ସମସ୍ତ ସୁରକ୍ଷା ନେଇ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି। ବିଡିଏ ପକ୍ଷରୁ ଅଗ୍ନି ନିରାପତ୍ତା ନେଇ ସର୍ଭେ କରାଯିବା ପରେ ଅନୁମତି ପ୍ରଦାନ କରାଯାଇଛି। ହସ୍ପିଟାଲ ନିର୍ଦ୍ଦେଶକ ଡାକ୍ତର ରୂପଭାନୁ ମିଶ୍ର କହିଛନ୍ତି, ଆମର ହସ୍ପିଟାଲରେ ଅଗ୍ନି ନିରାପତ୍ତା ପାଇଁ ସମସ୍ତ ବ୍ୟବସ୍ଥା ରହିଛି । ନିୟମିତ ପ୍ରତି ସ୍ଥାନରେ ଯାଞ୍ଚ




କରାଯାଉଛି। ହସ୍ପିଟାଲରେ ସବୁ ସ୍ଥାନକୁ ପାଣି ପାଇପ୍ ଖଞ୍ଜା ଯାଇଛି। ଆଉ ସ୍ପ୍ରିଙ୍କଲ୍ ସହିତ ଅଗ୍ନି ନିର୍ବାପକ ସିଲିଣ୍ଡର ରଖାଯାଇଛି । କର୍ମଚାରୀ ସବୁଦିନ ଯାଞ୍ଚ କରୁଛନ୍ତି । ଆମକୁ ଏହି ବର୍ଷ ଶେଷ ସୁଦ୍ଧା ଅଗ୍ନି ନିରାପତ୍ତା ଏନ୍‌ଓସି ମିଳିବା ନେଇ ପଦକ୍ଷେପ ନିଆଯାଇଛି । କେନ୍ଦ୍ର ସରକାର ନିୟମିତ ହସ୍ପିଟାଲରେ ମକ୍ ଡ୍ରିଲ୍ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାର ମଧ୍ୟ ସରକାରୀ ହସ୍ପିଟାଲରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଆଉ ଅଗ୍ନି ନିରାପତ୍ତା ଏନ୍‌ଓସି ପ୍ରମାଣପତ୍ର ପ୍ରଦାନ କରିବାକୁ କୁହାଯାଇଛି ।

# ପୁଲିସ ପଞ୍ଝାରେ ଆନ୍ତଃରାଜ୍ୟ ବନ୍ଧୁକ ବେପାରୀ ଗ୍ୟାଙ୍ଗ : କାରବାଇନ ଓ ୫ ମାଉଜର ଜବତ

**ଭୁବନେଶ୍ୱର, ୧୫/୧୧**
**ନ୍ୟୁଜ ବ୍ୟୁରୋ**



ସ୍ପେଶାଲ କ୍ରାଇମ୍ ୟୁନିଟ୍ ହାତରେ ଆନ୍ତଃରାଜ୍ୟ ବନ୍ଧୁକ ବେପାରୀ ଗ୍ୟାଙ୍ଗର ୨ ସଦସ୍ୟ ଧରାପଡିଛନ୍ତି। ବଡ଼ ଲୁଟ୍ ପାଇଁ ଯୋଜନା କରିବା ବେଳେ ଗ୍ରାହକ ବେଶରେ ମାଡ଼ି ବସିଲା ପୁଲିସ। ଅଭିଯୁକ୍ତଙ୍କ ଠାରୁ ଗୋଟିଏ କାରବାଇନ ଓ ୫ ବନ୍ଧୁକ ଜବତ ହୋଇଛି। କମିଶନରେଟ୍ ପୁଲିସର ସ୍ପେଶାଲ କ୍ରାଇମ୍ ୟୁନିଟ (ଏସସିୟୁ) ଏକ ଆନ୍ତଃରାଜ୍ୟ ବନ୍ଧୁକ ବେପାରୀ ସିଣ୍ଡିକେଟର ପର୍ଦ୍ଦାଫାଶ କରିଛି। ବିହାରର ଦୁଇ ଜଣ ବେପାରୀ ଭୁବନେଶ୍ୱରକୁ ବନ୍ଧୁକ ବିକିବା ପାଇଁ ଆସିଥିବା ବେଳେ ସ୍ପେଶାଲ କ୍ରାଇମ୍ ୟୁନିଟ୍ ଗ୍ରାହକ ବେଶରେ ମାଡ଼ି ବସିଛି। ସେମାନଙ୍କ ନିକଟରୁ ଗୋଟିଏ କାରବାଇନ୍, ୫ଟି ମାଉଜର, ୯ଟି ଜୀବନ୍ତ ଗୁଳି ସମେତ ୨ଟି ମୋବାଇଲ୍ ଜବତ ହୋଇଛି। ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ଖଗାରିଆ ଜିଲ୍ଲାର ଦିବ୍ୟାଂଶୁ କୁମାର ଓ ଚନ୍ଦନ କୁମାର। ସୂଚନା ଥାଉକି, କଳାବଜାରୀ ମୂଲ୍ୟ ଅନୁସାରେ ଗୋଟିଏ କାରବାଇନ ଦେଢ଼ ଲକ୍ଷରୁ ଦୁଇ ଲକ୍ଷ ହେବ। କିନ୍ତୁ ଡିସିପି (ଏସସିୟୁ) ଅନୁପ କାନୁନଗୋ ନିଜେ ବନ୍ଧୁକ ବେପାରୀକୁ ଫୋନ କରିଥିଲେ। ଗୋଟିଏ କାରବାଇନ ବନ୍ଧୁକ କିଣିବା ପାଇଁ ୫ ଲକ୍ଷ ଟଙ୍କା ଦେବେ ବୋଲି ଡିଲ୍ କରିଥିଲେ। ଏହି ପ୍ରଲୋଭନରେ ପଡ଼ି ୨ ବନ୍ଧୁକ ବେପାରୀ ଶୁକ୍ରବାର ରାତିରେ ଖାରବେଳନଗର ୟୁନିଟ-୩ ଅଞ୍ଚଳକୁ ଯାଇଥିଲେ। ସେଠାରୁ ପୁଲିସ ୨ ବେପାରୀଙ୍କୁ କାବୁ କରିଥିଲା। ସେମାନେ ବିହାର ମୁଙ୍ଗେରରୁ ବନ୍ଧୁକ ଆଣି ବେପାର କରୁଥିବା ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି।